READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

**ଆବଶ୍ୟକ**

ଭୁବନେଶ୍ୱରର ସବୁ ଅଞ୍ଚଳରେ ନିୟମିତ ପ୍ରକାଶ ପାଉଥିବା ଖବରକାଗଜ 'ଏକମାତ୍ର'ର ସର୍କୁଲେସନ ପାଇଁ ଜଣେ ଯୋଗ୍ୟ ବ୍ୟକ୍ତିଙ୍କ ଆବଶ୍ୟକତା ରହିଛି । ଯେଉଁ ମାନଙ୍କର ଏ କ୍ଷେତ୍ରରେ ଯଥେଷ୍ଟ ଅଭିଜ୍ଞତା ରହିଛି ସେମାନେ ତୁରନ୍ତ ଯୋଗାଯୋଗ କରିବାକୁ ଅନୁରୋଧ ।

E-mail: ekamaatra@gmail.com / Cell: 9338225930

ବର୍ଷ-୫ ସଂଖ୍ୟା-୦୩ ୦୧ - ୦୭ ଫେବୃଆରୀ, ୨୦୨୧ ଭୁବନେଶ୍ୱର Monday Weekly VOL-5 ISSUE-03 01st - 07th FEBRUARY, 2021 BHUBANESWAR ₹ 5/- (8 Pages)

### ମନ୍ତ୍ରିମଣ୍ଡଳ ଅଦଳବଦଳ ନେଇ ସମ୍ଭାବନା ଦେଖାଦେଲାଣି

# କେଉଁ ପାଣି କୁଆଡେ ଯାଉଛି !

**ଭୁବନେଶ୍ୱର, (ତାରକ ମହାନ୍ତି) :** କରୋନା ସଂକ୍ରମଣ ଶୂନ୍ ମୁହାଁ ହେଉଥିଲା ବେଳେ ବିଜୁ ଜନତା ଦଳର ନେତାମାନଙ୍କ ମଧ୍ୟରେ ଥିବା ଗୋଷ୍ଠୀକନ୍ଦଳ ବଢ଼ି ବଢ଼ି ଚାଲିଥିବା ସୂଚନା ମିଳିଛି । ସାଙ୍ଗଠନିକ ସ୍ତରରେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳର ଭାବମୂର୍ତ୍ତୀକୁ ବଞ୍ଚାଇ ରଖିବା ପାଇଁ ଉଦ୍ୟମ କରିବା ସହିତ ଅନେକ ନେତାଙ୍କୁ ଦଳର ବିଭିନ୍ନ ଦାୟିତ୍ୱରେ ଥଇଥାନ କରିଚାଲିଛନ୍ତି । ତେବେ କିଛି ମନ୍ତ୍ରୀଙ୍କ ବିରୋଧରେ ଅଭିଯୋଗ ଥିବାରୁ ସେମାନଙ୍କୁ ମନ୍ତ୍ରିମଣ୍ଡଳରୁ ତଡି ଦେଇ ନୂଆ ବିଧାୟକଙ୍କୁ ମନ୍ତ୍ରୀ କରିବାର ମସୁଧା ରଖିଥିବା କଥା ଉଠୁଛି । ଦଳର ଭାବମୂର୍ତ୍ତିକୁ ନଷ୍ଟ କରୁଥିବା କିଛି ମନ୍ତ୍ରୀ ଓ ନେତାଙ୍କୁ କିଭଳି ସାବାଡ କରାଯିବ ସେ ନେଇ ମଧ୍ୟ ରଣନୀତି ପ୍ରସ୍ତୁତି ଚାଲିଛି । ଯେଉଁଥିପାଇଁ ତୃତୀୟ ମହଲାଠୁ ଆରମ୍ଭ କରି ନବୀନ ନିବାସ ପର୍ଯ୍ୟନ୍ତ କସରତ ଆରମ୍ଭ ହୋଇଛି । ବିଜେଡିର କିଛି ନେତା ଏନେଇ ଭିତିରିଆ ଖବର ପାଇବା ପରେ ଏବେ ମୁଖିଆଙ୍କୁ ଭେଟିବାକୁ ଲଗାଇଛନ୍ତି । ଦଳ ଭିତରେ ଅସନ୍ତୋଷ ଭିତିରିଆ କୁହୁଳିଥିଲେ ବି କଥା ପଦାକୁ ନ ଆସିବା ପାଇଁ ଏହା ଉପରେ ଶୀତଳ ପ୍ରଲେପ ଲଗାଇ ଦିଆଯାଉଛି । ଦଳରେ ଥିବା କିଛି ଅସନ୍ତୁଷ୍ଟ ନେତା ଓ ପୂର୍ବରୁ ମନ୍ତ୍ରୀପଦ ପାଇପାରିନଥିବା କିଛି ବିଧାୟକ ଖୋଲାଖୋଲି ନହେଲେ ବି ଜଣେ ଅନ୍ୟ ଜଣଙ୍କ ବିରୁଦ୍ଧରେ ବାହାରେ ଚର୍ଚ୍ଚା କରୁଛନ୍ତି । ମନ୍ତ୍ରୀ ପଦ ପାଇଥିବା ଦୁଇ ଟାଣୁଆ ନେତାଙ୍କ ବିରୁଦ୍ଧରେ ହତ୍ୟାକାଣ୍ଡ ଭଳି ଜଘନ୍ୟ ଅଭିଯୋଗ ଆସିଥିଲେ ବି ଦଳ ମୁଖିଆ କାହିଁକି ଏଯାଏଁ ଅଭିଯୋଗ ଆଧାରରେ କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ତାହାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି । ବିଶ୍ୱସ୍ତ ସୂତ୍ରରୁ ସୂଚନା ମୁତାବକ ଆବଶ୍ୟକ ପଡିଲେ ଦଳର ଭାବମୂର୍ତ୍ତିକୁ ବଞ୍ଚାଇବାକୁ ଯାଇ ମୁଖ୍ୟମନ୍ତ୍ରୀ ମୋ ସରକାର ଓ ୫-ଟି'କୁ ସାଧାରଣ ଲୋକଙ୍କ ନିକଟରେ ସଠିକ୍ ଭାବେ ପହଞ୍ଚାଇବା ପାଇଁ ଚେଷ୍ଟା ଅବ୍ୟାହତ ରଖିଛନ୍ତି । ଯେଉଁଥିପାଇଁ ମନ୍ତ୍ରିମଣ୍ଡଳରେ ଅଦଳବଦଳ ହେବା ନିଶ୍ଚିତ ମନେ ହେଉଛି । ସ୍ୱଚ୍ଛତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ନିଜ ଦଳର ଯେକୌଣସି ନେତାଙ୍କୁ କ୍ଷମତାଠାରୁ ଦୂରରେ ରଖିବା ପାଇଁ ନିଷ୍ପତ୍ତି ନେଇପାରନ୍ତି । ତେଣୁ ଆଗକୁ ଦଳୀୟ କନ୍ଦଳରୁ ଦଳକୁ ବଞ୍ଚାଇବାକୁ କିଭଳି କାର୍ଯ୍ୟାନୁଷ୍ଠାନ ନିଆଯିବ ତାହା ଦେଖିବାକୁ ବାକି ଅଛି । ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମହଲରେ ବିଜେଡିର ଭିତିରି କନ୍ଦଳକୁ ନେଇ ନାନା ଗୁଞ୍ଜରଣ ସୃଷ୍ଟି ହେଲାଣି । ➤ ପୃ-୬

# ସରକାର ଦେଇଥିବା ପ୍ରସ୍ତାବ ଏବେ ବି ବଳବତ୍ତର



**ନୂଆଦିଲ୍ଲୀ :** ସଂସଦର ବଜେଟ୍ ଅଧିବେଶନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ବସିଥିଲା । ବୈଠକରେ କୃଷି ଆଇନକୁ ନେଇ ପ୍ରଧାନମନ୍ତ୍ରୀ ମୋଦି ବଡ ବୟାନ ଦେଇଛନ୍ତି । ସେ କହିଛନ୍ତି, ତାଙ୍କ ସରକାର କୃଷି ଆଇନକୁ ୧୮ ମାସ ଯାଏ ସ୍ଥଗିତ ରଖିବାକୁ ଚାଷୀମାନଙ୍କୁ ଯେଉଁ ପ୍ରସ୍ତାବ ଦେଇଥିଲା, ସେଥିରେ ଏବେ ବି କାଏମ ରହିଛନ୍ତି । କୃଷି ଆଇନକୁ ନେଇ ଚାଷୀମାନେ ଦୀର୍ଘଦିନ ହେଲା ଆନ୍ଦୋଳନ କରୁଛନ୍ତି । ସରକାର ଓ ଚାଷୀଙ୍କ ମଧ୍ୟରେ ୧୧ଥର ସମାଧାନର ବାଟ ବାହାର କରିବାକୁ ବୈଠକ ହୋଇଥିଲେ ହେଁ ନିଷ୍କର୍ଷ ବାହାରି ପାରିନାହିଁ । ତେବେ ୧୦ମ ରାଉଣ୍ଡ ବୈଠକ ବେଳେ ଚାଷୀମାନେ କୃଷି ଆଇନକୁ ପ୍ରତ୍ୟାହାର କରିବାକୁ ଦାବି ଧରିବାରୁ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାର ଏହାକୁ ୧୮ମାସ ଯାଏ ସ୍ଥଗିତ ରଖିବାକୁ ସରକାର ରାଜି ଥିବା ପ୍ରସ୍ତାବ ଦେଇଥିଲେ । କିନ୍ତୁ ୧୧ତମ ବୈଠକରେ ଚାଷୀମାନେ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ । ଏହାପରେ ଜାନୁଆରେ ୨୬ରେ ଚାଷୀମାନେ ଟ୍ରାକ୍ଟର ରାଲି କରୁଥିବା ବେଳେ ବ୍ୟାପକ ହିଂସାକାଣ୍ଡ ଘଟିଥିଲା । ସ୍ଥିତିକୁ ଦେଖି ସରକାର ନିଜର ସ୍ଥଗିତ ପ୍ରସ୍ତାବକୁ ମଧ୍ୟ କାର୍ଯ୍ୟକାରୀ କରିବେ ନାହିଁ ➤ ପୃ-୬


### କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ରାଷ୍ଟ୍ର ମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ପତ୍ର

# ଓଡ଼ିଶାର ପ୍ରଚୀନ କାର୍ତିରାଜୀକୁ ସୁରକ୍ଷିତ ରଖିବା ପାଇଁ ପଦକ୍ଷେପ ନିଆଯାଉ : ଧର୍ମେନ୍ଦ୍ର



**ନୂଆଦିଲ୍ଲୀ/ଭୁବନେଶ୍ୱର :** ଦେଶର ସମୃଦ୍ଧ ସଂସ୍କୃତି ଏବଂ ଐତିହ୍ୟ ଭାସ୍କର୍ଯ୍ୟର ସଂରକ୍ଷଣ କରିବା ଦିଗରେ ଭୁବନେଶ୍ୱରର ଏକାମ୍ର କ୍ଷେତ୍ର ବିଶେଷ ଭାବରେ ପ୍ରଭୁ ଲିଙ୍ଗରାଜ ଓ ଶୁକଶାରୀ ମନ୍ଦିର ଚତୁଃପାର୍ଶ୍ୱରେ ଥିବା ଶତାବ୍ଦୀ ଶତାବ୍ଦୀର ପ୍ରଚୀନ ମନ୍ଦିରର ସୁରକ୍ଷା ଓ ପୁନଃଉଦ୍ଧାର ପାଇଁ ତୁରନ୍ତ ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ ଶନିବାର କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ରାଷ୍ଟ୍ର ମନ୍ତ୍ରୀ ପ୍ରହ୍ଲାଦ ସିଂହ ପଟେଲଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହାସହ ଭାରତୀୟ ପ୍ରତ୍ନତତ୍ୱ ବିଭାଗ (ଏଏସଆଇ)ର ବିଶେଷଜ୍ଞ ଦଳକୁ ଭୁବନେଶ୍ୱର ପଠାଇବାକୁ ନିର୍ଦ୍ଦେଶ ଦେବା ସହ ଏହି କ୍ଷେତ୍ରର ଖନନ କରି ବିସ୍ତୃତ ଭାବରେ ଗବେଷଣା କରିବା ଦିଗରେ ହସ୍ତକ୍ଷେପ କରିବାକୁ ଶ୍ରୀ ପ୍ରଧାନ ପତ୍ର ଜରିଆରେ ଅନୁରୋଧ କରିଛନ୍ତି । ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ନିକଟରେ ଏଏସଆଇର ଭୁବନେଶ୍ୱର ଶାଖା ଦ୍ୱାରା ମନ୍ଦିରମାଳିନୀ ଭୁବନେଶ୍ୱର ସହରର ଏକାମ୍ର କ୍ଷେତ୍ରରେ ଥିବା ଶୁକଶାରୀ ମନ୍ଦିର ନିକଟ ୨ ଏକର ଜମିରେ ଖନନ କାର୍ଯ୍ୟ ଚାଲିଥିବା ବେଳେ ଶାରୀ ମନ୍ଦିରର ଉତର-ପଶ୍ଚିମ କୋଣରେ ଥିବା ସୋମବଂଶୀ ସମୟର ଦଶମ ଶତାବ୍ଦୀ ଏବଂ ଏକାଦଶ ଶତାବ୍ଦୀର ଅମୂଲ୍ୟ ଭଗ୍ନାବଶେଷ ବାହାରିଛି । ଏଏସଆଇ ନିକଟରେ ➤ ପୃ-୬

# ଜୁନ୍ ସୁଦ୍ଧା ଆସିବ ଭାରତର ତୃତୀୟ କୋଭିଡ୍ ଟିକା




**ନୂଆଦିଲ୍ଲୀ :** କୋଭିଡ୍ ମହାମାରୀର ଭୟ ମଧ୍ୟରେ କାଳାତିପାତ କରୁଥିବା ଦେଶବାସୀଙ୍କ ପାଇଁ ଏକ ଶୁଭଖବର । ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଆସନ୍ତା ଜୁନ୍ ସୁଦ୍ଧା ଆଉ ଏକ କୋଭିଡ୍ ଟିକା 'କୋଭାଭାକ୍ସ' ଲଞ୍ଚ୍ କରିବାକୁ ଯାଉଛି । ଏହା କହିଛନ୍ତି, ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ମୁଖ୍ୟ ନିର୍ବାହୀ ଅଧିକାରୀ (ସିଇଓ) ଅଦର ପୁନାୱାଲା । ସେ ଶନିବାର କହିଛନ୍ତି, ଏହି କମ୍ପାନୀ ଭାରତରେ ନୋଭାଭାକ୍ସ ସହ ଭାଗିଦାରୀରେ ଆଉ ଏକ କୋଭିଡ୍ ଟିକା କୋଭାଭାକ୍ସ ପ୍ରସ୍ତୁତ କରି ଏହାର ପରୀକ୍ଷା ପାଇଁ ଆବେଦନ କରିଛି । ଜୁନ୍ ୨୦୨୧ ସୁଦ୍ଧା ଏହି ନୂଆ କୋଭିଡ୍ ଟିକା ବଜାରକୁ ଆସିବ ବୋଲି ଆଶା କରାଯାଉଛି । ଉଲ୍ଲେଖଯୋଗ୍ୟ ନୋଭାଭାକ୍ସ କମ୍ପାନୀ ଏଥିପୂର୍ବରୁ ଦର୍ଶାଇଥିଲା ଯେ ଏହାର କୋଭିଡ୍ ଟିକା ବ୍ରିଟେନ୍‌ରେ ପରୀକ୍ଷା କରାଯାଇ ୮୯.୩ ପ୍ରତିଶତ ଫଳପ୍ରଦ ହୋଇଥିବା ପ୍ରମାଣିତ ହୋଇଛି । ଏହି ଟିକା ମଧ୍ୟ ବ୍ରିଟେନ୍‌ରେ ଚିହ୍ନଟ ହୋଇଥିବା ନୂଆ କୋଭିଡ୍ ଭୂତାଣୁର ସଂକ୍ରମଣ ରୋକିବାରେ ସହାୟକ ହେଉଛି । ନୋଭାଭାକ୍ସ କମ୍ପାନୀ ପକ୍ଷରୁ ଏହା ଘୋଷଣା କରାଯିବାର ଦିନକ ପରେ ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ମୁଖ୍ୟ ନୂଆ କୋଭିଡ୍ ଟିକା 'କୋଭାଭାକ୍ସ' ସମ୍ପର୍କରେ ସୂଚନା ଦେଇଛନ୍ତି । ପୁନାୱାଲା ଟ୍ୱିଟରରେ ଉଲ୍ଲେଖ କରିଛନ୍ତି, ନୋଭାଭାକ୍ସ ସହ ଭାଗିଦାରୀରେ ପ୍ରସ୍ତୁତ ହେଉଥିବା କୋଭାଭାକ୍ସ ଖୁବ୍ ଫଳପ୍ରଦ ହେଉଛି । ନୋଭାଭାକ୍ସ ଇତି ମଧ୍ୟରେ ୬ଟି କୋଭିଡ୍ ଟିକା ଉତ୍ପାଦନ ସ୍ଥଳରେ ବିପୁଳ ପରିମାଣର ଟିକା ମହଜୁଦ୍ ପାଇଁ ପ୍ରସ୍ତୁତି ଚଳାଇଛି । ୭ଟି ରାଷ୍ଟ୍ରରେ ୮ଟି କାରଖାନାରେ ଏହି ଟିକା ଉତ୍ପାଦନ କରାଯିବ । ➤ ପୃ-୬

## ବକ୍ରବାଣୀ




ନିଜ ଢୋଲ ନିଜେ ବଜାଏ କେତେ
ଲୁଟି ଖାଇଗଲେ ପାଇଲେ ଯେତେ
ଦେଉଳ ସଜାରେ ପେଟ କି ପୁରେ
ଗରୀବ ବାପୁଡା ଭୋକରେ ମରେ
ସବୁ ତ ଆମର ବିଶ୍ୱସ୍ତରୀୟ
ବିକାଶ ପାଇଁକି ନ ଥାଏ ଲୟ
ନିର୍ମଳ ଶାସନ ଡିଣ୍ଡିମ ବାଜେ
ଖଣି ଚୋର ଏଠି ମହାତ୍ମା ସାଜେ
କହିବା କାହାକୁ ଶୁଣିବ କିଏ
ଜିୟଲ ଖଟିବ କହିବ ଯିଏ ।

—ଟୁଟୁ

### ପୁରାତନ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

# 'ମୋ ସ୍କୁଲ କାର୍ଯ୍ୟକ୍ରମ'ର ସୁଯୋଗ ନିଅ



**ଭୁବନେଶ୍ୱର :** 'ବିଦ୍ୟାଳୟ ସଭିଙ୍କ ପାଇଁ ଏକ ସ୍ମୃତି । ଏହାକୁ ସତେଜ ରଖ, ପରିବାର ଭଳି ଯତ୍ନ ନିଅ ଓ ତାକୁ ପୋଷ୍ୟ ଭାବେ ଗ୍ରହଣ କର ।' ପ୍ରଥମେ କେନ୍ଦ୍ରମନ୍ତ୍ରୀ, ବିଚାରପତି, ସାଂସଦ ଓ ବିଧାୟକଙ୍କ ପରେ ଏବେ ପୁରାତନ ଛାତ୍ରଛାତ୍ରୀଙ୍କୁ ଏଭଳି ଢଙ୍ଗରେ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ମୃତି ବିଜଡ଼ିତ ନିଜର ପ୍ରିୟ ସ୍କୁଲ୍‌ର ଉନ୍ନତି ପାଇଁ ଏବେ ସୁଯୋଗ ସୃଷ୍ଟିହୋଇଛି । ରାଜ୍ୟ ସରକାରଙ୍କ 'ମୋ ସ୍କୁଲ' କାର୍ଯ୍ୟକ୍ରମ ସୁଯୋଗ ଦେଇଛି । ପୁରାତନ ଛାତ୍ରଛାତ୍ରୀମାନେ ଏଦିଗରେ ଆଗେଇ ଆସିବା ଦରକାର । କାରଣ ବିଦ୍ୟାଳୟ ହେଉଛି ସମସ୍ତଙ୍କ ପାଇଁ ସ୍ମୃତିର ସନ୍ତକ । ଏହାର ଅବଦାନକୁ କେବେ ବି ଭୁଲିହେବ ନାହିଁ । ଆମେ ଏବେ ଯେଉଁଠି ପହଞ୍ଚିଛୁ ତାହା କେବଳ ସେହି ସ୍କୁଲପାଇଁ ସମ୍ଭବ ହୋଇଛି । ତେଣୁ ସ୍କୁଲର ଉନ୍ନତି ହେବା ଦରକାର । ପରିବାର ଭଳି ଏହାର ମଧ୍ୟ ଯତ୍ନନେବା ଆମ୍ଭ ସଭିଙ୍କର ଦାୟିତ୍ୱ । ଏହାଦ୍ୱାରା ସ୍କୁଲ ସହିତ ଥିବା ଆମ ସମସ୍ତଙ୍କର ଭାବଗତ ବନ୍ଧନ ଅତୁଟ ରହିପାରିବ । ବିଦ୍ୟାଳୟର ଉନ୍ନତି ସାଙ୍ଗକୁ ଶୈକ୍ଷିକ ବାତାବରଣ ବି ସମ୍ଭବ ହେବ । ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟିପାଇଁ ଆମ ଭିତରେ ସାମର୍ଥ୍ୟ ରହିଛି । ତାହାର ପ୍ରତିଦାନ ଦେବା ପାଇଁ ଆଜି ସମୟ ଆସିଛି । ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଆମର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିଛି । ସମାଜ ପ୍ରତି ଉତ୍ତରଦାୟିତ୍ୱକୁ ଠିକ୍ ଭାବରେ ନିର୍ବାହ କରିବା ପାଇଁ ମାର୍ଗ ଦେଖାଇଛି । ରାଜ୍ୟ ସରକାରଙ୍କର ➤ ପୃ-୬

# ତେଲ ଦର ନ କମିଲେ ୧୫ରେ ଓଡ଼ିଶା ବନ୍ଦ : ନିରଞ୍ଜନ





**ବ୍ରହ୍ମପୁର :** ରାଜ୍ୟରେ ନବୀନ ସରକାର, କେନ୍ଦ୍ରରେ ମୋଦୀ ସରକାର ଦେଶର ଜନସାଧାରଣଙ୍କୁ ପ୍ରତାରିତ କରିଛନ୍ତି । ଦେଶରେ କେବଳ କଂଗ୍ରେସ ସମୟରେ ହିଁ ଯାହା ଉନ୍ନତି ହୋଇଛି । ରାଜ୍ୟ ଓ କେନ୍ଦ୍ର ସରକାର କେବଳ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି । ବହୁ ବର୍ଷ ଧରି କେନ୍ଦ୍ର ଓ ରାଜ୍ୟ ସରକାର ଲୋକମାନଙ୍କୁ ଠକି ଚାଲିଛନ୍ତି । ବେଶୀ ସମୟ ପର୍ଯ୍ୟନ୍ତ ଏଭଳି ସ୍ଥିତି ରହିବନାହିଁ । ଖୁବ୍‌ଶୀଘ୍ର କଂଗ୍ରେସ ପୁଣିଥରେ ଶାସନକୁ ଫେରିବ ବୋଲି ଜାତୀୟ କଂଗ୍ରେସର ସମ୍ପାଦକ ତଥା ଓଡ଼ିଶା କଂଗ୍ରେସ ପ୍ରଭାରୀ ଡ. ଚେଲ୍ଲା କୁମାର କହିଛନ୍ତି । ଶନିବାର ଖଲ୍ଲିକୋଟ କଲେଜ ଖେଳପଡ଼ିଆ ପରିସରରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳନ ଅବସରରେ ଚେଲ୍ଲା କୁମାର ଏହା କହିଛନ୍ତି । ଗତ ୨୧ବର୍ଷର ବିଜେଡି ଶାସନକାଳରେ କୌଣସି ଜଳସେଚନ ପ୍ରକଳ୍ପ ହୋଇନି । କଂଗ୍ରେସ ଶାସନ କାଳରେ ହିଁ ଋଷିକୁଲ୍ୟା, ବାହୁଦା, ଡହ, ଜଳସେଚନ ପ୍ରକଳ୍ପ ହୋଇଛି । କଂଗ୍ରେସ ସମୟରେ ହିଁ ଗୋପାଳପୁର ଠାରୁ ମୁମ୍ବାଇ ରେଳପଥ ପ୍ରସ୍ତାବ, ବ୍ରହ୍ମପୁର ଠାରୁ ସମ୍ବଲପୁର ରେଳପଥ, ଗଞ୍ଜାମ ଜିଲ୍ଲାରେ ରେଳଡବା ଫ୍ୟାକ୍ଟ୍ରି ନିର୍ମାଣ ପ୍ରସ୍ତାବ ଥିଲା । ବିଜେପି, ବିଜେଡି ସରକାର ଏହି ➤ ପୃ-୬




### ଫେବୃଆରୀ ପାଇଁ ରାଜ୍ୟର କରୋନା ଗାଇଡ୍‌ଲାଇନ

# ବିବାହ, ସଭାରେ ସର୍ବାଧିକ ୫୦୦ ଲୋକଙ୍କୁ ଅନୁମତି



**ଭୁବନେଶ୍ୱର :** କରୋନା ଭାଇରସ ମହାମାରୀକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଫେବୃଆରୀ ମାସ ପାଇଁ ଗାଇଡଲାଇନ ଜାରି କରିଛନ୍ତି । ଫେବୃଆରୀ ୧ ରୁ ୨୮ ଯାଏଁ ଜାରି ରହିବ ଏହି ଗାଇଡଲାଇନ । ନୂଆ ଗାଇଡଲାଇନ ଅନୁସାରେ କଣ୍ଟେନମେଣ୍ଟ ଜୋନ୍ ଅଞ୍ଚଳରେ ଲକ୍‌ଡାଉନ୍ ଜାରି କରାଯାଇପାରିବ । ତେବେ କଣ୍ଟେନମେଣ୍ଟ ଜୋନ୍ ବାହାରେ କିପରି ଗତିବିଧି ରହିବ ସେ ନେଇ ଗାଇଡଲାଇନରେ ସ୍ପଷ୍ଟ ସୂଚନା ଦିଆଯାଇଛି । ଗୋଟିଏ ପକ୍ଷରେ ଫେବୃଆରୀରେ ସ୍କୁଲ ଓ କଲେଜ ଖୋଲିବା ନିଷ୍ପତ୍ତି ଯଥାକ୍ରମେ ଗଣଶିକ୍ଷା ବିଭାଗ ଓ ଉଚ୍ଚଶିକ୍ଷା ବିଭାଗ ଉପରେ ଛଡା ଯାଇଥିବା ବେଳେ ଫେବୃଆରୀ ୧ରୁ ଅଙ୍ଗନବାଡି କେନ୍ଦ୍ର ଖୋଲାଯିବ ବୋଲି କୁହାଯାଇଛି । ଏହାସହ ଅନ୍ତିମକ୍ରିୟା ଏବଂ ବିବାହ ପାଇଁ ଯୋଗଦାତାଙ୍କ ସଂଖ୍ୟାକୁ ରାଜ୍ୟ ସରକାର ୫୦୦କୁ ବୃଦ୍ଧି କରିଛନ୍ତି । ଗତ ମାସରେ ଏହା ୧୦୦ରେ ସୀମିତ ଥିଲା । ଏବେ ସାମାଜିକ, ଧାର୍ମିକ, ରାଜନୈତିକ, କ୍ରୀଡା ସମାବେଶପାଇଁ ମଧ୍ୟ ୫୦୦ ଜଣଙ୍କୁ ଅନୁମତି ମିଳିଛି । ଏନେଇ ସ୍ଥାନୀୟ ପ୍ରଶାସନ ଠାରୁ ଅନୁମତି ନେବାକୁ ପଡିବ । ତେବେ ବନ୍ଦ କୋଠରୀ ମଧ୍ୟରେ ୫୦% ଲୋକଙ୍କୁ ନେଇ କାର୍ଯ୍ୟକ୍ରମ ଚାଲିବା ସହ ସମସ୍ତ କରୋନା କଟକଣା ପାଳନ କରିବାକୁ ସରକାର କହିଛନ୍ତି । ଅନ୍ତର୍ଜାତୀୟ ବିମାନ ସେବା ଆରମ୍ଭ ହେବା ନେଇ ବେସାମରିକ ବିମାନ ଚଳାଚଳ / ଗୃହ ମନ୍ତ୍ରଣାଳୟ ନିଷ୍ପତ୍ତି ନେବେ । ଅବରୋଧ ଅଞ୍ଚଳର ସୀମା ଜିଲ୍ଲାପାଳ ଓ ସ୍ଥାନୀୟ କର୍ତ୍ତୃପକ୍ଷ ସ୍ଥିର କରିବା ସହ ଖୋଲା ସ୍ଥାନରେ ସମସ୍ତଙ୍କୁ ସାମାଜିକ ଦୂରତା ମାନିବାକୁ କୁହାଯାଇଛି । ଶିକ୍ଷାନୁଷ୍ଠାନ ଖୋଲିବା ନେଇ ଗୁରୁତ୍ୱପୂର୍ଣ୍ଣ ସୂଚନା ଦିଆଯାଇଛି । ଡିସେମ୍ବର ପହିଲାରୁ ରାଜ୍ୟର ସମସ୍ତ ମେଡିକାଲ କଲେଜ ଖୋଲିଯାଇଛି । ପୂର୍ବରୁ ଡିସେମ୍ବର ଶେଷ ପର୍ଯ୍ୟନ୍ତ ସ୍କୁଲ ଖୋଲିବ ନାହିଁ ବୋଲି ଘୋଷଣା ହୋଇଥିବା ବେଳେ ଜାନୁଆରୀରେ ମଧ୍ୟ ସ୍କୁଲ ଖୋଲିନଥିଲା । ହେଲେ ଫେବୃଆରୀ ମାସ ପାଇଁ ରାଜ୍ୟରେ ସ୍କୁଲ ଖୋଲିବା ନେଇ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେବ ବୋଲି କୁହାଯାଇଛି । ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଖୋଲିବା ପାଇଁ ଏହା ଅଧିନରେ ଥିବା ଶିକ୍ଷାନୁଷ୍ଠାନ ସମ୍ପର୍କରେ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେବ ବୋଲି ଗାଇଡଲାଇନରେ ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ସପ୍ତାହର ପ୍ରଥମ ୩ ଦିନ ଓ ଶେଷ ୨ ଦିନ ଅନୁକୂଳ ନୁହେଁ। କାର୍ଯ୍ୟାଳୟରେ ସଫଳତା ମିଳିବ। ଜୀବନ ସାଥିଙ୍କର ସ୍ୱାସ୍ଥ୍ୟରେ ଅବନତି ଘଟିବ। ମଙ୍ଗଳବାର ଦିନ ହନୁମାନ ଚାଳିଶା ପାଠ କଲେ ଅନେକ ପରିମାଣରେ ରିଷ୍ଟ ଖଣ୍ଡିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ।

**ବୃଷ** ଘରବାଡି କ୍ରୟ କରିବା ଓ ବ୍ୟବସାୟରେ ସଫଳତା ମିଳିବ। ନୂତନ ସମ୍ପର୍କ ଆରମ୍ଭ ପାଇଁ ସ୍ଥିତି ଅନୁକୂଳ ନୁହେଁ। ଅନେକ ଦିନରୁ ମନରେ ରହିଥିବା ଧାର୍ମିକ ଅନୁଷ୍ଠାନ କାର୍ଯ୍ୟ ପ୍ରତି ଆଗ୍ରହି ହେବେ। ନିଜର ସ୍ୱାସ୍ଥ୍ୟ ଓ ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତୁ।

**ମିଥୁନ** କୌଣସି ଏକ ଗୁରୁଦାୟିତ୍ୱରୁ ମୁକ୍ତି ପାଇପାରନ୍ତି। ଅନାବଶ୍ୟକ କଥାରେ ମୁଣ୍ଡ ପୂରାନ୍ତୁ ନାହିଁ। ହଠାତ୍ କୌଣସି ଦୁଃସମ୍ବାଦ ମିଳିପାରେ। ଯଦି କୌଣସି ନୂଆ କାର୍ଯ୍ୟ ଆରମ୍ଭ କରନ୍ତି ବା ଯୋଗ ଦିଅନ୍ତି ସଫଳତା ପ୍ରାପ୍ତି ହେବ।

**କର୍କଟ** ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ବିଳମ୍ବିତ ଥିବା କାମ ତ୍ୱରାନ୍ୱିତ ହେବ। ମନକୁ ବିଚଳିତ କରୁଥିବା କାର୍ଯ୍ୟରୁ ନିବୃତ୍ତ ରୁହନ୍ତୁ। ସ୍ୱାସ୍ଥ୍ୟ ଭଲ ରହିବ। ବନ୍ଧୁ ଓ ପରିବାର ସହିତ ସମୟ ଭଲରେ କଟିବ।

**ସିଂହ** ଅଧିକ ସ୍ୱାଭିମାନୀ ହୁଅନ୍ତୁ ନାହିଁ। ହଠାତ୍ କୌଣସିଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ସଫଳତା ପାଇବା ପାଇଁ ଅନ୍ୟମାନଙ୍କ ସହିତ ସୁସମ୍ପର୍କ ରକ୍ଷା କରନ୍ତୁ। ଅତୀତରେ କରିଥିବା କାର୍ଯ୍ୟର ସୁଫଳ ସପ୍ତାହର ଶେଷ ଭାଗରେ ମିଳିବାର ସମ୍ଭାବନା ଅଛି।

**କନ୍ୟା** ଏ ସପ୍ତାହରେ ଶୁଭଫଳ ମିଳିବ। ଯାନବାହନ ଓ ନିଆଁ ଜନିତ ଦୁର୍ଘଟଣାର ସମ୍ମୁଖୀନ ହୋଇପାରନ୍ତି। କୌଣସି ନୂତନ କାର୍ଯ୍ୟ ପାଇଁ ବାପାମାଆଙ୍କ ଆଶୀର୍ବାଦରେ ଆରମ୍ଭ କରନ୍ତୁ। ପରିବାରରେ ଶାନ୍ତି ମିଳିବ।

**ତୁଳା** ସପ୍ତାହର ପ୍ରଥମାର୍ଦ୍ଧ ଶୁଭନୁହେଁ। ପତ୍ନୀଙ୍କର ପ୍ରଭାବ ଏ ସପ୍ତାହରେ ଅଧିକ ହେବ। କିଛି ଲୋକଙ୍କର ବିରୋଧରେ ସମ୍ମୁଖୀନ ହେବେ। ପ୍ରେମ ସମ୍ପର୍କରେ ଅବନତି ହେବ। ଛାତ୍ରମାନେ ପାଠ ପଢ଼ାରେ ଧ୍ୟାନ ଦେବେ।

**ବିଛା** ଆପଣ ଯଦି ଚେଷ୍ଟା କରିବେ ସମସ୍ତ ଶତ୍ରୁ ପରାସ୍ତ ହେବେ ଓ ସଫଳତା ପ୍ରାପ୍ତ ହେବ। ଧନପ୍ରାପ୍ତିର ସଙ୍କେତ ଅଛି। ପରିବାର ଓ ବନ୍ଧୁ ମାନଙ୍କ ସହିତ ସମ୍ପର୍କ ବୃଦ୍ଧି ପାଇବ। ଛାତ୍ରମାନେ ସଫଳତାର ଶୀର୍ଷରେ ପହଞ୍ଚିବେ।

**ଧନୁ** କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଏ ସପ୍ତାହରେ ନିଅନ୍ତୁ ନାହିଁ। ସ୍ୱଳ୍ପ ଧନପ୍ରାପ୍ତି ହେବ। ପରିବାରରେ ସୁଖ ମିଳିବ। ଛାତ୍ରମାନେ ପାଠପଢ଼ାରେ ମନନିବେଷ କରିବେ। କାର୍ଯ୍ୟାଳୟରେ ସହକର୍ମୀଙ୍କ ସହ ସମ୍ପର୍କରେ ଅବନତି ଘଟିବ।

**ମକର** ଯଦି କୌଣସି ଶୁଭକାର୍ଯ୍ୟର ଆରମ୍ଭ କରିବାକୁ ଚାହାନ୍ତି ତେବେ ସପ୍ତାହର ମଧ୍ୟଭାଗ ଅତ୍ୟନ୍ତ ଅନୁକୂଳ। ସ୍ୱାସ୍ଥ୍ୟ ଭଲ ରହିବ। ଜନତାଙ୍କ ଉପରେ ପ୍ରଭାବ ପକାଇବାରେ ସମର୍ଥ ହେବେ। ପରିବାରରେ ସମ୍ପର୍କରେ ଅବନତି ଘଟିବ।

**କୁମ୍ଭ** ଆପଣଙ୍କ ବାପା ବା ମାଆ କୌଣସି ଶାରୀରିକ କଷ୍ଟର ସମ୍ମୁଖୀନ ହୋଇପାରନ୍ତି। ଗୁପ୍ତ ଶତ୍ରୁଙ୍କ ପ୍ରତି ସାବଧାନ ରୁହନ୍ତୁ। ଆପଣଙ୍କ ଅଜ୍ଞାତରେ ସେମାନେ ଆପଣଙ୍କୁ ପ୍ରତିରୋଧ କରିପାରନ୍ତି। ମନ ବିଚଳିତ ରହିବ।

**ମୀନ** ଏ ସପ୍ତାହରେ ଧନପ୍ରାପ୍ତିର ସମ୍ଭାବନା ଅଛି। ଶୁଭ କାର୍ଯ୍ୟକୁ ସପ୍ତାହର ପ୍ରଥମାର୍ଦ୍ଧରେ କରନ୍ତୁ। ଭାଇଭଉଣୀଙ୍କୁ ଶାରୀରିକ କଷ୍ଟ ହୋଇପାରେ। ବ୍ୟବସାୟ କ୍ଷତି ସହିପାରନ୍ତି। ଛାତ୍ରମାନଙ୍କୁ ମଧ୍ୟମ ଫଳପ୍ରାପ୍ତି ହେବ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ନୂଆ କୃଷି ଆଇନକୁ ରାଷ୍ଟ୍ରପତିଙ୍କ ସମର୍ଥନ


**ନୂଆଦିଲ୍ଲୀ :** ସଂସଦର ବଜେଟ ଅଧିବେଶନ ଶୁକ୍ରବାର ଠାରୁ ଆରମ୍ଭ ହୋଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ସଂସଦର ମିଳିତ ଅଧିବେଶନକୁ ସମ୍ବୋଧନ କରୁଛନ୍ତି। କରୋନା କଟକଣା ମଧ୍ୟରେ ସଂସଦର ଏହି ଅଧିବେଶନ ଆରମ୍ଭ ହୋଇଛି। ରାଷ୍ଟ୍ରପତି ତାଙ୍କ ସମ୍ବୋଧନରେ କହିଛନ୍ତି, କରୋନ ମହାମାରୀ ବିରୋଧରେ ଏହି ସଂଗ୍ରାମରେ, ଆମେ ଅନେକ ଦେଶବାସୀଙ୍କୁ ଅକାଳରେ ହରାଇଛୁ। ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କର ମଧ୍ୟ କରୋନା ସମୟରେରେ ପରଲୋକ ଘଟିଛି। କରୋନା ସମୟରେ ସଂସଦର ୬ ଜଣ ସଦସ୍ୟ ମଧ୍ୟ ଆମକୁ ଅକାଳରେ ଛାଡି ଚାଲିଯାଇଛନ୍ତି। ମୁଁ ସମସ୍ତଙ୍କୁ ମୋର ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛିୟ ମୁଁ ସନ୍ତୁଷ୍ଟ ଯେ ମୋ ସରକାରଙ୍କ ଠିକ ସମୟରେ ନିଷ୍ପତ୍ତି ହେତୁ ଲକ୍ଷ ଲକ୍ଷ ଦେଶବାସୀଙ୍କ ଜୀବନ ବଞ୍ଚିଛି। ଆଜି, ନୂତନ କରୋନା ରୋଗୀଙ୍କ ସଂଖ୍ୟା ମଧ୍ୟ ଦ୍ରୁତ ଗତିରେ ହ୍ରାସ ପାଉଛି ଏବଂ ସଂକ୍ରମଣରୁ ଆରୋଗ୍ୟ ହୋଇଥିବା ଲୋକଙ୍କ ସଂଖ୍ୟା ମଧ୍ୟ ବହୁତ ଅଧିକ ରହିଛି। ଅର୍ଥନୀତିକୁ ପରିଚାଳନା କରିବା ପାଇଁ ଏକ ରେକର୍ଡ ଅର୍ଥନୈତିକ ପ୍ୟାକେଜ୍ ଘୋଷଣା ହେବା ସହିତ ମୋର ସରକାର ମଧ୍ୟ ଯତ୍ନବାନ ଥିଲେ ଯେ କୌଣସି ଗରିବ ଲୋକ ଭୋକରେ ରହିବେ ନାହିଁ। କରୋନା କାଳରେ ଯେପରି କେହି ଭୋକିଲା ନ ରହିବେ ସେଥିପାଇଁ ସରକାର ରେକର୍ଡ ଆର୍ଥିକ ପ୍ୟାକେଜର ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ୮ ମାସ ପର୍ଯ୍ୟନ୍ତ ୫ କିଲୋ ଲେଖାଏଁ ଚାଉଳ ୮୦ କୋଟି ଲୋକଙ୍କୁ ଦିଆଯାଇଛି। ଜନଧନ ଖାତାରେ ଗରିବ ମହିଳାଙ୍କ ଖାତାକୁ ୩୧ ହଜାର କୋଟି ଯାଇଛି। ସ୍ୱାମୀନାଥନ୍ କମିଶନଙ୍କ ସୁପାରିଶକୁ ଲାଗୁ କରି ମୋ ସରକାର ଏମଏସପି ମୂଲ୍ୟ ଦେଢ ଗୁଣ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଆଜି ମୋ



ସରକାର କେବଳ ଏମଏସପିରେ ରେକର୍ଡ ପରିମାଣ କ୍ରୟ କରୁନାହାନ୍ତି, ବରଂ କ୍ରୟ କେନ୍ଦ୍ର ସଂଖ୍ୟା ମଧ୍ୟ ବୃଦ୍ଧି କରୁଛି। ଅନେକ ବିଚାରବିମର୍ଶ ପରେ ସଂସଦରେ ୩ଟି କୃଷି ବିଲ୍ ପାସ୍ ହୋଇଛି। ନୂଆ କୃଷି ବିଲ୍ ଯୋଗୁଁ ୧୦ କୋଟି ଛୋଟ ଚାଷୀ ଲାଭ ପାଇବେ। ତେବେ କୃଷି ଆଇନକୁ ନେଇ ସୃଷ୍ଟ ଭ୍ରମକୁ ସରକାର ଦୂର କରିବାକୁ ପ୍ରୟାସ କରିଛନ୍ତି। ତେବେ ଗଣତନ୍ତ୍ର ଦିବସରେ ଯାହା ଘଟିଲା, ତାହା ଅତ୍ୟନ୍ତ ନିନ୍ଦନୀୟ ବୋଲି ରାଷ୍ଟ୍ରପତି କହିଛନ୍ତି। କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଉପରେ ଧ୍ୟାନ ଦେବାକୁ ସମୟ ଅସିଛି। ଦେଶର ୮୦ ପ୍ରତିଶତ ଚାଷୀ ଛୋଟ ଚାଷୀ, ଯେଉଁମାନଙ୍କର ସଂଖ୍ୟା ୧୦ କୋଟିରୁ ଅଧିକ। ଆଉ ଏହି ଚାଷୀଙ୍କୁ ସହାୟତା ପାଇଁ ପିଏମ କିଷାନ ନିଧି ସମ୍ମାନ ଯୋଜନାରେ ପାଖାପାଖି ୧,୧୩,୦୦୦ କୋଟି ଟଙ୍କା ଚାଷୀଙ୍କ ଆକାଉଣ୍ଟକୁ ହସ୍ତାନ୍ତର କରାଯାଇଛି ବୋଲି ରାଷ୍ଟ୍ରପତି କହିଛନ୍ତି। ୨୦୧୩-୧୪ ମସିହାରେ, ଯେଉଁଠାରେ କେବଳ ୪୨ ଲକ୍ଷ ହେକ୍ଟର ଜମିରେ ଜଳସେଚନ ସୁବିଧା ଥିଲା, ଆଜି ୫୬ ଲକ୍ଷ ହେକ୍ଟରରୁ ଅଧିକ ଜମି ମାଇକ୍ରୋ ଜଳସେଚନ ବ୍ୟବସ୍ଥା ସହିତ ଯୋଡି ହୋଇଛି।

# ଏଲ୍‌ଏସି ସମସ୍ୟାର ସମାଧାନ ପାଇଁ ଭାରତର ୮ ସୂତ୍ରୀ ଯୋଜନା

**ନୂଆଦିଲ୍ଲୀ :** ଲଦାଖସ୍ଥିତ ବାସ୍ତବ ନିୟନ୍ତ୍ରଣ ରେଖା (ଏଲଏସି)ରେ ବିଗତ ଦଶ ମାସ ଧରି ଚୀନ ପକ୍ଷରୁ ଉତ୍ତେଜନା ସୃଷ୍ଟି କରାଯାଉଛି। ଏପରିକି ସେଠାରେ ଭାରତ ଓ ଚୀନ୍ ସୈନ୍ୟଙ୍କ ମଧ୍ୟରେ ଏକାଧିକ ଥର ଗଣ୍ଡଗୋଳ ସୃଷ୍ଟି ହୋଇଥିବାବେଳେ ଉଭୟପକ୍ଷର ଯବାନ ମୃତାହତ ମଧ୍ୟ ହୋଇଛନ୍ତି। ସୀମାରେ ଶାନ୍ତି ଫେରାଇ ଆଣିବାକୁ ଦୁଇ ଦେଶ ମଧ୍ୟରେ ସାମରିକ ଓ କୂଟନୈତିକ ସ୍ତରରେ ବାରମ୍ବାର ଆଲୋଚନା ହେଉଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ତେବେ ଏହି ଦ୍ୱିପାକ୍ଷିକ ସମ୍ପର୍କରେ ଉନ୍ନତି ଆଣିବା ନିମନ୍ତେ ଭାରତର ବିଦେଶମନ୍ତ୍ରୀ ସୁବ୍ରମଣ୍ୟମ ଜୟଶଙ୍କର ୮ ସୂତ୍ରୀ ଯୋଜନା ପ୍ରସ୍ତାବ ଦେଇଛନ୍ତି। ଗୁରୁବାର ଭର୍ଚୁଆଲ ପ୍ଲାଟଫର୍ମରେ 'ଅଲ ଇଣ୍ଡିଆ କନ୍‌ଫରେନ୍ସ ଅଫ୍ ଚାଇନିଜ୍ ଷ୍ଟଡିଜ୍' ଆଲୋଚନା ଚକ୍ରକୁ ଉଦ୍‌ବୋଧନ ଦେବା ଅବସରରେ ଜୟଶଙ୍କର କହିଛନ୍ତି ଯେ ଦ୍ୱିପାକ୍ଷିକ ସ୍ୱାର୍ଥକୁ ପୂରଣ କରିବା ଦିଗରେ ଯଦି ଉଭୟ ଦେଶ ଉଦ୍ୟମ ଆରମ୍ଭ କରିବେ, ତାହାହେଲେ ଏହି ସମ୍ପର୍କରେ ନିଶ୍ଚିତଭାବେ ଉନ୍ନତି ଘଟିବ। ଏଲଏସିରେ ଚୀନ୍ କ୍ରମାଗତଭାବେ ସୈନ୍ୟ ଓ ଯୁଦ୍ଧାସ୍ତ୍ର ମହଜୁଦ କରୁଥିବାବେଳେ ବେଜିଂ ଏହାର ସଠିକ୍ କୈଫିୟତ ଦେଇପାରୁନାହିଁ। ତେଣୁ ନିମ୍ନୋକ୍ତ ୮ଟି ନୀତିକୁ ଅନୁସରଣ କରାଗଲେ, ଏହି ସମସ୍ୟାର ପରିସମାପ୍ତି ଘଟିବ ବୋଲି ସେ



ଦୃଢୋକ୍ତି ପ୍ରକାଶ କରିଛନ୍ତି। ସେଗୁଡିକ ହେଲା (୧) ଏପର୍ଯ୍ୟନ୍ତ ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ସମସ୍ତ ରାଜିନାମାକୁ ଉଭୟପକ୍ଷ କାର୍ଯ୍ୟରେ ପାଳନ କରିବେ। (୨) ବାସ୍ତବ ନିୟନ୍ତ୍ରଣ ରେଖା (ଏଲଏସି)କୁ ଦୁଇ ପକ୍ଷ ସମ୍ମାନ ଜଣାଇବା ସହ ଏହାକୁ ବଦଳାଇବାକୁ ଏକତରଫା ନିଷ୍ପତ୍ତି ନେବେ ନାହିଁ। (୩) ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଉନ୍ନତ କରିବାକୁ ହେଲେ ସଂପୃକ୍ତ ଆନ୍ତର୍ଜାତିକ ସୀମାରେ ସର୍ବଦା ଶାନ୍ତି ବଜାୟ ରଖିବା ଜରୁରୀ। ସୀମାରେ ଅଶାନ୍ତି ଲାଗିରହିଲେ, ଏହି ସମ୍ପର୍କ କୌଣସି ପରିସ୍ଥିତିରେ ଉନ୍ନତ ହେବ ନାହିଁ। (୪) ଭାରତ ଓ ଚୀନ୍ ବିଶ୍ୱର ଦୁଇ ବୃହତ୍ ଶକ୍ତିଭାବେ ଉଭା ହେବାକୁ ଯାଉଛନ୍ତି। ତେଣୁ ଏସିଆ ମହାଦେଶରେ ମଧ୍ୟ ଏହି ଦୁଇ ଦେଶ ଉତ୍ତମ ସମ୍ପର୍କ ବଜାୟ ରଖିଲେ ବିଶ୍ୱ ସମୁଦାୟ ସେମାନଙ୍କୁ ସମ୍ମାନ ଦେବାରେ କୁଣ୍ଠାବୋଧ କରିବେ ନାହିଁ। (୫) ଉଭୟ ଦେଶ ନିଜସ୍ୱ ସ୍ୱାର୍ଥ, ସମସ୍ୟା ଓ ଅଗ୍ରାଧିକାର ଭିତ୍ତିକ ଲକ୍ଷ୍ୟକୁ ନେଇ ଚିନ୍ତିତ ଅଛନ୍ତି। ତେବେ ଏଗୁଡିକ ମଧ୍ୟରୁ କୌଣସି ଗୋଟିକକୁ ନିଜ ସ୍ୱାର୍ଥ ପାଇଁ ବଳିଦାନ ଦେବା ଅନୁଚିତ। (୬) ସାମରିକ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ଦୁଇ ଦେଶ ବର୍ତ୍ତମାନ ଶିଖରକୁ ଛୁଇଁବା ପାଇଁ ବ୍ୟଗ୍ର। ତେବେ ଏହି ଲକ୍ଷ୍ୟ ହାସଲ ଦିଗରେ କୌଣସି ପକ୍ଷ ଅନ୍ୟକୁ ବାଧା ଦେବା କ୍ଷତିକାରକ ହୋଇପାରେ। (୭) ନୀତିଗତ ଦୃଷ୍ଟିରୁ ଦୁଇ ଦେଶ ମଧ୍ୟରେ ମତପାର୍ଥକ୍ୟ ରହିବା ସ୍ୱାଭାବିକ, କିନ୍ତୁ ଏହାକୁ ଦୂର କରିବା ଉଦ୍ୟମ ସବୁବେଳେ ସ୍ୱାଗତଯୋଗ୍ୟ। (୮) ଏକ ସଭ୍ୟ ରାଷ୍ଟ୍ରଭାବେ ଭାରତ ଓ ଚୀନ୍ ସବୁବେଳେ ଦୂରଦୃଷ୍ଟି ଅବଲମ୍ବନ କରିବା ଉଚିତ।

## ୨୮ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ବିମାନ ଉଡାଣ ବନ୍ଦ

**ନୂଆଦିଲ୍ଲୀ :** କରୋନା ମହାମାରୀ ସଂକ୍ରମଣକୁ ଦୃଷ୍ଟିରେ ରଖି ଭାରତ ସରକାର ଅନ୍ତର୍ଜାତୀୟ ବ୍ୟବସାୟିକ ବିମାନ ଚଳାଚଳ ଉପରେ ଲାଗୁ କରିଥିବା କଟକଣାକୁ ଆସନ୍ତା ଫେବ୍ରୁଆରୀ ୨୮ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଗୁରୁବାର ବେସାମରିକ ବିମାନଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ଜାରି ସର୍କୁଲାର ଅନୁସାରେ ଭାରତରୁ ଚଳାଚଳ କରୁଥିବା ଅନ୍ତର୍ଜାତୀୟ ବିମାନ ଚଳାଚଳ ଫେବ୍ରୁଆରୀ ୨୮ ପର୍ଯ୍ୟନ୍ତ ବନ୍ଦ ରହିବ। ତେବେ ସମସ୍ତ ମାଲପରିବହନକାରୀ ଅନ୍ତର୍ଜାତୀୟ ବିମାନ ଚଳାଚଳ ବ୍ୟାହତ ହେବନାହିଁ। ଡିଜିସିଏ ପକ୍ଷରୁ କୁହାଯାଇଛି, କେତେକ ନିର୍ଦ୍ଧାରିତ ରୁଟ୍‌ରେ ଅନ୍ତର୍ଜାତୀୟ ସିଡ୍ୟୁଲ୍ଡ ବିମାନଗୁଡିକ ଚଳାଚଳ କରିପାରିବ। ଗତ ମାର୍ଚ୍ଚ ୨୩ରୁ କରୋନା ମହାମାରୀ କାରଣରୁ ସିଡ୍ୟୁଲ୍ଡ ଅନ୍ତର୍ଜାତୀୟ ଯାତ୍ରୀବାହୀ ବିମାନ ଚଳାଚଳ ବନ୍ଦ ରହିଛି। କିନ୍ତୁ ଗତବର୍ଷ ମେ ମାସ ଠାରୁ ବନ୍ଦେ ଭାରତ ମିଶନ ଅଧିନରେ କେତେକ ବିମାନ ଚଳାଚଳ କରୁଛି। ଜୁଲାଇ ମାସ ଠାରୁ ଏୟାର ବବଲ ମାଧ୍ୟମରେ ବାଂଲାଦେଶ, ଆଫଗାନିସ୍ତାନ, ଆମେରିକା, ଫ୍ରାନ୍ସ, ଜର୍ମାନୀ, ଇରାକ, ମାଳଦ୍ୱୀପ, ନେପାଳ, ଭୁଟାନ, ଜାପାନ, ୟୁଏଇ, କାତାର ଓ ନେଦରଲାଣ୍ଡସ୍‌କୁ ସ୍ୱତନ୍ତ୍ର ବିମାନ ଚଳାଚଳ ଜାରିରହିଛି।

# ଭାରତର ପ୍ରାୟ ୧୦୦୦ ପୁରୁଣା ଡ୍ୟାମ୍ ବିପଦସଙ୍କୁଳ

**ନ୍ୟୁୟର୍କ :** ଭାରତର ପ୍ରାୟ ୧୦୦୦ ନଦୀବନ୍ଧ (ଡ୍ୟାମ) ପୁରୁଣା ହୋଇଥିବାରୁ ଏହା ଆଗକୁ ବିପଜ୍ଜନକ ସାବ୍ୟସ୍ତ ହୋଇପାରେ ବୋଲି ଜାତିସଂଘ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ୨୦୨୫ ସୁଦ୍ଧା ଭରତର ଏହି ଡ୍ୟାମଗୁଡିକ ୫୦ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ପୁରୁଣା ହୋଇସାରିଥିବ ଏବଂ ଭବିଷ୍ୟତରେ ଏହା ମାନବ ସମାଜ ପ୍ରତି ବିପଦ ସୃଷ୍ଟି କରିପାରେ ବୋଲି ରିପୋର୍ଟରେ ଆଶଙ୍କାବ୍ୟକ୍ତ କରାଯାଇଛି। ଉକ୍ତ ରିପୋର୍ଟ ଅନୁଯାୟୀ ଭାରତରେ ୬୪ଟି ବୃହତ ଡ୍ୟାମ୍ ୨୦୫୦ ମସିହା ସୁଦ୍ଧା ୧୫୦ ବର୍ଷ ପରୁଣା ହୋଇଯାଉଥିବାବେଳେ ୨୦୨୫ ସୁଦ୍ଧା ୧୧୧୫ଟି ବୃହତ ଡ୍ୟାମ୍‌ର ବୟସ ୫୦ ଛୁଇଁବ। ବିଂଶ ଶତାବ୍ଦୀରେ ନିର୍ମିତ ଏହି ଡ୍ୟାମ୍‌ଗୁଡିକର ଆୟୁ ୫୦ରୁ ୧୦୦ ବର୍ଷ ବୋଲି ସେତେବେଳେ ଆକଳନ କରାଯାଇଥିଲା। ତେବେ ପ୍ରାକୃତିକ ବିପର୍ଯ୍ୟୟ, ଉପଯୁକ୍ତ ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ଏହି ଡ୍ୟାମ୍‌ଗୁଡିକ କ୍ରମଶଃ ଦୁର୍ବଳ ହୋଇପଡିଲାଣି। ଯଦି ଭବିଷ୍ୟତରେ ସେଭଳି କୌଣସି ପ୍ରାକୃତିକ ବିପର୍ଯ୍ୟୟ ଦେଖାଦିଏ, ତେବେ ଏହି ଡ୍ୟାମ୍ ଭାଙ୍ଗିବା ସହ ଏହାର ଅବବାହିକାରେ ବାସ କରୁଥିବା ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ବିପନ୍ନ ହୋଇପଡିବ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଉଦାହରଣ ସ୍ୱରୂପ ୧୦୦ ବର୍ଷ ପୂର୍ବେ ନିର୍ମିତ କେରଳର ମୁଲ୍ଲାପେରିୟାର ଡ୍ୟାମ୍ ଯଦି କୌଣସି କାରଣରୁ ଭାଙ୍ଗିଯିବ, ତାହାହେଲେ ଏହାର ଅବବାହିକାରେ ବାସ କରୁଥିବା ୩୫ ଲକ୍ଷ ଲୋକ ବିପନ୍ନ ହେବାର ସମ୍ଭାବନା ରହିଛି। ଭାରତର ଅଧିକାଂଶ ବୃହତ୍ ଡ୍ୟାମ୍ ୧୯୩୦ରୁ ୧୯୭୦ ମଧ୍ୟରେ ନିର୍ମିତ ହୋଇଛି। ନିର୍ମାଣ



ହେବାପରଠାରୁ ପ୍ରାୟ ୭୦ ବର୍ଷ ପର୍ଯ୍ୟନ୍ତ ଏଗୁଡିକ ଠିକ୍‌ଠାକ୍ କାର୍ଯ୍ୟ କରିବ ବୋଲି ଇଂଜିନିୟରମାନେ ସେତେବେଳେ ଆକଳନ କରିଥିଲେ। ରିପୋର୍ଟରେ ଆହୁରି କୁହାଯାଇଛି ଯେ ଯେଉଁ ଡ୍ୟାମ୍‌ଗୁଡିକର ଡିଜାଇନ, ନିର୍ମାଣକାର୍ଯ୍ୟ ଓ ରକ୍ଷଣାବେକ୍ଷଣ ଉପଯୁକ୍ତ ଢଙ୍ଗରେ କରାଯାଉଛି, ସେହି ଡ୍ୟାମ୍‌ଗୁଡିକ ୧୦୦ ବର୍ଷ ପର୍ଯ୍ୟନ୍ତ ଆରାମରେ କାର୍ଯ୍ୟକ୍ଷମ ହୋଇପାରିବ। ଭାରତର ପ୍ରାୟ ୭୫ ପ୍ରତିଶତ ବୃହତ ଡ୍ୟାମଗୁଡିକର ହାରାହାରି କାର୍ଯ୍ୟକ୍ଷମ ସମୟ ଅତିକ୍ରାନ୍ତ ହୋଇସାରିଲାଣି। ଏହି ପରିପ୍ରେକ୍ଷୀରେ ଅତି ପୁରୁଣା ଓ ଅପେକ୍ଷାକୃତ ଦୁର୍ବଳ ହୋଇପଡିଥିବା ଡ୍ୟାମ୍‌ଗୁଡିକୁ ଭାଙ୍ଗି ସେଠାରେ ନୂଆ ଡ୍ୟାମ୍ ନିର୍ମାଣ କରାଯିବା ଉଚିତ ହେବ ବୋଲି ରିପୋର୍ଟରେ ପ୍ରସ୍ତାବ ଦିଆଯାଇଛି। ୧୯୬୦ ପରଠାରୁ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ବୃହତ ଡ୍ୟାମ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଥିଲା। ତେବେ ୧୯୮୦ ପରଠାରୁ ବୃହତ ଡ୍ୟାମ ନିର୍ମାଣ ସଂଖ୍ୟା କ୍ରମଶଃ ହ୍ରାସ ପାଇଆସୁଛି। କାରଣ ବୃହତ ଓ ଶକ୍ତିଶାଳୀ ଡ୍ୟାମ୍ ନିର୍ମାଣ କରିବାକୁ ଆବଶ୍ୟକ ତଥା ଉପଯୁକ୍ତ ସ୍ଥାନ ମିଳୁନଥିବା ରିପୋର୍ଟରେ ଦର୍ଶାଯାଇଛି। ବିଗତ ୩୦ ବର୍ଷ ମଧ୍ୟରେ ଆମେରିକାରେ ୧୨୭୫ଟି ପୁରୁଣା ଡ୍ୟାମ୍‌କୁ ଭଙ୍ଗାଯାଇସାରିଛି।

# '୨୦୨୧ ହେବ ଅଭାବୀ ଲୋକଙ୍କୁ ଟିକା ଯୋଗାଣ ସମସ୍ୟା ସମାଧାନର ବର୍ଷ'

**ନୂଆଦିଲ୍ଲୀ :** କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ହର୍ଷବର୍ଦ୍ଧନ ଭିଡିଓ କନଫରେନସିଂ ମାଧ୍ୟମରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) କାର୍ଯ୍ୟନିର୍ବାହୀ ବୋର୍ଡର ୧୪୮ ତମ ଅଧିବେଶନରେ ଅଧକ୍ଷତା କରିଛନ୍ତି। ସେ ତାଙ୍କ ଅଭିଭାଷଣରେ ବିଶ୍ୱର ଅତ୍ୟଧିକ ଅଭାବୀ ବ୍ୟକ୍ତିଙ୍କ ଜୀବନରେ ଉଲ୍ଲେଖନୀୟ ପ୍ରଭାବ ସୃଷ୍ଟି କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, ଦୁନିଆର ସମସ୍ତ ସମସ୍ୟା ତଥା ଆମେ ସମ୍ମୁଖୀନ ହେଉଥିବା ପ୍ରତିବନ୍ଧକ ସତ୍ତ୍ୱେ ଆମେ ଏକ ନୀତିରେ ସହମତ ହୋଇଛୁ। ଆମେ ବହୁତ ଅଗ୍ରଗତି କରୁଛୁ। ମିଳିତ ଭାବରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେବା ସହ ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବା ଉପଲବ୍ଧତା ସଂକଳ୍ପ ହାସଲ ଦିଗରେ ସଫଳତା ମିଳିବ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ ପ୍ରାୟ ଏକ ବର୍ଷ ପୂର୍ବେ କୋଭିଡ -୧୯କୁ ମହାମାରୀ ଘୋଷିତ କରାଯାଇଥିଲା। ଏହାକୁ ରୋକିବା ଏବଂ ମୃତ୍ୟୁ ହାର ହ୍ରାସ କରିବା ପାଇଁ ଆମର ସାମୂହିକ ପ୍ରୟାସ ସହିତ ଆମେ





ଏହି ରୋଗ ବିରୁଦ୍ଧରେ ଜୋରଦାର ସଂଗ୍ରାମ କରିଛୁ। ସଦସ୍ୟ ଦେଶଗୁଡିକର କଠିନ ପରିଶ୍ରମ ଏବଂ ନିଷ୍ଠା ଅଗଣିତ ଲୋକଙ୍କ ଜୀବନ ରକ୍ଷା କରିଥିବାରୁ ସେ ଧନ୍ୟବାଦ ଜଣାଇଛନ୍ତି। ଏହି ମହାମାରୀରେ ନିଜ ଜୀବନକୁ ବଳିଦାନ ଦେଇଥିବା ଏବଂ ଏହି ମହାମାରୀ ବିରୁଦ୍ଧରେ ନିରନ୍ତର ନିସ୍ୱାର୍ଥପର ଭାବରେ ସଂଗ୍ରାମ କରୁଥିବା ସାହସୀ ପୁରୁଷ ଓ ମହିଳାଙ୍କୁ ପୁଣି ଥରେ ସମ୍ମାନ ଦେବା ଆମ ସମସ୍ତଙ୍କ ପାଇଁ ଉପଯୁକ୍ତ ଏବଂ ସ୍ୱାଭାବିକ ହେବ ବୋଲି ଡଃ ହର୍ଷବର୍ଦ୍ଧନ କହିଛନ୍ତି। ସେ କହିଛନ୍ତି, ୨୦୨୦ ଥିଲା ବିଜ୍ଞାନର ବର୍ଷ ଯେତେବେଳେ କୋଭିଡ -୧୯ ମହାମାରୀ ମଧ୍ୟରେ ମାନବିକତାର ସର୍ବୋତ୍ତମ ନିଦର୍ଶନ ଦେଖିବାକୁ ମିଳିଛି। ସେଭଳି ପରିସ୍ଥିତିରେ ସରକାର, ବ୍ୟବସାୟୀ ତଥା ପରୋପକାରୀ ସଂଗଠନ ମିଳିତ ହୋଇଥିଲେ, ତେଣୁ ଏହା କେବଳ ବିଜ୍ଞାନର ପ୍ରଗତି ନୁହେଁ ବରଂ ଏକ ଗୁରୁତ୍ୱପୂର୍ଣ୍ଣ ଆନ୍ତର୍ଜାତୀୟ ସହଯୋଗ ଯାହା ବ୍ୟାପକ ଲାଭ ସୁନିଶ୍ଚିତ କରିଥିଲା। ଡଃ ହର୍ଷବର୍ଦ୍ଧନ କହିଛନ୍ତି ଯେ ୨୦୨୦ ଆମ ପାଇଁ କୋଭିଡ ଟିକା ଆବିଷ୍କାରର ବର୍ଷ ଥିଲାବେଳେ ୨୦୨୧ ଏହି ଟିକାକୁ ବିଶ୍ୱର ସବୁଠାରୁ ଅଭାବୀ ଲୋକଙ୍କ ପାଇଁ ଉପଲବ୍ଧ କରାଇବା ପାଇଁ ଆମେ ସମ୍ମୁଖୀନ ହେବାକୁ ଥିବା ସମସ୍ୟାର ସମାଧାନର ବର୍ଷ ହେବ। ଏହି ଅବସରରେ ସେ ଟୀକାକରଣ କାର୍ଯ୍ୟକ୍ରମ ବିଷୟରେ ସଠିକ୍ ସୂଚନା ପ୍ରଦାନ କରିବା ଏବଂ ଗୁଜବ ପ୍ରଚାର ନହେବା ପାଇଁ ବିଭିନ୍ନ ହିତାଧିକାରୀମାନଙ୍କ ସହ ଜଡିତ ହେବା ବର୍ତ୍ତମାନ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି।

# ୭.୭% ହ୍ରାସ ପାଇବ ଜିଡିପି

**ନୂଆଦିଲ୍ଲୀ:** ପୂର୍ଣ୍ଣାଙ୍ଗ ବଜେଟ୍ ପୂର୍ବରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ଚଳିତ ବର୍ଷର ଅର୍ଥନୀତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରିଛନ୍ତି। କରୋନା ସଙ୍କଟ ଯୋଗୁ ଦେଶର ଅର୍ଥନୀତି କେମିତି ପ୍ରଭାବିତ ହୋଇଛି, ତା'ହା ଏହି ସର୍ଭେକ୍ଷଣ ରିପୋର୍ଟରୁ ସ୍ପଷ୍ଟ ହୋଇଯାଇଛି। ସର୍ଭେରେ କୁହାଯାଇଛି ଯେ ଚଳିତ ଆର୍ଥିକ ବର୍ଷ ଅର୍ଥାତ ୨୦୨୦-୨୧ରେ ଦେଶର ଜିଡିପି ବା ଅଭିବୃଦ୍ଧି ହାର ମାଇନସ ୭.୭% ରହିବ। ୨୦୨୦ ଏପ୍ରିଲ-ଜୁନ୍‌ରେ ଦେଶର ଜିଡିପି ମାଇନସ ୨୩.୯% ଓ ଦ୍ୱିତୀୟ କ୍ୱାର୍ଟର୍‌ରେ ମାଇନସ ୭.୫% ରହିଥିଲା। ମାର୍ଚ୍ଚ ୩୧ରେ ଦେଶର ଚଳିତ ଆର୍ଥିକ ବର୍ଷ ଶେଷ ହେବ। ସେତେବେଳକୁ ଦେଶର ଅଭିବୃଦ୍ଧି ହାର ୭.୭% ହ୍ରାସ ପାଇଥିବ ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସର୍ଭେ ରିପୋର୍ଟରେ କୁହାଯାଇଛି ଆସନ୍ତା ଆର୍ଥିକ ବର୍ଷରେ ଦେଶର ଅର୍ଥନୀତିରେ ସୁଧାର ଆସିବ। ଆଗାମୀ ଆର୍ଥିକ ବର୍ଷ ଦେଶର ଅଭିବୃଦ୍ଧି ହାର ୧୧% ବଢ଼ିବ। ସର୍ଭେରେ ସରକାର ସ୍ୱୀକାର କରିଛନ୍ତି ଯେ ମହାମାରୀ କରୋନା ଯୋଗୁ ଲାଗୁ ହୋଇଥିବା ଲକଡାଉନ ପାଇଁ ଦେଶର ଅର୍ଥନୀତି ଗଭୀର ଭାବେ ପ୍ରଭାବିତ ହୋଇଛି। ଅର୍ଥନୀତିକୁ ୨୦୨୧-୨୨ରେ ଟ୍ରାକ୍‌କୁ ଆଣିବା ପାଇଁ ସରକାର ନିଜର ଖର୍ଚ୍ଚ ବୃଦ୍ଧି କରିବେ। ଏକଥା ସର୍ଭେରେ ମଧ୍ୟ ଉଲ୍ଲେଖ କରାଯାଇଛି। ଦେଶର ଅର୍ଥନୀତିକ ସର୍ଭେ ରିପୋର୍ଟକୁ ମୁଖ୍ୟ ଅର୍ଥନୀତିକ ପରାମର୍ଶଦାତା କ୍ରିଷ୍ଣମୂର୍ତ୍ତି ଭେଙ୍କଟ ସୁବ୍ରମଣିଅନଙ୍କ ନେତୃତ୍ୱାଧୀନ ଟିମ୍ ପ୍ରସ୍ତୁତ କରିଛନ୍ତି। ସେ ଏହାର ଉପରେ ମତ ଦେଇ କହିଛନ୍ତି, ୨୦୨୧-୨୨ରେ ଦେଶର ଅର୍ଥନୀତି ଭି ଶେପ୍‌ରେ ରିକଭରି କରିବ। ପ୍ରକୃତ ଜିଡିପି ୧୧% ବଢ଼ିବ। ବର୍ତ୍ତମାନ ଦେଶରେ କରୋନା ପାଇଁ ଟିକାକରଣ ଚାଲିଥିବାରୁ, ଏହାର ସକାରାତ୍ମକ ପ୍ରଭାବ ଦେଶର ଅଭିବୃଦ୍ଧି ଉପରେ ପଡ଼ିବାର ସମ୍ଭାବନା ରହିଛି। କରୋନା ମହାମାରୀ ସତ୍ତ୍ୱେ କୃଷି କ୍ଷେତ୍ରରେ ଆଶାତୀତ ଅଭିବୃଦ୍ଧି ଘଟିଛି। କିନ୍ତୁ କଣ୍ଟ୍ରାକ୍ଟ ସେବା, ଉତ୍ପାଦନ ଓ ନିର୍ମାଣ କ୍ଷେତ୍ର କରୋନା ଯୋଗୁ ସାଂଘାତିକ ଭାବେ ପ୍ରଭାବିତ ହୋଇଛି। ଅନ୍ୟପକ୍ଷରେ ଅଭିବୃଦ୍ଧି ହାର ହ୍ରାସ ପାଇବାର ଆକଳନ ସର୍ଭେ ରିପୋର୍ଟରେ କରାଯାଇଥିବାରୁ ବଜେଟ୍‌ରେ ସରକାର ଖର୍ଚ୍ଚ ବୃଦ୍ଧି ଉପରେ ଅଧିକ ଫୋକସ କରିବେ।

# ଓଡ଼ିଶା ହାଇକୋର୍ଟରେ ଖାଲି ପଡ଼ିଛି ୧୨ ବିଚାରପତି ପଦ

**ନୂଆଦିଲ୍ଲୀ :** ଓଡ଼ିଶା ହାଇକୋର୍ଟରେ ବର୍ତ୍ତମାନ ୧୨ଟି ବିଚାରପତି ପଦ ଖାଲି ରହିଛି। ଛଅ ମାସ ଭିତରେ ଆଉ ଦୁଇଟି ପଦବୀ ଖାଲି ପଡ଼ିବାକୁ ଯାଉଛି। ଫଳରେ ହାଇକୋର୍ଟରେ ଖାଲି ଥିବା ବିଚାରପତି ସଂଖ୍ୟା ସଂଖ୍ୟା ୧୪ରେ ପହଞ୍ଚିବ। ସୁପ୍ରିମକୋର୍ଟରେ ଓଡ଼ିଶା ହାଇକୋର୍ଟରେ ବିଚାରପତିଙ୍କ ବର୍ତ୍ତମାନର ସଂଖ୍ୟା, ଖାଲି ପଡ଼ିରହିଥିବା ସଂଖ୍ୟା ସମ୍ପର୍କରେ ହାଇକୋର୍ଟଙ୍କ ରେଜିଷ୍ଟ୍ରାର ଜେନରାଲଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅତିରିକ୍ତ ଷ୍ଟାଟସ ରିପୋର୍ଟରେ ଏହି ତଥ୍ୟର ଉଲ୍ଲେଖ କରାଯାଇଛି। ଦାଖଲ କରାଯାଇଥିବା ଅତିରିକ୍ତ ଷ୍ଟାଟସ୍ ରିପୋର୍ଟରେ ଓଡ଼ିଶା ହାଇକୋର୍ଟରେ ୨୭ ଜଣ ବିଚାରପତି ପଦ ମଞ୍ଜୁର କରାଯାଇଥିବା ବେଳେ ବର୍ତ୍ତମାନ ପ୍ରଧାନ ବିଚାରପତିଙ୍କ ସମେତ ସମୁଦାୟ ୧୫ ଜଣ ବିଚାରପତି ରହିଥିବାର ଉଲ୍ଲେଖ କରାଯାଇଛି। ମଞ୍ଜୁର ପ୍ରଦାନ କରାଯାଇଥିବା ୨୭ଟି ବିଚାରପତି ପଦ ପାଇଁ ୧୮ ଜଣଙ୍କୁ ବାର୍‌ରୁ ଓ ୯ ଜଣଙ୍କୁ ରାଜ୍ୟର ଉଚ୍ଚ ଜୁଡ଼ିସିଆଲ ସର୍ଭିସ୍‌ରୁ ପୂରଣ କରାଯିବାର ବ୍ୟବସ୍ଥା ରହିଛି। ବର୍ତ୍ତମାନ ହାଇକୋର୍ଟରେ କାର୍ଯ୍ୟ କରୁଥିବା ୧୫ ଜଣ ବିଚାରପତିମାନଙ୍କ ମଧ୍ୟରୁ ୧୦ ଜଣ ବାର୍ ସେଗ୍‌ମେଣ୍ଟରୁ ତଥା ୫ ଜଣ ସର୍ଭିସ୍ ସେଗ୍‌ମେଣ୍ଟରୁ ରହିଥିବାର ଷ୍ଟାଟସ ରିପୋର୍ଟରେ କୁହାଯାଇଛି। ବର୍ତ୍ତମାନ ଖାଲି ପଡ଼ିଥିବା ୧୨ଟି ବିଚାରପତି ପଦରୁ ବାର୍ ସେଗ୍‌ମେଣ୍ଟରୁ ୮ ତଥା ସର୍ଭିସ୍ ସେଗ୍‌ମେଣ୍ଟରୁ



୪ ରହିଛି। ଆସନ୍ତା ଛଅ ମାସ ଭିତରେ ଆଉ ଦୁଇଟି ବିଚାରପତି ପଦ ଖାଲି ହେବା ସମ୍ଭାବନା ରହିଛି ଯାହା ବାର୍ ସେଗ୍‌ମେଣ୍ଟରୁ ହେବ ବୋଲି ଷ୍ଟାଟସ୍ ରିପୋର୍ଟରେ କୁହାଯାଇଛି। ବିଚାରପତି ଡଃ ଏସ୍ ମୁରଲୀଧର ଓଡ଼ିଶା ହାଇକୋର୍ଟର ପ୍ରଧାନ ବିଚାରପତି ରୂପେ ଚଳିତ ମାସ ୪ ତାରିଖରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ନୂତନ ସୁପାରିସ ପାଇଁ ଓଡ଼ିଶା ହାଇକୋର୍ଟର କଲେଜିୟମ ନିଷ୍ପତ୍ତି ନେବ ବୋଲି ଷ୍ଟାଟସ୍ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଷ୍ଟାଟସ୍ ରିପୋର୍ଟରେ ମେ' ୭, ୨୦୧୯ରେ ଓଡ଼ିଶା ହାଇକୋର୍ଟରେ ଖାଲି ପଡ଼ିରହିଥିବା ୧୨ଟି ବିଚାରପତି ପଦ ପୂରଣ ପାଇଁ ତତ୍କାଳୀନ ମୁଖ୍ୟ ବିଚାରପତି ଜେ ଏସ୍ ଜାଭେରୀଙ୍କ କାର୍ଯ୍ୟକାଳରେ ସୁପାରିଶ କରାଯାଇଥିବା ପ୍ରସଙ୍ଗକୁ ଅବଗତ କରାଯାଇଛି। ୧୨ଟି ଖାଲି ପଡ଼ିଥିବା ପଦ ପାଇଁ ୮ ଜଣଙ୍କର ବାର୍ ସେଗ୍‌ମେଣ୍ଟରୁ ଓ ୪ ଜଣଙ୍କର ସର୍ଭିସ୍ ସେଗ୍‌ମେଣ୍ଟରୁ ସୁପାରିଶ କରାଯାଇଥିଲା। ହେଲେ ୧୨ଟି ସୁପାରିଶରୁ କେନ୍ଦ୍ର ସରକାର ତିନି ଜଣଙ୍କୁ ନିଯୁକ୍ତି ଦେଇଥିଲେ ଯେଉଁଥିରୁ ଦୁଇ ଜଣ ସର୍ଭିସ୍ ସେଗ୍‌ମେଣ୍ଟରୁ ଓ ବାର୍ ସେଗ୍‌ମେଣ୍ଟରୁ ଜଣେ ଥିଲେ ବୋଲି ଷ୍ଟାଟସ୍ ରିପୋର୍ଟରେ କୁହାଯାଇଛି। ଦାଖଲ କରାଯାଇଥିବା ଷ୍ଟାଟସ ରିପୋର୍ଟରେ ଓଡ଼ିଶା ହାଇକୋର୍ଟ ପାଇଁ ମଞ୍ଜୁରୀ ପ୍ରାପ୍ତ ୨୭ ଜଣ ବିଚାରପତି ପଦରୁ ସ୍ଥାୟୀ ବିଚାରପତିଙ୍କ ସଂଖ୍ୟା ୨୦ ଓ ଅତିରିକ୍ତ ବିଚାରପତିଙ୍କ ସଂଖ୍ୟା ୭ ବୋଲି ଉଲ୍ଲେଖ କରାଯାଇଛି। ବର୍ତ୍ତମାନ ୧୫ ଜଣ ସ୍ଥାୟୀ ବିଚାରପତି ରୂପେ କାର୍ଯ୍ୟ କରୁଛନ୍ତି। ଖାଲି ପଡ଼ିରହିଥିବା ୧୨ ଜଣ ବିଚାରପତିଙ୍କ ସଂଖ୍ୟାରୁ ୫ ଜଣ ସ୍ଥାୟୀ ଓ ଅତିରିକ୍ତ ୭ ଜଣ ବୋଲି ଉଲ୍ଲେଖ କରାଯାଇଛି।

# ‘ଓଡ଼ିଶାର ବିକାଶ ପାଇଁ ବିଜେପି ବଦ୍ଧପରିକର’

**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ‘ପୂର୍ବୋଦୟ’ ପରିକଳ୍ପନାରେ ରହିଥିବା କୋଷ୍ଟାଲ ହାଇୱେ ପ୍ରକଳ୍ପକୁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କ ନେତୃତ୍ୱରେ ଭାରତ ସରକାର ସର୍ବାଧିକ ପ୍ରାଥମିକତା ଦେଉଛନ୍ତି ଏବଂ ପ୍ରସ୍ତାବିତ ଏହି ପ୍ରକଳ୍ପ ହେଉଛି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଡ୍ରିମ୍ ପ୍ରୋଜେକ୍ଟ । ତେବେ ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ ସଞ୍ଜୟ ଦାସ ବର୍ମାଙ୍କ ଦ୍ୱାରା ଏହି ପ୍ରକଳ୍ପ ଉପରେ ଅଣାଯାଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତିହୀନ ଏବଂ ଏ ସମ୍ବନ୍ଧରେ ସେ ଗଣମାଧ୍ୟମକୁ ଏକପାଖିଆ ମନ୍ତବ୍ୟ ଦେଇ ଓଡ଼ିଶାର ଜନସାଧାରଣଙ୍କୁ ବିଭ୍ରାନ୍ତି କରିଛନ୍ତି ବୋଲି ଏକ ପ୍ରେସମିଟ ଜରିଆରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛି ବିଜେପି । ସେହିପରି ସତ୍ୟ ଓ ତଥ୍ୟ ଆଧାରିତ ତର୍କ ପାଇଁ ଭାରତୀୟ ଜନତା ପାର୍ଟି ପ୍ରସ୍ତୁତ । ତିନୋଟି ‘ସ’ରେ ବିଶ୍ୱାସ ରଖୁଥିବା ତଥା ଓଡ଼ିଶାର ବିକାଶ ପାଇଁ ସମ୍ଭାବନାକୁ ନେଇ ଉପଜୁଥିବା ସମସ୍ୟା ଓ ତାହାର ସମାଧାନ ପାଇଁ ବିଜେପି ବଦ୍ଧପରିକର ବୋଲି କହିଛନ୍ତି ରାଜ୍ୟ ବିଜେପି ସାଧାରଣ ସମ୍ପାଦକଗୋଲକ ମହାପାତ୍ର । ଶ୍ରୀ ମହାପାତ୍ର କହିଛନ୍ତି ଯେ, ସର୍ବସାଧାରଣ ସମ୍ମୁଖରେ ତଥ୍ୟ ରଖିବା ପୂର୍ବରୁ ସଞ୍ଜୟ ଦାସ ବର୍ମା ପ୍ରଥମେ ପ୍ରସ୍ତାବିତ କୋଷ୍ଟାଲ ହାଇୱେ ବିଷୟରେ ସବିଶେଷ ତଥ୍ୟ ଜାଣିବାର



ଆବଶ୍ୟକତା ରହିଛି । ଗତ ଦୁଇ ଦିନ ପୂର୍ବରୁ ତଥା ୨୭ ଜାନୁଆରୀରେ ଶ୍ରୀ ବର୍ମା କୋଷ୍ଟାଲ ହାଇୱେର ଆଲାଇନମେଂଟ୍ ପରିବର୍ତନ ବିଷୟରେ ଜନସାଧାରଣ ସମ୍ମୁଖରେ ଦୁଇଟି ବିବରଣୀ ରଖିଥିଲେ । ପ୍ରଥମ ବିବରଣୀରେ ସେ କହିଥିଲେ ଯେ, ପୂର୍ବରୁ ଅନୁମୋଦିତ ହୋଇଥିବା ୪୪୦ କିମି ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ୩୭୦ କିମି ଲମ୍ବର କୋଷ୍ଟାଲ ହାଇୱେକୁ ୧୭୭ କିଲୋମିଟରକୁ କମାଇ ଦିଆଯାଇଛି । ତେବେ ବାସ୍ତବ କଥା ହେଉଛି ଶ୍ରୀ ବର୍ମାଙ୍କୁ କୋଷ୍ଟାଲ ହାଇୱେ ବିଷୟରେ କୌଣସି ଧାରଣା ନାହିଁ । ସେ କେବଳ କୋଷ୍ଟାଲ ହାଇୱେର ଏକପାଖିଆ ଯଥା ୧୭୭ କିମି ୧୪୯ ମିଟର ଲମ୍ବ ଟାଙ୍ଗୀରୁ ରତନପୁର ଭାୟା ଟାଙ୍ଗୀ – ବ୍ରହ୍ମଗିରି - ପୁରୀ – କୋଣାର୍କ - ଅସ୍ତରଙ୍ଗ - ନାଉଗାଁ - ପାରାଦୀପ ବନ୍ଦର - ରତନପୁର ଉପରେ କହିଥିଲେ । ଯାହାକୁ ଗତ ନଭେମ୍ବର ୧୦, ୨୦୨୦ରେ ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତନ ମନ୍ତ୍ରଣାଳୟର ବିଶେଷଜ୍ଞ ମୂଲ୍ୟାଙ୍କନ କମିଟି (ଇଏସି) ଦ୍ୱାରା ଟର୍ମସ ଅଫ୍ ରେଫରେନ୍ସ (ଟିଓଆର)କୁ ଅନୁମୋଦନ ଦିଆଯାଇଥିଲା । ତେବେ ସଞ୍ଜୟ ଦାସ ବର୍ମା ତଥ୍ୟ ଆଧାରିତ କଥା ନକହିବା ଦୁର୍ଭାଗ୍ୟଜନକ । ଅପରପକ୍ଷରେ ରାଜ୍ୟ ସରକାର ସାତପଡାରୁ ଗୋପାଳପୁର ପର୍ଯ୍ୟନ୍ତ ପ୍ରକଳ୍ପର କାମକୁ ଅଟକାଇ ରଖିଥିବା ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି । ଶ୍ରୀ ମହାପାତ୍ର କହିଛନ୍ତି ଯେ ସଞ୍ଜୟ ଦାସ ବର୍ମା ପ୍ରକଳ୍ପର ଦ୍ୱିତୀୟ ଭାଗକୁ ହିସାବ କରୁନାହାନ୍ତି । ଯଥା ଗତ ଡ଼ିସେମ୍ବର ୧୫, ୨୦୨୦ରେ ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତନ ମନ୍ତ୍ରଣାଳୟର ବିଶେଷଜ୍ଞ ମୂଲ୍ୟାଙ୍କନ କମିଟି ଦ୍ୱାରା ଧାମରା, ବାସୁଦେବପୁର ବ୍ୟତିତ ୧୭୦.୭୭ କିମି ଲମ୍ବର ରତନପୁରରୁ ଦୀଘା ପାଇଁ ଅନୁମୋଦନ ଦିଆଯାଇସାରିଛି । ସେହିପରି ୩୫ କିମି ଲମ୍ବ ଧାମରାରୁ ବାସୁଦେବପୁରର କାର୍ଯ୍ୟ ଏନଏଚଏଆଇ ଦ୍ୱାରା ଜାମ୍ବୁଝାଡ଼ି - ଧାମରା ବନ୍ଦର ସଂଯୋଗସ୍ଥାପନ ପ୍ରକଳ୍ପ ଅଧୀନରେ କାର୍ଯ୍ୟକାରୀ କରାଯାଉଥିଲା । ପ୍ରଥମ ପର୍ଯ୍ୟାୟରେ ସାତପଡ଼ାରୁ ଦୀଘା ପର୍ଯ୍ୟନ୍ତ ଅନୁମୋଦିତ ହୋଇଥିବା ୩୭୦ କିମି ଲମ୍ବର ପ୍ରକଳ୍ପକୁ ବର୍ତମାନ ୩୮୨.୮୪୯ କିମି ଲମ୍ବର କୋଷ୍ଟାଲ ହାଇୱେ ପାଇଁ ଅନୁମୋଦନ ଦିଆଯାଇଛି । ସଞ୍ଜୟ ଦାସ ବର୍ମା ଦ୍ୱିତୀୟ ମନ୍ତବ୍ୟରେ କହିଥିଲେ ଯେ, ମନ୍ତ୍ରଣାଳୟ - ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତନ ମନ୍ତ୍ରଣାଳୟର ବିଶେଷଜ୍ଞ ମୂଲ୍ୟାଙ୍କନ କମିଟି (ଇଏସି) ନାମରେ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ସାତପଡ଼ାରୁ ପୁରୀ ଆଲାଇନମେଂଟ୍ ବଦଳରେ ଟାଙ୍ଗୀରୁ ବିଜିପୁର(ପୁରୀ ଓ ବ୍ରହ୍ମଗିରି) ମଧ୍ୟରେ ଆଲାଇନମେଂଟ୍‌କୁ ପରିବର୍ତନ କରିଛନ୍ତି । ମାତ୍ର ବାସ୍ତବରେ ତଥ୍ୟ ହେଉଛି ଚିଲିକାର ନିକଟବର୍ତୀ ହୋଇଥିବାରୁ ଏହା ମୁଖ୍ୟ ରାସ୍ତା ସହ ସଂଯୋଗ କରିବ । ଯାହା ଅଧିକ ବାଣିଜ୍ୟିକ ସୁଯୋଗ ଥିବା ଯୋଗୁଁ ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତନ ମନ୍ତ୍ରଣାଳୟର ବିଶେଷଜ୍ଞ ମୂଲ୍ୟାଙ୍କନ କମିଟି (ଇଏସି) ଟାଙ୍ଗୀରୁ ବିଜିପୁର(ବ୍ରହ୍ମଗିରି ଓ ପୁରୀ ମଧ୍ୟରେ) ଅଧିକ ୩୫ କିମି ଲମ୍ବ ରଖିବା ପାଇଁ ନିଷ୍ପତି ନେଇଥିଲେ । ମାତ୍ର ଗତ ନଭେମ୍ବର ୧୫,୨୦୧୯ରେ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ୩୦ କିମି ଲମ୍ବ ସାତପଡ଼ାରୁ ବିଜିପୁରକୁ ବାଦ୍ ଦିଆଯାଇଥିଲା । ଅପରପକ୍ଷରେ ରାଜ୍ୟ ସରକାର ଗୋପାଳପୁରରୁ ସାତପଡ଼ାର ରାସ୍ତାକୁ ସହମତି ଦେଇନଥିବା ଯୋଗୁଁ ବିଶେଷଜ୍ଞ ମୂଲ୍ୟାଙ୍କନ କମିଟି ଟାଙ୍ଗୀ – ବ୍ରହ୍ମଗିରି – ପୁରୀ – କୋଣାର୍କ ଅସ୍ତରଙ୍ଗ-ନାଉଗାଁ– ପାରାଦୀପ ବନ୍ଦର-ରତନପୁର-ଧାମରା-ଦୀଘାକୁ ନିରନ୍ତରତା ରଖିବା ପାଇଁ ଅନୁମୋଦନ ଦିଆଯାଇଛି ବୋଲି ରାଜ୍ୟ ବିଜେପି ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି । ସଞ୍ଜୟ ଦାସ ବର୍ମା ତଥ୍ୟ ଆଧାରିତ କଥା ନକହିବା ଦୁର୍ଭାଗ୍ୟଜନକ । ଖୋଲା ବିତର୍କକୁ ଆସି କୋଷ୍ଟାଲ ହାଇୱେ ଉପରେ ସଞ୍ଜୟ ଦାସ ବର୍ମା ଉତର ରଖନ୍ତୁ ବୋଲି ଦଳ ପକ୍ଷରୁ ଆହ୍ୱାନ କରାଯାଇଛି । ଏହି ଅବସରରେ ରାଜ୍ୟ ମୁଖପାତ୍ର ଠାକୁର ରଂଜିତ ଦାସ ଏବଂ କୃଷକମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦକ ସୁରଥ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

## ବିସ୍ଥାପିତଙ୍କ ସମସ୍ୟା ଅନୁଧ୍ୟାନ କରିବ ଗୃହ କମିଟି

**ଭୁବନେଶ୍ୱର :** ବିଭିନ୍ନ ଖଣି, ଶିଳ୍ପ ଓ ଜଳସେଚନ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହେଉଥିବା ଜନସାଧାରଣଙ୍କ ସମସ୍ୟା ଅନୁଧ୍ୟାନ କରିବ ବିଧାନସଭା ଗୃହକମିଟି । ଏହି ସୂଚନା ଦେଇଛନ୍ତି ବିଧାନସଭା ଉପବାଚସ୍ପତି ରଜନୀକାନ୍ତ ସିଂ । ଗୁରୁବାର ବିଧାନସଭା ପ୍ରକୋଷ୍ଠ ୫୪ରେ ବିସ୍ଥାପନ ସମସ୍ୟା ସଂପର୍କିତ ଗୃହ କମିଟି ବୈଠକ ବସିଥିଲା । ଏଥିରେ ଅଧ୍ୟକ୍ଷତା କରିଥିଲେ ଉପବାଚସ୍ପତି ଶ୍ରୀ ସିଂ । ସୁବର୍ଣ୍ଣରେଖା, ରେଙ୍ଗାଳୀ, ଇନ୍ଦ୍ରାବତୀ, ଅପରକୋଲାବ ଜଳସେଚନ ପ୍ରକଳ୍ପ ଓ ସଇଁତଳା ଗୋଳାବାରୁଦ କାରଖାନା ଦ୍ୱାରା ବିସ୍ଥାପିତ ହୋଇଥିବା ଜନସାଧାରଣଙ୍କ ସମସ୍ୟା ସମ୍ପର୍କରେ ଉକ୍ତ ବୈଠକରେ ବିଶେଷ ଆଲୋଚନା ହୋଇଥିଲା । ବିଗତ ୧୯ ସେପ୍ଟେମ୍ବର ୧୯୯୧ରେ ତତ୍‌କାଳୀନ ଗୃହ କମିଟି ଅପରକୋଲାବ ଓ ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପ ଯୋଗୁଁ ବିସ୍ଥାପିତଙ୍କ ବାସ୍ତବ ସମସ୍ୟା ଉପରେ ମଧ୍ୟବର୍ତ୍ତୀକାଳୀନ ରିପୋର୍ଟ ପ୍ରଦାନ କରିଥିଲେ । ପୁଣି ୧୧ ନଭେମ୍ବର ୧୯୯୨ରେ ରେଙ୍ଗାଲି ଓ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବିସ୍ଥାପିତଙ୍କ ଉପରେ ରିପୋର୍ଟ ପ୍ରଦାନ କରିଥିଲେ । ୨୦୦୦ଠାରୁ ଦ୍ୱାଦଶ, ତ୍ରୟୋଦଶ, ଚତୁର୍ଦ୍ଦଶ ଏବଂ ପଞ୍ଚଦଶ ବିଧାନସଭାରେ ଗୃହ କମିଟି ଗଠିତ ହୋଇ ଆସୁଅଛି ଏବଂ ବିସ୍ଥାପିତଙ୍କ ସମସ୍ୟା ଓ ତା’ର ସମାଧାନରେ ନିରନ୍ତର ଦୃଷ୍ଟି ଦେଇ ଆସିଛି । ବିସ୍ଥାପିତଙ୍କ ସମସ୍ୟାର ଆଶୁ ସମାଧାନ ପାଇଁ ସଦସ୍ୟମାନେ ଦାବି କରିଥିଲେ । ଉକ୍ତ ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, ବିଧାୟକ ସନ୍ତୋଷ ସିଂ ସାଲୁଜା, ପର୍ଶୁରାମ ଧଡ଼ା, ପ୍ରଶାନ୍ତ ଜଗଦେବ, କିଶୋର କୁମାର ମହାନ୍ତି, ବିଧାନସଭା ସଚିବ ଦାଶରଥୀ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବୈଦିକ ବ୍ରାହ୍ମଣ ପରିଷଦର ଅଧିବେଶନ

**ନରସିଂହପୁର :** ଆଠଗଡ, ତିଗିରିଆ, ବଡମ୍ବା, ନରସିଂହପୁର ବୈଦିକ ବ୍ରାହ୍ମଣ ପରିଷଦର ମିଳିତ ଆନୁକୂଲ୍ୟରେ ବୈଦିକ ବ୍ରାହ୍ମଣ ପରିଷଦ ଓଡିଶାର ୪୭ ତମ ଅଧିବେଶନ ନରସିଂହପୁର ବ୍ଲକର ରଘୁନାଥ ଜିଉ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ବୈଦିକ ବ୍ରାହ୍ମଣ ପରିଷଦର କାର୍ଯ୍ୟକାରୀ ସଭାପତି ସୁଧାଂଶୁ ଶେଖର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ବିଭୁତି ଭୂଷଣ ପାଲ୍, ସମ୍ମାନୀତ ଅତିଥିଭାବେ ସମ୍ପାଦକ ସତ୍ୟନାରାୟଣ ତ୍ରିପାଠୀ,କୋଷାଧ୍ୟକ୍ଷ ରଶ୍ମି ରଞ୍ଜନ ରଥ, ଉପଦେଷ୍ଟା ପ୍ରଦୀପ କୁମାର ମିଶ୍ର ଏବଂ ବିରଞ୍ଚି ନାରାୟଣ ହୋତା, ରଜନୀକାନ୍ତ ମିଶ୍ର, କୁଳମଣୀ ଦାଶ, ଗୋପୀନାଥ ଉପାଧ୍ୟାୟ ଯୋଗଦେଇ ସନାତନ ଧର୍ମର ପ୍ରଚାର ପ୍ରସାର ସହିତ ଗୋହତ୍ୟା ବନ୍ଦ ଏବଂ ବ୍ରାହ୍ମଣ ସମାଜର ଏକତ୍ରୀକରଣ ଓ ଉନ୍ନତି କରଣ ପାଇଁ ସମସ୍ତେ ଆଗେଇ ଆସିବା ପାଇଁ ଆହ୍ୱାନ ଦେଇଥିଲେ । ଦେବୀ ପ୍ରସାଦ ସତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଉମାଶଙ୍କର ଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ । ଅଶୋକ କୁମାର ଦାଶ , ଶ୍ୟାମ ପ୍ରସାଦ ମିଶ୍ର, ବିଷ୍ଣୁପ୍ରସାଦ ଦାଶ, ମାନସ ରଞ୍ଜନ ମହାପାତ୍ର, କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୁରଜିତ୍ ମିଶ୍ର, ପ୍ରଫୁଲ୍ଲ ମିଶ୍ର, ସଞ୍ଜିବ ଦାଶ, ଦୁର୍ଗାଚରଣ ଉପାଧ୍ୟାୟ, ଗଣେଶ୍ୱର ଦାଶ, ପ୍ରମୋଦ ମିଶ୍ର, ଶ୍ରୀନିବାସ ରଥ, ପ୍ରମୋଦ ରଥ, ବ୍ରଜବନ୍ଧୁ ରଥ, ପ୍ରେମାନନ୍ଦ ମିଶ୍ର, ଯଜ୍ଞେଶ୍ୱର ମିଶ୍ର, ଉମାକାନ୍ତ ମିଶ୍ର, ଦିବାକର ମିଶ୍ର, ସତ୍ୟନାରାୟଣ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହେଯାଗ କରିଥିଲେ । ଏଥିରେ ନରସିଂହପୁର , ବଡମ୍ବା, ତିଗିରିଆ ଓ ଆଠଗଡ ଅଞ୍ଚଳର ବ୍ରାହ୍ମଣ ମାନେ ଯୋଗ ଦେଇଥିଲେ ।

**ଇଣ୍ଡିଆ ଜଷ୍ଟିସ୍ ରିପୋର୍ଟ**

## ୩ ନମ୍ବରରେ ଓଡ଼ିଶା ପୋଲିସ

**ଭୁବନେଶ୍ୱର :** ଟାଟା ଟ୍ରଷ୍ଟ୍‌ପକ୍ଷରୁ ପ୍ରକାଶପାଇଛି ‘ଇଣ୍ଡିଆ ଜଷ୍ଟିସ୍ ରିପୋର୍ଟ - ୨୦୨୦’ । ଲଗାତାର ଦ୍ୱିତୀୟ ବର୍ଷ ଲାଗି ଦେଶର ନ୍ୟାୟିକ ବ୍ୟବସ୍ଥାର ସ୍ୱଷ୍ଟଚିତ୍ର ପ୍ରଦାନଲାଗି ସର୍ଭେ ଆଧାରରେ ଏହି ରିପୋର୍ଟ ପ୍ରକାଶିତ ହୋଇଛି । ତେବେ ଦେଶର ୧୮ ପ୍ରମୁଖ ବଡ଼ ରାଜ୍ୟମାନଙ୍କ ତାଲିକାରେ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଓଡ଼ିଶା ନୈରାଶ୍ୟଜନକ ପ୍ରଦର୍ଶନ କରିଛି । ଗତବର୍ଷ ଓଡ଼ିଶା ଏଥିରେ ୭ ନମ୍ବର ସ୍ଥାନରେ ରହିଥିବା ବେଳେ ଏଥର ୧୧ ନମ୍ବରକୁ ଖସି ଆସିଛି । ତେବେ ପୋଲିସ ରାଙ୍କିଙ୍ଗ୍‌ରେ ଓଡ଼ିଶା ପୋଲିସ ୩ ନମ୍ବରକୁ ଉଠିବା ରାଜ୍ୟପାଇଁ ଏକ ଖୁସି ଖବର । ନ୍ୟାୟିକ କ୍ଷେତ୍ରରେ ୧୦ରୁ ସର୍ବାଧିକ ୫.୭୭ ସ୍କୋର ସହ ମହାରାଷ୍ଟ୍ର ତାଲିକାର ଶୀର୍ଷରେ ରହିଛି । ପଛକୁ ତାଲିଲନାଡୁ, ତେଲେଙ୍ଗାନା, ପଞ୍ଜାବ ଇତ୍ୟାଦି ରାଜ୍ୟ ରହିଛନ୍ତି । ଓଡ଼ିଶା ୧୦ରୁ ମାତ୍ର ୪.୯୦ ସ୍କୋର କରିବାରେ ସଫଳ ହୋଇଛି । ରାଜ୍ୟରେ ହାଇକୋର୍ଟ ଠାରୁ ଆରମ୍ଭ କରି ବିଭିନ୍ନ ଜିଲ୍ଲା କୋର୍ଟ ପର୍ଯ୍ୟନ୍ତ ଆବଶ୍ୟକୀୟ ସଂଖ୍ୟାରେ ବିଚାରପତି ନାହାନ୍ତି । ଏଣୁ ଗୁଡ଼ାଏ ମାମଲା ପଡ଼ିରହିଛି । ଏହି ସକାଶେ ଓଡ଼ିଶାର ସ୍କୋର କମିଥିବା ଅନୁମାନ କରାଯାଉଛି । ସମାନଭାବେ ଏହି କ୍ଷେତ୍ରରେ ମାନବସମ୍ବଳ ରାଙ୍କିଙ୍ଗ୍‌ରେ ମଧ୍ୟ ୩ରୁ ୪ନମ୍ବରକୁ ଖସିଆସିଛି ଓଡ଼ିଶା । ତେବେ ବିବିଧତା କ୍ଷେତ୍ରରେ ଓଡ଼ିଶା ୫ ନମ୍ବରରୁ ୩ ନମ୍ବରକୁ ଉଠିଛି । ଏହାସହ ଅନ୍ୟ ଏକ ସଫଳତା ଭାବେ ନ୍ୟାୟିକା ସହାୟତା ପ୍ରଦାନ କ୍ଷେତ୍ରରେ ୫.୬୪ ପଏଣ୍ଟ ସ୍କୋର ସହ ୧୫ତମ ସ୍ଥାନରୁ ଉଠି ୮ମକୁ ଆସିଛି ଓଡ଼ିଶା । ହେଲେ ଏ ଭିତରେ ରାଜ୍ୟ ପୁଲିସ ରାଙ୍କିଙ୍ଗ୍‌ରେ ଉପରକୁ ଉଠିଛି । ୫.୫୯ ସ୍କୋର ସହ କର୍ଣ୍ଣାଟକ ଏବଂ ଛତିଶଗଡ଼ ପଛକୁ ରହିଛି ଓଡ଼ିଶା । ଓଡ଼ିଶା ପୁଲିସ ୭ ନମ୍ବର ସ୍ଥାନକୁ ୩ ନମ୍ବରକୁ ଉଠିଥିବାରୁ ଡିଜିପି ଅଭୟ ଟ୍ୱିଟ୍ କରି ଖୁସିବ୍ୟକ୍ତ କରିବା ସହ ରାଜ୍ୟର ସବୁ ପୁଲିସ ଅଧିକାରୀ ଏବଂ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ପୁଲିସ୍ ବିଭାଗରେ ନିଯୁକ୍ତି କ୍ଷେତ୍ରରେ ଓଡ଼ିଶା ଭଲ ସ୍ଥିତିରେ ଥିଲେହେଁ ନ୍ୟାୟିକ କ୍ଷେତ୍ରରେ କିନ୍ତୁ ପଛରେ ପଡ଼ିଯାଇଛି ।



## ଭିନ୍ନ ପରିଚୟରେ ଗଛ ମଣିଷ ଶ୍ରୀନାଥ

**ଉଦଳା, (ନିରୁପମା ରଣା) :** ଗଛକୁ ସୁରକ୍ଷା ଦେବା ଓ ପରିବେଶ ପ୍ରତି ଯତ୍ନବାନ ହେବା ସହ ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ସମସ୍ତେ ସଚେତନ ହେବା ଦରକାର । ଏହିପରି ଜଣେ ଜଙ୍ଗଲକୁ ଭଲ ପାଉଥିବା ମଣିଷ ଅନ୍ୟମାନଙ୍କ ପାଇଁ ପାଲଟିଛନ୍ତି ଉଦାହରଣ । କାହିଁକି ନା ସେ ଏବେ ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ ଗଛକୁ ସୁରକ୍ଷା ଦେଇପାରୁଛନ୍ତି । ଆମେ କହୁଛୁ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଜଡିଦା ଗ୍ରାମର ଶ୍ରୀନାଥ ପାତ୍ରଙ୍କ କଥା । ଜଙ୍ଗଲକୁ ଭଲ ପାଉଥିବା ଓ ସୁରକ୍ଷା ଦେଉଥିବା ମଣିଷ ହେଉଛନ୍ତି ଶ୍ରୀନାଥ । ବୟସ ପାଖାପାଖି ୬୫ରୁ ଊର୍ଦ୍ଧ୍ୱ ହେବ । ହେଲେ ତାଙ୍କର ଏହି ପ୍ରୟାସ ପାଇଁ ସେ ଟ୍ରି ମେନ ଭାବେ ପରିଚିତ । ସେ ବିଦ୍ୟୁତ୍ ବିଭାଗର ଲାଇନମ୍ୟାନ୍ ଭାବେ କାର୍ଯ୍ୟ କରୁଥିଲେ । ଚାକିରି ଥିବା ସମୟରେ ନିଜ ବାଡିରେ ଗଛ ଲଗାଇବାର ସଉକ ବେଶ ନିଆରା ଥିଲା ତାଙ୍କର । ଚାକିରି ଅବସର ହେଲା ପରେ ଏବେ ଜଙ୍ଗଲ ସୁରକ୍ଷାରେ ଲାଗିପଡିଛନ୍ତି । ନିଜର ଦୃଢ଼ ଇଚ୍ଛାଶକ୍ତି ପାଇଁ ଏବେ ଲାଗି ପଡିଛନ୍ତି ଶ୍ରୀନାଥ । ନିଜ ଘର ପାଖରେ ଥିବା ଏକ ସଂରକ୍ଷିତ ଜଙ୍ଗଲକୁ ସୁରକ୍ଷା ଦେଇଛନ୍ତି । ଏହି ଜଙ୍ଗଲ ଚାରିପଟେ ବାଡ ଘେରିବା ସହ ଗଛକୁ ସୁରକ୍ଷା ଦେଇଚାଲିଛନ୍ତି ଶ୍ରୀନାଥ । ଜଙ୍ଗଲକୁ ସୁରକ୍ଷା ଦେବା, ଜଙ୍ଗଲ ବଞ୍ଚିଲେ ଜୀବଜଗତ ବଞ୍ଚିବେ ଏହି ସଚେତନତା ଜାରି ରଖିଛନ୍ତି । ସକାଳ ହେଲେ ଜଙ୍ଗଲକୁ ବାହାରି ପଡନ୍ତି ଶ୍ରୀନାଥ । ଜଙ୍ଗଲରେ ଝାଡୁ ମାରି ସଫତା କରିବା ସହ ଗଛର ଯତ୍ନ ନେଇଥାନ୍ତି । ଏବେ ସେ ଦଶ ହଜାରରୁ ଊର୍ଦ୍ଧ୍ୱ ଗଛକୁ ସୁରକ୍ଷା ଦେଉଛନ୍ତି । ତାଙ୍କର ଏହି ଉଦ୍ୟମକୁ ସ୍ୱାଗତ କରାଯାଇଥିବା ବେଳେ ଶ୍ରୀନାଥଙ୍କ ପରି ଅନ୍ୟମାନେ ମଧ୍ୟ ଜଙ୍ଗଲ ସୁରକ୍ଷା ପାଇଁ ଚେଷ୍ଟା କରିବା ଦରକାର ବୋଲି କହିଛନ୍ତି ସମାଜସେବୀ ।

**ସେମାନେ ଯାହା କୁହନ୍ତି ...**



କପ୍ତିପଦା ଉପଖଣ୍ଡ ଦିନକୁ ଦିନ ଜଙ୍ଗଲ ଧ୍ୱସଂଭିମୁଖୀ ହେବାରେ ଲାଗିଛି । ଜଙ୍ଗଲର ସୁରକ୍ଷା ହେଲେ ଜୀବଜଗତ ସୁରକ୍ଷିତ ହେବା ସହ ପରିବେଶ ମଧ୍ୟ ସନ୍ତୁଳିତ ହୋଇପାରିବ । କପ୍ତିପଦା ଅଞ୍ଚଳର ଶ୍ରୀନାଥ ପାତ୍ରଙ୍କର ଏହି ମହାନ ପ୍ରୟାସ ସ୍ୱାଗତଯୋଗ୍ୟ ହୋଇଥିବା ବେଳେ ଆମେମାନେ ମଧ୍ୟ ଜଙ୍ଗଲ ସୁରକ୍ଷା ପାଇଁ ବଦ୍ଧପରିକର ହେବା ଆବଶ୍ୟକ

*ମାନସ ପାଣି, ସାମ୍ବାଦିକ*



ପୃଥିବୀ ପୃଷ୍ଠରେ ମଣିଷ ସମାଜ ବଞ୍ଚିବା ପାଇଁ ହେଲେ ଜଙ୍ଗଲ ସୁରକ୍ଷା ନିତ୍ୟାନ୍ତ ଜରୁରୀ । ଆଧୁନିକତା ଓ ବିକାଶ ନାମରେ ଦିନକୁ ଦିନ ଜଙ୍ଗଲ କ୍ଷୟ ହେବା ଫଳରେ ପରିବେଶ ବର୍ତ୍ତମାନ ଅସନ୍ତୁଳିତ ଅବସ୍ଥାରେ । ତେଣୁ ସମସ୍ତେ ମିଳିମିଶି ଅଧିକରୁ ଅଧିକ ଜଙ୍ଗଲ ସୃଷ୍ଟି କରି ପରିବେଶ ପ୍ରତି ଧ୍ୟାନ ଦେବା ନିତ୍ୟାନ୍ତ ଆବଶ୍ୟକ । ଜଙ୍ଗଲକୁ ସୁରକ୍ଷା ଦେଉଥିବା ଗଛ ମଣିଷ ଶ୍ରୀନାଥ ପାତ୍ରଙ୍କ କାର୍ଯ୍ୟ ଖୁବ୍ ପ୍ରଶଂସନୀୟ । ଆଜିର ଯୁବପିଢ଼ି ତାଙ୍କ କାର୍ଯ୍ୟକୁ ଅନୁକରଣ କରିବାର ଆବଶ୍ୟକତା ରହିଛି ।

*ଦିଲୀପ କୁମାର ପରମାଣିକ, ଶିକ୍ଷାବିତ*

## ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କ ପ୍ରତି ସମ୍ବେଦନଶୀଳ ହୁଅନ୍ତୁ: ମନ୍ତ୍ରୀ

**ଭୁବନେଶ୍ୱର :** ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ରାଜ୍ୟ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ସମ୍ମିଳନୀ କକ୍ଷରେ ଓଡ଼ିଶା ଶିକ୍ଷକ ଶିକ୍ଷା ଡ୍ୟାସ୍ ବୋର୍ଡର ଶୁଭାରମ୍ଭ କରି କହିଛନ୍ତି ଯେ ଶିକ୍ଷକମାନେ ପିଲାମାନଙ୍କ ପ୍ରତି ସମ୍ବେଦନଶୀଳ ହୁଅନ୍ତୁ । କୋଭିଡ୍-୧୯ ମହାମାରୀ ଭଳି ଜରୁରୀକାଳୀନ ସମୟରେ ଶିକ୍ଷା ଜାରି ରଖିବା ପାଇଁ ଏହି ଡ୍ୟାସ୍‌ବୋର୍ଡ ଅତ୍ୟନ୍ତ ଆବଶ୍ୟକ । ଏ ଦିଗରେ ମୁଖ୍ୟମନ୍ତ୍ରୀଙ୍କର ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀକୁ ମନ୍ତ୍ରୀ ଶ୍ରୀ ଦାଶ ପ୍ରଶଂସା କରିବା ସହ ଧନ୍ୟବାଦ ଜଣାଇଥିଲେ । ବିଭାଗୀୟ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ କହିଲେ ଯେ ପିଲାମାନେ ହେଉଛନ୍ତି କଞ୍ଚାମାଟିର ପିଣ୍ଡୁଳା । ସେମାନଙ୍କୁ ଯେପରି ଗଢ଼ିବ ସେମାନେ ସେହିପରି ତିଆରି ହୋଇପାରିବେ । କ୍ଷେତ୍ର କାର୍ଯ୍ୟାଳୟ ୟୁନିସେଫର ରାଜ୍ୟ ମୁଖ୍ୟ ଡ. ମୋନିକା ନିଲସେନ୍ କହିଛନ୍ତି ଯେ ଆଇସିଟି ହେଉଛି ଏକ ବୈଜ୍ଞାନିକ, ବୈଷୟିକ ଏବଂ ଇଞ୍ଜିନିୟରିଂ ଅନୁଶାସନ । ପ୍ରାରମ୍ଭରେ ରାଜ୍ୟ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ଗଙ୍ଗାଧର ସାହୁ ସ୍ୱାଗତ ସୂଚନା ପ୍ରଦାନ କରିଥିବାବେଳେ ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ. ନିବେଦିତା ନାୟକ, ସହକାରୀ ନିର୍ଦ୍ଦେଶକ ଡ. ତାପସ କୁମାର ନାୟକ, ଅର୍ଥ ଅଧିକାରୀ ଜୟକୃଷ୍ଣ ପାତ୍ର, ସହକାରୀ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ରଥଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ନିଜିଗଡ ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

**ନରସିଂହପୁର :** ନରସିଂହପୁର ବ୍ଲକ ଅନ୍ତର୍ଗତ ନିଜିଗଡ ପଞ୍ଚାୟତକୁ ସରକାରୀଙ୍କ ନିୟମ ଅନୁଯାୟୀ ଦୁଇଟି ପଞ୍ଚାୟତର ବିଭକ୍ତ କରଯାଇଛି । ଏହି ପରିପେକ୍ଷିରେ ନିଜିଗଡ ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଗୃହକୁ ଉଦଘାଟକ ବଡମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କିରଛନ୍ତି । ଉକ୍ତ ଉଦଘାଟନୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ବିଡିଓ ପ୍ରଦୀପ କୁମାର ସାହୁ, ସହକାରୀ ଯନ୍ତ୍ରୀ ଦିଲିପ କୁମାର ବେହେରା, ନିଜିଗଡ ସରପଞ୍ଚ ପ୍ରଭାକରମିଶ୍ରଁ , ସମିତି ସଭ୍ୟ ରଞ୍ଜନ ସ୍ୱାଇଁ , ଜିଲ୍ଲା ପରିଷଦ ସଭ୍ୟ ନିର୍ମଳ ଜେନା, ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଉକ୍ତ ପଞ୍ଚାୟତ କାର୍ଯ୍ୟାଳୟଟି ୩୨ଲକ୍ଷ ବ୍ୟୟରେ ନିର୍ମାଣ କରାଯାଇଥିବା ମିଳିଥିବା ସୂଚନାରୁ ଜଣାପଡିଛି । ଉକ୍ତ କାର୍ଯ୍ୟକ୍ରମରେ ନିଜିଗଡ ପଞ୍ଚାୟତର ପୁର୍ବତନ ସରପଞ୍ଚ ନିଳମଣି ସାହୁ, ପୂର୍ବତନ ସମିତି ସଭ୍ୟ ରାଜ କିଶୋର ସାହୁ ଙ୍କ ସମେତ ୱାର୍ଡ ସଭ୍ୟସଭ୍ୟା ଉପସ୍ଥିତି ରହି ପରିଚାଳନାରେ ସହଯୋଗ କରିଥିଲେ ।


**ଦୁର୍ନୀତିଗ୍ରସ୍ତ ଓ ଅପାରଗଙ୍କ ବିରୁଦ୍ଧରେ ରାଜ୍ୟ ସରକାରଙ୍କ କଡ଼ା ଆଭିମୁଖ୍ୟ**

# ୯ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର

**ଭୁବନେଶ୍ୱର :** ଦୁର୍ନୀତି ଓ ଅପାରଗ ଅଧିକାରୀଙ୍କ ବିରୁଦ୍ଧରେ ରାଜ୍ୟ ସରକାରଙ୍କର କଠୋର ଆଭିମୁଖ୍ୟ ଜାରି ରହିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅପାରଗ ତଥା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୁଦ୍ଧରେ ସବୁବେଳେ ଶୂନ୍ୟ ସହିଷ୍ଣୁତା ଉପରେ ଜୋର ଦେଇଆସିଛନ୍ତି । ସାଧାରଣ ଜୀବନରେ ସାଧୁତା ଓ ନୈତିକତା ବଜାୟ ରଖିବା ସହ ଜନସାଧାରଣଙ୍କୁ ସ୍ୱଚ୍ଛ, ଦକ୍ଷ ଏବଂ ଉତ୍ତରଦାୟୀ ପ୍ରଶାସନ ମାଧ୍ୟମରେ ସେବା ଯୋଗାଇ ଦେବା ପାଇଁ ନିରନ୍ତର ପ୍ରଚେଷ୍ଟା ଜାରି ରଖିଛନ୍ତି । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ଖଣି ବିଭାଗର ଜଣେ ଉପନିର୍ଦ୍ଦେଶକ ଓ ଶ୍ରମ ବିଭାଗର ଯୁଗ୍ମ କମିଶନରଙ୍କ ସମେତ ଜଙ୍ଗଲ, ଜନସ୍ୱାସ୍ଥ୍ୟ, ଶ୍ରମ ବିଭାଗର ୯ ଜଣଙ୍କୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି । ସେମାନଙ୍କ ମଧ୍ୟରୁ ୭ ଜଣଙ୍କ ବିରୁଦ୍ଧରେ ଦୁର୍ନୀତି ମାମଲା ଥିବାବେଳେ, ୨ ଜଣଙ୍କୁ ଅପାରଗତା ଯୋଗୁଁ ବାଧ୍ୟତାମୂଳକ ଅବସର ଦିଆଯାଇଛି । ଖଣି ବିଭାଗର ୨ ଜଣ ଅଧିକାରୀ ତଥା ବଲାଙ୍ଗୀର ମୂରିବାହଲ ଫରେଷ୍ଟ ରେଞ୍ଜ ଅଫିସର ଏବଂ ସୁନ୍ଦରଗଡ ଜିଲ୍ଲା ସାଧାରଣ ଜନସ୍ୱାସ୍ଥ୍ୟ ବିଭାଗର ଆସିଷ୍ଟାଣ୍ଟ ଇଂଜିନିୟରଙ୍କୁ ଆଜି ବାଧ୍ୟତାମୂଳକ ଅବସର ଦିଆଯାଇଥିବା ଅନ୍ୟ ୫ ଜଣଙ୍କୁ କିଛି ଦିନ ତଳେ ବାଧ୍ୟତାମୂଳକ ଅବସର ଦିଆଯାଇଥିଲା । ବାଧ୍ୟତାମୂଳକ ଅବସର ଦିଆଯାଇଥିବା ଜଣେ ଅଧିକାରୀ ହେଲେ ଖଣି ବିଭାଗର ଉପନିର୍ଦ୍ଦେଶକ ମଦନ ମୋହନ ବିଶ୍ୱାଳ । ବିଶ୍ୱାଳଙ୍କ ବିରୁଦ୍ଧରେ ୯ଟି ଭିଜିଲାନ୍ସ ମାମଲା ରହିଛି । ତାଙ୍କର ସାଧୁତା ଅତ୍ୟନ୍ତ ସନ୍ଦେହଜନକ ଥିଲା । ସେହିପରି ସରକାରୀ କାର୍ଯ୍ୟରେ ତାଙ୍କର ଆନ୍ତରିକତା ଅଭାବ ରହିଥିଲା




ଏବଂ ଜଣେ ସରକାରୀ ଅଧିକାରୀ ଭାବରେ ଆବଶ୍ୟକ ସୌଜନ୍ୟ ମଧ୍ୟ ସେ ରକ୍ଷା କରୁ ନ ଥିଲେ । ସେହିପରି ଖଣି ବିଭାଗର ଗ୍ରୁପ-କ ପାହ୍ୟାର ଅଧିକାରୀ ରମେଶ ଚନ୍ଦ୍ର ମହାଳିକଙ୍କ ବିରୁଦ୍ଧରେ ୪ଟି ଭିଜିଲାନ୍ସ ମାମଲା ଥିବାବେଳେ ତାଙ୍କର ସାଧୁତା ମଧ୍ୟ ସନ୍ଦେହଜନକ ଥିଲା । ଜଣେ ସରକାରୀ ଅଧିକାରୀ ଭାବରେ ଆବଶ୍ୟକ ଆନ୍ତରିକତା ଓ ସୌଜନ୍ୟର ଅଭାବ ତାଙ୍କଠାରେ ଥିଲା । ବଲାଙ୍ଗୀର ମୂରିବାହାଲ ଫରେଷ୍ଟ ରେଞ୍ଜ ଅଫିସର ପ୍ରଶାନ୍ତ କୁମାର ନାୟକ ୧ କୋଟି ୪୦ ଲକ୍ଷ ଟଙ୍କାର ଆୟବର୍ହିଭୁତ ସଂପତ୍ତି ସହିତ ବଲାଙ୍ଗୀର ଜିଲ୍ଲାରେ ତାଙ୍କର ୧୦ଟି ପ୍ଲଟ ଓ ୨ଟି କୋଠା ମଧ୍ୟ ଠାବ କରାଯାଇଥିଲା । ସେଥିପାଇଁ ତାଙ୍କ ନାମରେ ଭିଜିଲାନ୍ସ ମାମଲା ରହିଛି । ସେହିପରି ସୁନ୍ଦରଗଡ ଜିଲ୍ଲା ସାଧାରଣ ଜନସ୍ୱାସ୍ଥ୍ୟ ବିଭାଗର ଆସିଷ୍ଟାଣ୍ଟ ଇଂଜିନିୟର ନାରାୟଣ ପ୍ରଧାନଙ୍କ ବିରୁଦ୍ଧରେ ଭିଜିଲାନ୍ସ ମାମଲା ରହିଛି । ତାଙ୍କର ଆୟ ବର୍ହିଭୂତ ୨ କୋଟି ୨୦ ଲକ୍ଷ ଟଙ୍କାର ସଂପତ୍ତି ସହିତ ଦେଓଗଡ ଜିଲ୍ଲାରେ ୪ଟି କୋଠା, ସମ୍ବଲପୁର, ଦେଓଗଡ, ଅନୁଗୁଳ ଓ ଖୋର୍ଦ୍ଧା ଜିଲ୍ଲାରେ ୩୧ଟି ଜମି ମଧ୍ୟ ରହିଛି । ଜଙ୍ଗଲ ବିଭାଗର ସହକାରୀ ବନ ସଂରକ୍ଷକ ଲକ୍ଷ୍ମଣ କୁମାର ପ୍ରଧାନଙ୍କ ବିରୁଦ୍ଧରେ ୨ଟି ଭିଜିଲାନ୍ସ ମାମଲା ରହିଛି । ଭରତ କୁମାର ଘଡେଇ ଜଙ୍ଗଲ ବିଭାଗର ରେଞ୍ଜ ଅଫିସରଙ୍କ ବିରୁଦ୍ଧରେ ୩ଟି ଭିଜିଲାନ୍ସ କେସ୍ ରହିଛି । ପ୍ରଦୀପ କୁମାର ଭୋଇ, ରାୟଗଡା ଜିଲ୍ଲା ଶ୍ରମ ଅଧିକାରୀଙ୍କ ବିରୁଦ୍ଧରେ ଗୋଟିଏ ଭିଜିଲାନ୍ସ କେସ ରହିଛି । ଏମାନଙ୍କୁ ସମସ୍ତଙ୍କୁ ଦୁର୍ନୀତି ଅଭିଯୋଗରେ ବାଧ୍ୟତାମୂଳକ ଅବସର ଦିଆଯାଇଛି । ଭୁବନେଶ୍ୱରର ଯୁଗ୍ମ ଶ୍ରମ କମିଶନର ଶରତ କୁମାର ଚୌଧୁରୀ ଏବଂ ଗଜପତି ଜିଲ୍ଲାର ଡିଭିଜିନାଲ ଶ୍ରମ କମିସନର ନମିତା ଦାସଙ୍କୁ ଅପାରଗତା ଯୋଗୁ ବାଧ୍ୟତାମୂଳକ ଅବସର ଦିଆଯାଇଛି । ଉପରୋକ୍ତ ୯ ଜଣ ଅଧିକାରୀଙ୍କ ସମେତ ଏପର୍ଯ୍ୟନ୍ତ ୧୧୩ଜଣଙ୍କୁ ଦୁର୍ନୀତି ଓ ଅପାରଗତା ଅଭିଯୋଗରେ ରାଜ୍ୟ ସରକାର ବାଧ୍ୟତାମୂଳକ ଅବସର ଦେଇଛନ୍ତି ।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୧ - ୦୭ ଫେବୃଆରୀ, ୨୦୨୧

# ସତରେ କ'ଣ କୃଷକଙ୍କ ଲୁହ !

ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ନିଜ ସମସ୍ୟା ସରକାରଙ୍କୁ କହିବା ପାଇଁ ଆନ୍ଦୋଳନ ଦରକାର ପଡିପାରେ। ହେଲେ ଆନ୍ଦୋଳନ ନାଁରେ ଅରାଜକତା ଚାଲିଲେ ଏହାକୁ କଣ କୁହାଯିବ ? ତେବେ ଲାଲକିଲ୍ଲାରେ ତାଣ୍ଡବ ରଚିବା ଦେଶର ଚାଷୀଙ୍କୁ ଆନ୍ଦୋଳନକାରୀ କୁହାଯାଇପାରବ ତ ! କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନକୁ ବିରୋଧ କରି ଚାଲିଥିବା ଚାଷୀ ଆନ୍ଦୋଳନ ଯେଭଳି ଉଗ୍ରରୂପ ନେଲା ଓ ଆନ୍ଦୋଳନକାରୀ ଦିଲ୍ଲୀରେ ପୋଲିସ ବ୍ୟାରିକେଡ ଭାଙ୍ଗି ଲାଲକିଲ୍ଲା ଭିତରକୁ ଟ୍ରାକ୍ଟର ଧରି ଧସେଇ ପଶିଲେ ଏବଂ ପ୍ରାଚୀରରେ ଚଢ଼ି ଜାତୀୟ ପତାକା ନିକଟରେ ଏକ ଧାର୍ମିକ ପତାକା ଉଡାଇଲେ ଏହାକୁ ଚାଷୀ ଆନ୍ଦୋଳନ କହିବା କେତେଦୂର ସମୀଚିନ ତାହା ଦେଶବାସୀ ବିଚାର କରିବା ଆବଶ୍ୟକ। ଅନ୍ୟ ଅର୍ଥରେ କହିଲେ ଚାଷୀ ଆନ୍ଦୋଳନ ନାଁରେ କିଛି କଠୋରପନ୍ଥୀ ଏଭଳି ଷଡଯନ୍ତ୍ର କରିଥିବା ସନ୍ଦେହ କରାଯାଉଛି। ଜାନୁଆରୀ ୨୬ ଭଳି ଏକ ଦିନରେ ସମଗ୍ର ଭାରତ ବର୍ଷରେ ଯେତେବେଳେ ସାଧାରଣତନ୍ତ୍ର ଦିବସର ପ୍ୟାରେଡ ଚାଲିଥିଲା, ଠିକ ସେହି ସମୟରେ ଜାତୀୟ ପ୍ୟାରେଡ ସ୍ଥଳରେ ହଜାର ହଜାର ଆନ୍ଦୋଳନକାରୀ ଉପଦ୍ରବ୍ୟ ଆରମ୍ଭ କରିଦେଲେ। ବାସ୍ତବରେ ଏହା ଚାଷୀ ଆନ୍ଦୋଳନ କି ଏହା ପଛରେ କାହାର ଷଡଯନ୍ତ୍ର ରହିଥିଲା ତାହାକୁ ନେଇ ଖୋଳତାଡ ଆରମ୍ଭ ହୋଇଛି। ହେଲେ ଲାଲକିଲ୍ଲାର ଏହି ଲଜ୍ଜାଜନକ ଘଟଣା ପଡୋଶୀ ଶତ୍ରୁଦେଶ ପାକିସ୍ତାନକୁ ଭାରତ ବିରୋଧରେ ମୁଣ୍ଡ ଟେକିବାକୁ ସୁଯୋଗ ସୃଷ୍ଟି କରିଛି। କାରଣ ଆମ ଦେଶର ଚାଷୀ ନିଜ ସମସ୍ୟା ଉପସ୍ଥିତ କରିବାକୁ ଯେଭଳି ଘୃଣ୍ୟ ପଦ୍ଧତି ଅବଲମ୍ବନ କଲେ ତାହା ଦେଶର ସମ୍ମାନ ହାନୀ କରିଛି। ଏଥିରେ କିଛି ଚାଷୀ ନେତାଙ୍କ ଭୂମିକା ସନ୍ଦେହ ଘେରକୁ ଆସିଥିଲା ବେଳେ ଦିଲ୍ଲୀ ହିଂସା ପାଇଁ କେନ୍ଦ୍ର ସରକାର ଦାୟୀ ବୋଲି ଆରୋପ ଲଗାଇଛି କଂଗ୍ରେସ। ଦୀର୍ଘ ୬ ଘଣ୍ଟା ଧରି ଆନ୍ଦୋଳନକାରୀ ଦିଲ୍ଲୀରେ ଯେଉଁ ତାଣ୍ଡବ ରଚିଲେ ଏହା ଅତ୍ୟନ୍ତ ଗୁରୁତର ପ୍ରସଙ୍ଗ। ଏକ ଆନ୍ଦୋଳନ ହିଂସାର ରୂପ ନେବା ପଛରେ ଯେଉଁମାନଙ୍କ ହାତ ରହିଛି, ସେମାନେ ଯିଏ ବି ହୁଅନ୍ତୁ ନା କାହିଁକି ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଆନଗଲେ ଏହା ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବ। ଋଷୀ ଆନ୍ଦୋଳନ ଏବେ ବିସ୍ଫୋରକ ସ୍ଥିତିରେ ପହଞ୍ଚି ସାରିଛି। ଗାଜିପୁର, ଟିକରି ଓ ସିଂଘୁରେ ଅବସ୍ଥା ସଙ୍ଗୀନ। କାରଣ ଦିଲ୍ଲୀ ହିଂସା ପରେ ସରକାର ଆନ୍ଦୋଳନରତ ଚାଷୀଙ୍କୁ ରାସ୍ତାରୁ ହଟାଇବା ପାଇଁ ପ୍ରସ୍ତୁତ ହେଉଥିଲା ବେଳେ ଚାଷୀ ନେତା କିନ୍ତୁ ସରକାରଙ୍କୁ ଚ୍ୟାଲେଞ୍ଜ ଦେଇଛନ୍ତି। ଧାରଣା ସ୍ଥଳରେ ବ୍ୟାପକ ପୋଲିସ ମୁତୟନ ସହ ସେଠାରେ ବିଦ୍ୟୁତ୍, ପାଣି ଯୋଗାଣ ବନ୍ଦ କରାଯାଇଛି। ଉତ୍ତରପ୍ରଦେଶ ଓ ଦିଲ୍ଲୀ ପୋଲିସ ଆନ୍ଦୋଳନକାରୀ ଚାଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ତତ୍ପର ହେଉଥିଲା ବେଳେ ଚାଷୀ ନେତାମାନେ ଧାରଣାରୁ ଉଠିବାକୁ ସ୍ପଷ୍ଟ ମନା କରୁଛନ୍ତି।

ତେବେ ଏଠାରେ ଯେକୌଣସି ମୁହୂର୍ତ୍ତରେ ପୋଲିସ କାର୍ଯ୍ୟାନୁଷ୍ଠାନ ହେବାର ପରିସ୍ଥିତି ଆଗାମୀ ଦିନରେ କେଉଁ ରୂପ ନେବ ତାହା ମଧ୍ୟ ଚିନ୍ତାର ବିଷୟ। ତେବେ ଅଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ କରି ଚାଷୀଙ୍କ ନାମରେ ଆନ୍ଦୋଳନ କରୁଥିବା ନେତା ବୁଝିରଖିବା ଦରକାର ଯେ, ବଳ ପ୍ରୟୋଗ ମାଧ୍ୟମରେ ଦାବି ହାସଲ ସମ୍ଭବ ନୁହେଁ। ଦାବିର ଯଥାର୍ଥତା ଥିଲେ ଆଲୋଚନା ମାଧ୍ୟମରେ ସମାଧାନର ପନ୍ଥା ବାହାର କରିବା ହେଉଛି ଗୁରୁତ୍ୱପୂର୍ଣ୍ଣ। ଶୁକ୍ରବାରଠାରୁ ବଜେଟ୍ ଅଧିବେଶନ ଆରମ୍ଭ ହୋଇଯାଇଛି। ଦେଶର ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା ହେବାକୁ ଥିବା ଏହି ଅଧିବେଶନ ଲାଲକିଲ୍ଲା ଘଟଣାକୁ ନେଇ ବେଶ ଗମ୍ଭୀର ରହିବ। ଏଠାରେ ବିରୋଧୀ ଦଳ ପକ୍ଷରୁ କେନ୍ଦ୍ରର ନୂଆ କୃଷି ନୀତିକୁ ଦୃଢ଼ ବିରୋଧ କରାଯିବାର ଜଣାପଡିଛି। ବିଶେଷକରି ବିରୋଧୀ ଦଳ ସହ ଆଲୋଚନା ନହୋଇ ପାରିତ ବିଲ ବିରୋଧରେ ଅଧିକ ଚର୍ଚ୍ଚା ହେବ। ଦିଲ୍ଲୀ ହିଂସାରେ ଜଡିତ ୩୭ଜଣଙ୍କ ନାଁରେ ଏବେ ମାମଲା ରୁଜୁ ହୋଇଥିଲା ବେଳେ ଆଗାମୀ ଦିନରେ ସଂଖ୍ୟା ବଢ଼ିବାର ଆଶଙ୍କା ମଧ୍ୟ ରହିଛି। ଏହାରି ମଧ୍ୟରେ କେନ୍ଦ୍ର ସରକାର କୃଷି ବିଲ୍ ହଟାଇନେବେ କି ଚାଷୀ ଆନ୍ଦୋଳନକୁ ହଟାଇବେ ତାହା ବଡ଼ ପ୍ରସଙ୍ଗ। ତେବେ ସ୍ଥାନୀୟ ଲୋକ ଆନ୍ଦୋଳନରତ ଚାଷୀଙ୍କ ବିପକ୍ଷରେ ରହିବା ହେତୁ ଘଟଣାର ମୋଡ ବଦଳିବା ଆରମ୍ଭ ହୋଇଗଲାଣି। କିଛି ଚାଷୀ ସଂଗଠନ ଆନ୍ଦୋଳନରୁ ଦୂରେଇ ମଧ୍ୟ ଗଲେଣି। ହେଲେ ଚାଷୀ ନେତା ରାକେଶ ଟିକାୟତଙ୍କ ପ୍ରଭାବୀ ଭାଷଣ ଓ ଆଖିର ଲୁହ ପୁଣିଥରେ ଚାଷୀଙ୍କୁ ଏକଜୁଟ କରିବା ଦ୍ୱାରା ଆନ୍ଦୋଳନ ଅଧିକ ଦିନ ଧରି ଚାଲିବାର ଆଶଙ୍କା ଭିତରେ କେନ୍ଦ୍ର ସରକାର ଏହାକୁ କିଭଳି ମୁକାବିଲା କରୁଛନ୍ତି, ତାହା ଦେଖିବାକୁ ବାକି ରହିଛି। ଲାଲକିଲ୍ଲା ଘଟଣାକୁ ସବୁ ମହଲରେ ନିନ୍ଦା କରାଯାଉଥିଲେ ବି ଘଟଣା ପାଇଁ କେନ୍ଦ୍ର ସରକାରଙ୍କୁ ଦାୟୀ କରିଛି କଂଗ୍ରେସ। ସରକାର ଚାହିଁଥିଲେ ଚାଷୀଙ୍କ ସହ ଆଲୋଚନା କରି ସମାଧାନର ବାଟ ବାହାରିଥାନ୍ତା ବୋଲି କଂଗ୍ରେସ ଅଭିଯୋଗ ରଖୁଛି। ହେଲେ ଆନ୍ଦୋଳନରତ ଚାଷୀ ଆଇନ ପ୍ରତ୍ୟାହାରକୁ ଯେଭଳି ଗୁରୁତ୍ୱ ଦେଉଛନ୍ତି, ଘଟଣାର ସମାଧାନ ବା ଆନ୍ଦୋଳନ ପ୍ରତ୍ୟାହାରକୁ ସେଭଳି ସମ୍ମାନ ଦେଇନାହାନ୍ତି। ବରଂ ଏକ ହିଂସାତ୍ମକ ପ୍ରଭାବ ଦ୍ୱାରା ଦାବି ହାସଲ କରିବାର ଜିଦକୁ ଅଧିକ ପ୍ରାଧାନ୍ୟ ଦେବା ଫଳରେ ପରିସ୍ଥିତି ଗମ୍ଭୀର ହୋଇଯାଉଛି। କେତେକଙ୍କ ମତରେ ଏହି ଆନ୍ଦୋଳନ ପଛଷର ଦେଶର ଚାଷୀଙ୍କ ଅପେକ୍ଷା ସରକାର ବିରୋଧୀ ତତ୍ତ୍ୱ ଏକଜୁଟ ହୋଇ ଅରାଜକତା ସୃଷ୍ଟି କରିବାକୁ ଚାହୁଁଛନ୍ତି। ଗଣତନ୍ତ୍ରର ପବିତ୍ର ଗୃହ ସଂସଦରେ ପାରିତ ନିୟମ ବିରୋଧରେ ସ୍ୱର ଉଠିବା ଦେଶ ପାଇଁ ଆଦୌ ଶୁଭଙ୍କର ନୁହେଁ। ତେଣୁ ସରକାର ନିଷ୍ପତ୍ତି ଗ୍ରହଣ ପୂର୍ବରୁ ବିରୋଧୀ ନେତାଙ୍କୁ ବିଶ୍ୱାସକୁ ନେଇ ନିୟମ ପ୍ରଣୟନ କରିପାରିଲେ ପରେ ଏହାକୁ ବିରୋଧ କରିବାର ଅବକାଶ ରହନ୍ତାନାହିଁ। ଯେହେତୁ କ୍ଷମତାରେ ଥିବା ସରକାର ନିଜ ନିଷ୍ପତ୍ତିକୁ ବଳବତ୍ତର ରଖିବାକୁ ଯାଇ ଋଷୀଙ୍କ ସହ ଉପଯୁକ୍ତ ଆଲୋଚନା କରିବାର ପରିବେଶ ସୃଷ୍ଟି କରିପାରିଲେ ନାହିଁ, ସେହେତୁ ଆନ୍ଦୋଳନ ତୀବ୍ରତର ହୋଇଥିବା ଅନୁମାନ କରାଯାଏ। ଦିଲ୍ଲୀ ସୀମାରେ ଚାଲିଥିବା ଋଷୀ ଆନ୍ଦୋଳନ ଜୋରଦାର ହେଉଥିଲା ବେଳେ ଆନ୍ଦୋଳନକୁ ବିରୋଧ କରି ସିଂଘୁ ଏବଂ ଗାଜିପୁର ସୀମାରେ ସ୍ଥାନୀୟ ଲୋକ ଏବଂ ଆନ୍ଦୋଳନକାରୀ ମୁହାଁମୁହିଁ ହୋଇଛନ୍ତି। ଉଭୟ ପକ୍ଷଙ୍କ ମଧ୍ୟରେ ତୀବ୍ର ଛକାପଞ୍ଝା ଲାଗି ରହିଥିବାରୁ ଯେକୌଣସି ସମୟରେ ଏଠାରେ ବଡ ହିଂସା ଘଟିବାର ଆଶଙ୍କା ମଧ୍ୟ ରହିଛି। ତେବେ ଋଷୀଙ୍କ ସହିତ ଆଲୋଚନା ପାଇଁ ଦ୍ୱାର ଖୋଲା ରହିଥିବା କଥା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଋଷୀଙ୍କ ସମସ୍ତ ପ୍ରସ୍ତାବ ସମ୍ପର୍କରେ ବିଭିନ୍ନ ଦଳର ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲେ ବି ଏଥିରେ କୌଣସି ସହମତି ହୋଇପାରିନାହିଁ। କଥାବାର୍ତ୍ତା ମାଧ୍ୟମରେ ହିଁ ସମସ୍ୟାର ସମାଧାନ ବାହାରି ପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ତେବେ ଋଷୀ ନେତା ରାକେଶ ଟିକାୟତ ନିଜ ପ୍ରତିକ୍ରିୟାରେ କହିଛନ୍ତି ଭାରତୀୟ କିଷାନ ୟୁନିଅନ ଯେଉଁ ଆନ୍ଦୋଳନ ଜାରି ରଖିଛି ତାହା ମୋ ଆଖିରୁ ଝରୁଥିବା ଲୁହ ନୁହେଁ। ଏହା କୃଷକଙ୍କ ଲୁହ।

ସମ୍ପାଦକୀୟ

ତାରକ ମହାନ୍ତି

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଭିକ୍ଷାବୃତ୍ତି ହିଁ ଶେଷଗତି



ପ୍ରଦୀପ୍ତ ଆଚାର୍ଯ୍ୟ

ମୋର ପଡୋଶୀ ସମୀର ବାବୁ ପ୍ରତ୍ୟେକ ଦିନ ସକାଳୁ,ଗୋଟିଏ କିଛି ସାମାଜିକ ସମସ୍ୟା ପ୍ରସଙ୍ଗ ଆଣି, ମୋ ପାଖକୁ ଆସନ୍ତି,ଘଂଟାଏ ଖଣ୍ଡେ ଆଲୋଚନା ହୁଏ।ଆଲୋଚନା ଭିତରେ ଦୁଇକପ୍ ଚାହା ପିଆ ହୁଏ,ତାପରେ ସେ ନିଜ ଘରକୁ ଯାନ୍ତି। ନିଜର କାର୍ଯ୍ୟ ବ୍ୟସ୍ତତା ଦୃଷ୍ଟିରୁ ବ୍ୟସ୍ତ ଲାଗୁଥିଲେ ମଧ୍ୟ,ତାଙ୍କର ଆଲୋଚ୍ୟ ସାମାଜିକ ସମସ୍ୟାର ବାସ୍ତବତା ଏବଂ ତତ୍‌ଜନିତ ସୃଷ୍ଟ ଅସୁବିଧାର ନିରାକରଣ ନିମନ୍ତେ, ତାଙ୍କ କଳ୍ପନାପ୍ରସୁତ ସମାଧାନର ସମ୍ଭାବ୍ୟ ସୂତ୍ରର ଉପସ୍ଥାପନା ,ମୋତେ ବେଶ୍ ଆକର୍ଷିତ କରେ। ତାଙ୍କର କଥନଶୈଳୀ ନାଟକୀୟ ଏବଂ ବିନା ଗୌରଚନ୍ଦ୍ରିକାରେ,ସେ କୌଣସି କଥା ଆରମ୍ଭ କରନ୍ତି ନାହିଁ। ଆଜି ସକାଳୁ ଆସି ଆରମ୍ଭ କଲେ,ଭାଇ ଆଉ ଏ ଦୁନିଆରେ ତିଷ୍ଠିବା ବଡ କଷ୍ଟ।କେତେ ଛଦ୍ମବେଶୀଙ୍କୁ ମଣିଷ ଚିହ୍ନିବ ?ମୁଁ ପଚାରିଲି,କଣ ହେଲା କହୁ ନାହାନ୍ତି। ସେ କହିଲେ ଗତ କାଲି ସମୟ ନଅଟା ହେବ,ଜଣେ ସୁଦର୍ଶନ ଯୁବକ,ମାର୍ଜିତ ପରିପାଟୀ,ଗଳାରେ ଆଠଦଶଟି ବିଭିନ୍ନ ପ୍ରକାରର ରୁଦ୍ରାକ୍ଷ ମାଳ,ମଥାରେ ଚନ୍ଦନ ସିନ୍ଦୁରର ପ୍ରଲେପ,ଦର୍ଶନ ମାତ୍ରେ ସମ୍ଭ୍ରମତା ଜାଗ୍ରତ ହେବାପରି ବ୍ୟକ୍ତିତ୍ୱ,ମୋ ଗେଟ୍ ଖୋଲି ଭିତରକୁ ଆସିଲେ ଏବଂ କହିଲେ ଝଙ୍କଡବାସିନୀ ମାଆ ଶାରଳାଙ୍କ ପାଇଁ କିଛି ଭିକ୍ଷା ମିଳୁ। ମାଆ ଶାରଳାଙ୍କ ପାଇଁ ଭିକ୍ଷା କଥା ଶୁଣି,ମୋର କାହିଁକି ସନ୍ଦେହ ହେଲା। ତାଙ୍କୁ ପଚାରିଲି,ଆପଣଙ୍କ ଘର କଣ ଶାରଳାଙ୍କ ପାଖରେ ?ସେ କହିଲେ ହଁ ମୁଁ ମାଆ ଶାରଳାଙ୍କ ସେବକ। ମୋର ନାମ ସନ୍ଦୀପ ରାଉଳ। ମୁଁ ତାଙ୍କୁ ପଚାରିଲି,ମନ୍ଦିରର ତ ଟ୍ରଷ୍ଟିବୋର୍ଡ ଅଛି,ସେମାନେ କଣ ତୁମକୁ ଠାକୁରାଣୀଙ୍କ ପାଇଁ ଭିକ୍ଷା ମାଗିବାକୁ ପଠାଇଛନ୍ତି ?ଆଚ୍ଛା ଠିକ୍ ଅଛି,ମୋ ପାଖରେ କେତେକ ସେବକଙ୍କ ଟେଲିଫୋନ ନମ୍ବର ଅଛି। ମୁଁ ଟିକିଏ ତାଙ୍କ ପାଖକୁ ଫୋନ ଲଗାଇ ବୁଝୁଛି।ଏଇ କଥା ଶୁଣୁଶୁଣୁ ସେ କହିଲେ, ଆପଣ ଦେବେତ ଦେବେ, ନଦେଲେ ନଦେବେ,ଏତେ କଥା ପଚାରୁଛନ୍ତି କଣ ପାଇଁ ?ଏଇୟା କହି ସେ, ସେ ସ୍ଥାନ ପରିତ୍ୟାଗ କରିବାକୁ ଉଦ୍ୟତ ହୁଅନ୍ତେ,ମୁଁ ତାଙ୍କୁ କହିଲି,ବାବୁ ଶୁଣ,ତୁମେତ ସୁସ୍ଥ ସବଳ ଲୋକ,ଭିକ୍ଷା ମାଗୁଛ କଣ ପାଇଁ ? ତାଛଡା ଶାରଳାଙ୍କ ନାମ ନେଇ ଭିକ୍ଷା ମାଗିବାଟା ଆଦୌ ଠିକ୍ ହେଉନାହିଁ।ସେ ତତ୍‌କ୍ଷଣାତ ଟିକେ ଉତେଜିତ ହୋଇ କହିଲେ,ବାବୁ ମୁଁ ଆପଣଙ୍କୁ ଗୋଟିଏ ପ୍ରଶ୍ନ ପଚାରିବି,ମୋତେ କୁହନ୍ତୁ,ଏ ଦୁନିଆରେ ଭିକାରୀ କିଏ ନୁହେଁ ? ଆପଣ କଣ ଭିକାରୀ ନୁହନ୍ତି ?ଅପ୍ରତ୍ୟାଶିତ ଲେଉଟ ପ୍ରଶ୍ନରେ,କିଛି ସମୟ ମୁଁ ସ୍ତବ୍ଧ ହୋଇଗଲି।ତାପରେ ସେ ଆରମ୍ଭ କଲେ, ଆଜ୍ଞା ଏ ଦୁନିଆରେ ପ୍ରଥମ ଶ୍ରେଣୀର ଭିକାରୀ ହେଉଛନ୍ତି ସରକାରୀ କର୍ମଚାରୀ।ନିଜର ପଦବୀ ଓ ଯୋଗ୍ୟତା ଅନୁଯାୟୀ ,ସରକାରଙ୍କ ପ୍ରଦତ ସନ୍ତୋଷଜନକ ବେତନ ପ୍ରାପ୍ତି ପରେ ମଧ୍ୟ,ଜନସାଧାରଣଙ୍କ କାର୍ଯ୍ୟରେ ଇଚ୍ଛାକୃତ ବିଳମ୍ବ କରି,ଟେବୁଲ ତଳେ ହାତ ପତାଇ ଲାଂଚ ଗ୍ରହଣ କରିବା କଣ ଭିକ୍ଷାବୃତି ନୁହେଁ ?ସେମାନେ କଣ ସୁସ୍ଥ ସବଳ ନୁହନ୍ତି ? ସେମାନେ କଣ ବିକଳାଙ୍ଗ ?ଆପଣ କଣ ସେ ଭିକ୍ଷା ଦେଇ ନାହାନ୍ତି ? କିମ୍ବା ସରକାରୀ ଚାକିରୀଆ ହୋଇଥିଲେ ସେ ଭିକ୍ଷା ଗ୍ରହଣ କରି ନାହାନ୍ତି ?ମୁଁ ମାଆ ଶାରଳାଙ୍କ ନାମରେ ଭିକ୍ଷା ସଂଗ୍ରହ କରୁଛି ବୋଲି ଆପଣ ମୋତେ ହିତୋପଦେଶ ଦେଇଛନ୍ତି। ତଥାକଥିତ କେଳେଙ୍କାରୀ ବାବାମାନେ ନିଜକୁ ଭଗବାନ କହି,ଲକ୍ଷଲକ୍ଷ ଟଙ୍କା ଭିକ୍ଷା ସଂଗ୍ରହ କରୁଛନ୍ତି,ଆଉ ଆପଣ ମାନେ ସେଠି ହଜାର ହଜାର ଟଙ୍କା ଭିକ୍ଷା ଦେଇ ଆସୁଛନ୍ତି,କାହିଁକି ତାଙ୍କୁତ ଦିନେ ହିତୋପଦେଶ ଦେଉ ନାହାନ୍ତି ? କାରଣ ଏମାନେ ହେଲେ ହାଇ କ୍ୟାଡରର ଭିକାରୀ! କିଛି ଲୋକ ଚାଷୀ ନହୋଇ ମଧ୍ୟ, ନିଜେ,ନିଜ ପୁଅ ଝିଅ ସମସ୍ତଙ୍କୁ ନକଲି ଚାଷୀ ବନାଇ କାଳିଆ ଯୋଜନା ଅର୍ଥ ହାତେଇବାର ପ୍ରଚେଷ୍ଟା କରିନାହାନ୍ତି ? ନିଜେ ଗରିବ ନହୋଇ ମଧ୍ୟ,ନିଜର ବୃଦ୍ଧ ପିତା ମାତାଙ୍କ ନାମରେ ବି.ପି.ଏଲ୍ କାର୍ଡ ହାତେଇବା ପ୍ରଚେଷ୍ଟା କରିନାହାନ୍ତି ? ଏମାନେ କଣ ଭିକାରୀ ନୁହନ୍ତି ? ଏମାନେ ହେଲେ ଦ୍ୱିତୀୟ ଶ୍ରେଣୀର ଭିକାରୀ।ଆଉ କିଛି ବ୍ୟକ୍ତି ଭିକ୍ଷା ସଂଗ୍ରହ କରି,ଭିକ୍ଷା ପ୍ରଦାନ କରିଥାନ୍ତି। ଗରିବ ଅସହାୟ ଲୋକଙ୍କ ସାହାଯ୍ୟାର୍ଥେ,ବିଭିନ୍ନ ଅନୁଷ୍ଠାନ ଓ ସରକାରଙ୍କ ଠାରୁ ଭିକ୍ଷା ଗ୍ରହଣ କରି,କିଛି ଅର୍ଥ ସେ ବାବଦରେ ବ୍ୟୟ କରି,ନିଜେ ଭିକ୍ଷୁକ ସାଜି ଆଦାୟ ଭିକ୍ଷାର ସିଂହଭାଗ ନିଜେ ଆତ୍ମସାତ୍ କରନ୍ତି। ଆଉ କିଛି ଭିକାରୀ ମେଡିକାଲ୍ ଆର.ଟି.ଓ ଅଫିସ ଇତ୍ୟାଦିରେ ଛୋଟଛୋଟ ଶିକାର ସଂଗ୍ରହ କରି ବଡବଡ ଶିକାରୀଙ୍କ ପାଖରେ ଛାଡିଦେଇ,ସେମାନଙ୍କ ଠାରୁ ଭିକ୍ଷା ଗ୍ରହଣ କରିଥାନ୍ତି। ଏମାନେ ହେଲେ ତୃତୀୟ ଶ୍ରେଣୀର ଭିକାରୀ। ଆଉ କିଛି ଋତୁକାଳୀନ ଡିପ୍ଲୋମାଟ୍ ଭିକ୍ଷୁକ ଅଛନ୍ତି। ସେମାନେ ସବୁବେଳେ ଭିକ୍ଷା ମାଗନ୍ତି ନାହିଁ,ପ୍ରତି ପାଂଚ ବର୍ଷରେ ଥରେ ଭିକ୍ଷା ମାଗନ୍ତି। ଥରେ ଭିକ୍ଷା ପାଇଗଲା ପରେ,ସେମାନେ ହୋଇଯାନ୍ତି ଅଖଣ୍ଡ କ୍ଷମତା ଓ ଅମାପ ସଂପତିର ଅଧିକାରୀ। ତାପରେ ସେମାନେ ଲାଗି ପଡନ୍ତି,ଜନସାଧାରଣଙ୍କୁ ଭିକାରୀ ସଜାଇବାର ପ୍ରକ୍ରିୟାରେ। ଆମ ଭିତରେ ଆରମ୍ଭ ହୋଇଯାଇଛି,ଭିକାରୀ ହେବାର ମାନସିକତାର ତୀବ୍ର ପ୍ରତିଯୋଗୀତା। ଭିକାରୀ ସାଜିବାର ପ୍ରତିଦ୍ୱନ୍ଦିତା ଭିତରେ କର୍ମଠତା ଓ କର୍ମପ୍ରବଣତା ସୁପ୍ତ ଓ ବିଲୁପ୍ତ। ମାଗଣା ପାଇବାର ମନ ଆଗରେ ବିବେକ ଅସହାୟ।ଆଜ୍ଞା, ଆପଣ ଏଥର କୁହନ୍ତୁ,ଏସମାଜରେ ମୁଁ କଣ ଏକା ଭିକାରୀ ? ଏତକ କଥା ସମୀର ବାବୁ ମୋ ପାଖରେ ପ୍ରକାଶ କରିବା ପରେ, ଗୋଟିଏ ଦୀର୍ଘଶ୍ୱାସ ନେଇ କହିଲେ,ତାପରେ ସେ ମୋତେ କଣ କହିଲା ଶୁଣିବେ ? କହିଲା ଆଜ୍ଞା,ମୁଁ ଜଣେ ବ୍ରାହ୍ମଣ ଘରର ପିଲା,ଓଡିଆ ସାହିତ୍ୟରେ ସ୍ନାତକୋତର ମୋର ଶିକ୍ଷାଗତ ଯୋଗ୍ୟତା। ସଂରକ୍ଷଣର ଅକ୍ଟୋପାସ କବଳରେ ମୁଁ ଶ୍ୱାସରୁଦ୍ଧ। ମନ ମୋର ବିଦ୍ରୋହ କରି ଉଠୁଛି,ଯେତେବେଳେ ଦେଖିଦେଉଛି, ମୋଠାରୁ କମ ଦକ୍ଷ,ଦୁର୍ବଳ ଛାତ୍ରଟି,ସରକାରୀ ଚାକିରୀ ଖଣ୍ଡିଏ ହାତେଇଦେଇ,ସଗର୍ବରେ ମୋରି ଆଖି ଆଗରେ ଚାଲିଯାଉଛି। ବିବାହ ବୟସ ଅତିକ୍ରାନ୍ତ କରିଯାଇଥିଲେ ମଧ୍ୟ ଏଯାବତ୍ ବିବାହ କରିପାରିନାହିଁ। କନ୍ୟାପିତା ମାନେ ବେରୋଜଗାରୀ ଯୁବକ ହସ୍ତରେ କନ୍ୟା ସଂପ୍ରଦାନ କରିବା ପାଇଁ କୁଣ୍ଠିତ ହେଉଅଛନ୍ତି। ଈଶ୍ୱରଙ୍କ ନିକଟରେ କ୍ଷୋଭ ପ୍ରକାଶ କରୁଛି,କାହିଁକି ସେ ମୋତେ ଏପରି ହୀନ ନୀଚ ବ୍ରାହ୍ମଣ କୂଳରେ ଜାତ କଲେ ବୋଲି ! କ୍ଷୁଧା ନିବାରଣ ଓ ରୁଗ୍ଣ ବୃଦ୍ଧ ପିତା ମାତାଙ୍କର ଔଷଧ ଖର୍ଚ୍ଚ ତୁଳାଇବା ମଧ୍ୟ ବେଳେ ବେଳେ ଅସମ୍ଭବ ହୋଇପଡୁଛି। ପ୍ରଥମେ ଭିକ୍ଷା କରୁଥିଲି ଈଶ୍ୱରଙ୍କ ନିକଟରେ,ମୋର ଆର୍ଥିକ ସ୍ୱଚ୍ଛଳତା ପାଇଁ,ନିରାଶ ହେବାପରେ ମାଆଙ୍କ ନାମ ନେଇ ଭିକ୍ଷା କରୁଛି,ଆପଣ ମାନଙ୍କ ନିକଟରେ,ଜୀବନ ବଂଚାଇବା ପାଇଁ। ଏ ବୃତିକୁ ଆପଣାଇବାକୁ ମୋର ବିବେକ ମୋତେ ବାରମ୍ବାର ଦଂଶନ କରୁଥିଲେ ମଧ୍ୟ ମୁଁ ନିରୁପାୟ। ଆପଣ କହିପାରିବେ,ଆମପରି ଆର୍ଥିକ ଦୁର୍ଗତି ଭିତରେ ଗତି କରୁଥିବା, ତଥାକଥିତ ଉଚ୍ଚ ବର୍ଗର ବ୍ୟକ୍ତି ମାନଙ୍କ ପାଇଁ, ସରକାର କଣ ଯୋଜନା ପ୍ରଣୟନ କରିଛନ୍ତି ?ମୋର ଭିକ୍ଷାବୃତି ଏକତଳ ପ୍ରାସାଦକୁ ଦ୍ୱିତଳ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ,କେବଳ ବଂଚିବା ପାଇଁ ମୋର ଭିକ୍ଷାବୃତି। ଏଥର ଆପଣ କୁହନ୍ତୁ, ଦୁଇ ପଇସା ଅଧିକ ଭିକ୍ଷା ପାଇବା ନିମନ୍ତେ,ମୁଁ କଣ ମାଆଙ୍କ ନାମ ନେଇ ଭିକ୍ଷା ମାଗିବା ପାପ ? ତାଠାରୁ ଆଉ କିଛି ଶୁଣିବା ପାଇଁ ମୋର ଧୈର୍ଯ୍ୟ ନଥିଲା, ତାହାତରେ ଖଣ୍ଡିଏ ପଚାଶ ଟଙ୍କିଆ ନୋଟ୍ ଗୁଞ୍ଜିଦେବା ବେଳକୁ ,ମୋର ଚକ୍ଷୁଥିଲା ଲୋତକ ପ୍ଲାବିତ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଈଶାଣୀବ୍ରହ୍ମପୁର, କଟକ
ମୋ-୬୩୭୧୫୯୩୨୨୦

# ଭାରତର ଟିକା କୂଟନୀତି



ସୌମେନ୍ଦ୍ର ଜେନା

ପୃଥିବୀ ସାରା କୋରୋନା ରୋଗର ସଂକ୍ରମଣ ସମସ୍ତଙ୍କୁ ଚିନ୍ତିତ କରିଛି। ଇଉରୋପର ଅନେକଗୁଡିଏ ଦେଶରେ ଏହା ଦ୍ୱିତୀୟ କିମ୍ବା ତୃତୀୟଥର ପାଇଁ ମଧ୍ୟ ଫେରିଛି । ଆମେରିକାରେ ଦୈନିକ ଋରିହଜାରରୁ ଅଧିକ ଲୋକ ମୃତ୍ୟୁମୁଖରେ ପଡିବାରେ ଲାଗିଛନ୍ତି । ବ୍ରିଟେନରେ କର୍ଫ୍ୟୁ ଜାରି କରିବାକୁ ହୋଇଛି । ହଂକଂରେ ଲକ୍‌ଡାଉନ୍ ଋଲିଛି । ସଂକ୍ରମଣର ତାଣ୍ଡବ ଛୋଟ ବଡ ଅନେକ ଦେଶରେ ଜାରି ରହିଛି। ବ୍ରାଜିଲରେ ସ୍ଥିତି ଅସମ୍ଭାଳ ହୋଇପଡିଛି। ଲୋକମାନେ ବାଧ ହୋଇ ରାଷ୍ଟ୍ରପତି ବୋଲସେନାରୋଙ୍କ ସରକାର ବିରୋଧରେ ରାଜରାସ୍ତାକୁ ଓହ୍ଲାଇଛନ୍ତି,ଯେଉଁଥିପାଇଁ ତାଙ୍କୁ ଭାରତରୁ ଟିକାନେବାକୁ ସ୍ୱତନ୍ତ୍ର ବିମାନ ପଠାଇବାକୁ ପଡିଛି ।

କହିବାକୁ ଗଲେ କୋରୋନାର ପ୍ରକୋପରେ ସମଗ୍ର ବିଶ୍ୱରେ ତ୍ରାହି ତ୍ରାହି ଡାକପଡିଛି। ପ୍ରତିଦିନ ପନ୍ଦର ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟୁଛି । କୋରୋନା ଯୋଗୁ ଚଳିତ ଜାନୁଆରୀ ମାସ ୧୯ ରେ୧୪,୭୯୧,୨୦ରେ ୧୭୪୮୪, ୨୧ରେ ୧୬୮୩୯ ଜଣଙ୍କର ମୃତ୍ୟୁ ଘଟିଛି। ଏହି କ୍ରମରେ ୨୬ ଜାନୁଆରୀ ୨୦୨୧ ସୁଦ୍ଧା ୨୧,୪୮,୪୯୩ ଜଣଙ୍କର ମୃତ୍ୟୁ ହୋଇସାରିଛି। ପୃଥିବୀର ଛୋଟବଡ ୨୧୯ଟି ଦେଶରେ ଏବେବି ୧୦କୋଟି ୮୧ଲକ୍ଷ ୩୯ହଜାର ୪୦୪ଜଣ ବ୍ୟକ୍ତି କୋରୋନାରେ ସଂକ୍ରମିତ ହୋଇଛନ୍ତି । କୋରୋନା ସଂକ୍ରମିତଙ୍କ ସଂଖ୍ୟାକୁ ଦେଖିଲେ ଏହା ଆଗାମୀ ଦିନଗୁଡିକରେ ଢେର କ୍ଷତିକରିବ ଏଥିରେ ସନ୍ଦେହ ନାହିଁ। ଏହାର ନିୟନ୍ତ୍ରଣ ପାଇଁ ଅନେକ ମାସ ଲାଗିବ । କାରଣ ବିଶ୍ୱବ୍ୟାପି ଟିକାକରଣ କାର୍ଯ୍ୟ ଶେଷ କରିବା ଲାଗି ବର୍ଷ ବର୍ଷ ସମୟ ଆବଶ୍ୟକ । ତେଣୁ ପୃଥିବୀର ଜନସାଧାରଣଙ୍କ ଜୀବନରକ୍ଷା ଏକ ବଡ ପ୍ରଶ୍ନ ହୋଇଛି । ଗତ ଏକବର୍ଷ ଧରି ଏହି ରୋଗର ପ୍ରକୋପ ବଢିବା ସହ ମୃତ୍ୟୁସଂଖ୍ୟା ମଧ୍ୟ ବଢୁଛି । ସଂକ୍ରମିତଙ୍କ ସଂଖ୍ୟା ପ୍ରତିଶତରେ ହ୍ରାସ ଦେଖାଗଲେ ବି ଦୈନିକ ମୃତ୍ୟୁସଂଖ୍ୟା ଗତବର୍ଷ ମାର୍ଚ୍ଚ ମାସର ମୃତ୍ୟୁସଂଖ୍ୟା ସହ ସମାନ ରହିଛି । ଗତବର୍ଷ ପୃଥିବୀରେ ମୃତ୍ୟୁହାର ୨.୨ପ୍ରତିଶତ ଥିଲାବେଳେ ଏବେ ଆଫ୍ରିକାର ଦେଶଗୁଡିକରେ ଏହି ମୃତ୍ୟୁହାର ୨.୫ ପ୍ରତିଶତ ରହିଛି। ଆଫ୍ରିକା ମହାଦେଶର ୨୧ଟି ରାଷ୍ଟ୍ରରେ ଏହି ମୃତ୍ୟୁହାର ୩ ପ୍ରତିଶତରୁ ଅଧିକ ହେଲାଣି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର କୋଭାକ୍ସ ଯୋଜନାରେ ପୃଥିବୀର ୯୨ଟି ଦେଶରେ ୧.୮ ବିଲିଅନ ଟିକାକରଣର ଲକ୍ଷ୍ୟ ରଖାଯାଇଛି, ଯାହା ଏହିସବୁ ରାଷ୍ଟ୍ରର ୨୭ପ୍ରତିଶତ ଲୋକଙ୍କ ନିକଟରେ ପହଞ୍ଚିପାରିବ । ଜାନୁଆରୀ ମାସର ସ୍ଥିତିକୁ ଦେଖିଲେ କହିହେବ ଯେ ଏହି ରୋଗ ଆଗାମୀ ଦିନରେ ଅଧିକ ଭୟଙ୍କର ହେବ । କାରଣ ଅନେକଗୁଡିଏ ଦେଶରେ ଏବେ କୋରୋନାର ନୂଆ ଲହରୀ ଦେଖାଦେଇଛି । ସ୍ୱିଡେନରେ ସରକାର ୟୁରୋପର ଅନ୍ୟ ରାଷ୍ଟ୍ରଗୁଡିକ ପରି ଲୋକଙ୍କ ଚଳପ୍ରଚଳରେ କୌଣସି କଟକଣା ରଖିନଥିଲେ ମଧ୍ୟ ଏବେ କଟକଣା ଜାରି ପାଇଁ ବାଧ ହୋଇଛନ୍ତି । ଚୀନର ହେଇଲଙ୍ଗଜିଆଙ୍ଗ ପ୍ରଦେଶରେ ଗତ ଦଶମାସ ମଧ୍ୟରେ ଏବେ ସବୁଠୁ ଅଧିକ ସଂକ୍ରମିତ ହୋଇଛନ୍ତି । ଚୀନ ସରକାରଙ୍କ ଘୋଷଣାର ତିନିଗୁଣ ଲୋକେ ସେଠାରେ ସଂକ୍ରମିତ ହୋଇଥିବା ଆଶଙ୍କା କରାଯାଉଛି । କୋରୋନା ଭୂତାଣୁ ଭିନ୍ନ ଭିନ୍ନ ଦେଶରେ ପ୍ରବେଶ କରି ଏବେ ୧୨ପ୍ରକାର ରୂପ ନେଲାଣି। ଚୀନର ହୁବେଇ ପ୍ରାନ୍ତର ହିଜିଆଙ୍ଗଆଙ୍ଗ ଏବେ ରୋଗର କେନ୍ଦ୍ର ହୋଇଛି । ତେଣୁ ଏକକୋଟି ଜନତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ସେଠାକାର ପ୍ରଶାସନ ନିଷ୍ପତ୍ତି ନେଇଛି । ବିଶ୍ୱରେ ଲୋକଙ୍କର ଜୀବନରକ୍ଷା କରିବା ଏକ ବଡ ପ୍ରଶ୍ନ ହୋଇଥିବା ବେଳେ ବ୍ୟାପକ ଟିକାକରଣ ନିମନ୍ତେ ଅର୍ଥ ଏକ ସମସ୍ୟା ହୋଇଛି । ପୃଥିବୀର ଧନୀ ରାଷ୍ଟ୍ରଗୁଡିକ ସାମୂହିକ ଟିକାକରଣ ନିମନ୍ତେ କେବଳ ନିଜ ରାଷ୍ଟ୍ରପାଇଁ ଚିନ୍ତା କରୁଛନ୍ତି । ପୃଥିବୀରେ ଏବେ ପାଞ୍ଚ ଛଅଟି ଟିକା ବଜାରକୁ ଆସିଥିବା ସମୟରେ ତନ୍ମଧ୍ୟରୁ ଭାରତର ଦୁଇଟି ଟିକାର ସଫଳତା ହାର ଏବଂ ବଜାର ଦର ଅନ୍ୟ ଟିକାଗୁଡିକ ତୁଳନାରେ କମ୍‌ଥିବାରୁ ଅଧିକ ଗ୍ରହଣୀୟ ହୋଇଛି । ବ୍ରିଟେନର ଫାଇଜର, ରୁଷିଆର ସ୍ପୁଟନିକ, ଚୀନର ସିନୋଭାକ ଟିକା ତୁଳନାରେ ଭାରତର କୋଭିସିଲ୍ଡ ଏବଂ କୋଭାକ୍ସିନ ଅଧିକ ଫଳପ୍ରଦ ହେଉଥିବା ଯୋଗୁ ଭାରତ ସରକାର ଏହି ଦୁଇଟି ଟିକାକୁ ନିଜ ଦେଶ ସହ ସହଯୋଗୀ ରାଷ୍ଟ୍ରଗୁଡିକୁ ଯୋଗାଇବା ପାଇଁ ଟିକା କୂଟନୀତି ଆରମ୍ଭ କରିଛନ୍ତି ।

ବିଶ୍ୱରେ ଟିକା ଉତ୍ପାଦନରେ ଭାରତ ସବୁଠୁ ଆଗରେ ରହିଆସିଛି । ବଡ ଜନସଂଖ୍ୟା ଦୃଷ୍ଟିରୁ ସବୁ ବର୍ଷ ଭିନ୍ନ ଭିନ୍ନ ପ୍ରକାରର ଅନେକ ଟିକା ଆବଶ୍ୟକ ହେଉଥିବା ହେତୁ ଭାରତର ଟିକା ପ୍ରସ୍ତୁତି ବ୍ୟବସ୍ଥା ସୁଦୃଢ ରହିଛି । ପୁନାର ସିରମ ଇନ୍‌ଷ୍ଟିଚ୍ୟୁଟ ଏବଂ ହାଇଦ୍ରାବାଦର ଭାରତ ବାଇଓଟେକ୍ ଅନୁଷ୍ଠାନ ଏ କ୍ଷେତ୍ରରେ ଆଗରେ ରହିଛନ୍ତି । ଏବେ ସିରମ୍‌ର କୋଭିସିଲ୍ଡ ଏବଂ ଭାରତ ବାଇଓଟେକର କୋଭାକ୍ସିନ ଟିକାକୁ କେନ୍ଦ୍ର ସରକାର ବ୍ୟବହାର ପାଇଁ ଅନୁମତି ପ୍ରଦାନ କରିଛନ୍ତି । ଏହି ଟିକାର ବ୍ୟବହାର ଭାରତରେ ହେବା ପରେ ପରେ ଅନେକ ସହଯୋଗୀ ରାଷ୍ଟ୍ରଗୁଡିକୁ ମାଗଣାରେ ନିଜର ଖର୍ଚ୍ଚରେ ଟିକା ଯୋଗାଇ ଭାରତ ସରକାର ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି । ଏକଥା ସତ ଯେ ପୂର୍ବରୁ ବିଶ୍ୱମଞ୍ଚରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟିକା ଉତ୍ପାଦନ ପରେ ଏହା ଯେପରି ବିଶ୍ୱକୁ ଯୋଗାଣ ହେବ ସେ ନେଇ ଘୋଷଣା କରିଥିଲେ । କେବଳ ସେତିକି ନୁହେଁ ସୁଲଭ ମୂଲ୍ୟରେ ବିଶ୍ୱବାସୀଙ୍କ ନିକଟରେ ଟିକାକୁ ପହଞ୍ଚାଇବା ଲାଗି ଭାରତ ସରକାର ଉଦ୍ୟମ କରିବେ ବୋଲି କହିଥିଲେ । ତଦନୁସାରେ ୧୬ଜାନୁଆରୀଠାରୁ ଭାରତରେ ଟିକାକରଣ ଆରମ୍ଭ ହେବା ପରେ ପରେ ୧୯ ଜାନୁଆରୀ ଠାରୁ ପଡୋଶୀ ଓ ସହଯୋଗୀ ରାଷ୍ଟ୍ରଗୁଡିକୁ ଭାରତ ସରକାର ମାଗଣାରେ ଟିକା ଯୋଗାଣ ଆରମ୍ଭ କରିଛନ୍ତି, ଯାହା ଅନ୍ୟ କୌଣସି ରାଷ୍ଟ୍ର ଏ ପର୍ଯ୍ୟନ୍ତ କରିନାହାନ୍ତି । ନିଜ ଦେଶରେ ୩୦ କୋଟି ଲୋକଙ୍କୁ ଟିକା ଦେବାଲାଗି ଭାରତ ସରକାର ଲକ୍ଷ୍ୟ ରଖି ପୃଥିବୀର ଅନ୍ୟାନ୍ୟ ରାଷ୍ଟ୍ରଗୁଡିକ ପାଇଁ ଟିକା ଯୋଗାଣ ଉପରେ ଜୋର ଦେଇଛନ୍ତି । ତଦନୁଯାୟୀ ମାତ୍ର ତିନିଦିନ ମଧ୍ୟରେ ଭୁଟାନକୁ ୧ଲକ୍ଷ, ବଙ୍ଗଳାଦେଶକୁ ୨୦ଲକ୍ଷ, ନେପାଳକୁ ୧୦ଲକ୍ଷ, ମାଲଦ୍ୱୀପକୁ ୧ ଲକ୍ଷ, ସେଚେଲସକୁ ୫୦ହଜାର, ମରିସସକୁ ୧ଲକ୍ଷ, ମ୍ୟାନମାରକୁ ୧୫ଲକ୍ଷ, ବ୍ରାଜିଲକୁ ୨୦ଲକ୍ଷ, ମୋରୋକୋକୁ ୨୦ଲକ୍ଷ ଟିକା ଯୋଗାଣ ହୋଇଛି । ଏକଥା ସତ ଯେ ପଡୋଶୀ ରାଷ୍ଟ୍ରଗୁଡିକ ସମେତ ୧୫୦ଟି ଦେଶକୁ କୋରୋନା ଚିକିତ୍ସା ସାମଗ୍ରୀ ସଂକ୍ରମଣ କାଳରେ ଗତବର୍ଷ ଭାରତ ଯୋଗାଇ ଦେଇଥିଲା । ସେଥିରେ ମାସ୍କ, ପିପିଇକିଟ୍, ଟେଷ୍ଟିଂ କିଟ୍, ଭେଣ୍ଟିଲାଇଜର, ଗ୍ଲୋଭସ୍, ସାନିଟାଇଜର ଆଦି ରହିଥିଲା । ଏସବୁର ପ୍ରସ୍ତୁତି ଦେଶରେ ପୂର୍ବରୁ ଅଧିକ ହେଉ ନଥିଲେ ମଧ୍ୟ ସରକାର ଯୁଦ୍ଧକାଳୀନଭିତ୍ତିରେ ଏସବୁର ଉତ୍ପାଦନ କରି ବିଦେଶୀ ରାଷ୍ଟ୍ରଗୁଡିକୁ ଯୋଗାଇ ଦେଇଥିଲେ । ଫଳରେ ଅଳ୍ପଦିନ ମଧ୍ୟରେ ଭାରତ କୋରୋନା ଚିକିତ୍ସା ସାମଗ୍ରୀ ଉତ୍ପାଦନରେ ଦ୍ୱିତୀୟ ସ୍ଥାନ ଅଧିକାର କଲା । ସେତେବେଳେ ହାଇଡ୍ରୋକ୍ସିକ୍ଲୋରୋକୁଇନ, ରେମଡେସିଭର, ପାରାସିଟାମୋଲ ବଟିକା ବହୁଦେଶକୁ ଯୋଗାଇ ଦିଆଯାଇଥିଲା ।

ଟିକା ଉତ୍ପାଦନକାରୀ ରାଷ୍ଟ୍ରଗୁଡିକ ବର୍ତ୍ତମାନସୁଦ୍ଧା ନିଜ ଦେଶ ଭିତରେ ଟିକାକରଣ କାର୍ଯ୍ୟରେ ସୀମିତ ରହିଥିଲା ବେଳେ ଭାରତ ଟିକା କୂଟନୀତି ମାଧ୍ୟମରେ ବିଶ୍ୱକୁ ଟିକାଯୋଗାଣ ଆରମ୍ଭ କରିଛି । ବିଦେଶକୁ ଭାରତ ସରକାରଙ୍କ ସଂସ୍ଥା ଏଚ୍‌ଏଲ୍‌ଏଲ ଲାଇଫ୍ କେୟାର ଲିମିଟେଡ୍ ମାଧ୍ୟମରେ ଟିକାଯୋଗାଇ ଦିଆଯାଉଛି । ଭାରତରେ ଟିକା ୨୦୦ରୁ ୩୦୦ଟଙ୍କା ମଧ୍ୟରେ ସରକାର ଦେଉଥିଲା ବେଳେ ଅନ୍ୟ ରାଷ୍ଟ୍ରକୁ ଏକ ହଜାର ଟଙ୍କାରେ ବିକ୍ରି କରୁଥିବା ଜଣାପଡିଛି । ଏହି ମୂଲ୍ୟ ଅନ୍ୟ ଦେଶର ଟିକାର ଦର ତୁଳନାରେ ବହୁତ କମ୍ । ଜାନୁଆରୀ ମାସ ୧୯ ଓ ୨୦ ତାରିଖରେ କୋରୋନା ଟିକାର ବ୍ୟବହାର ନେଇ ୧୩ଟି ଦେଶର ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରଶାସନିକ ପ୍ରଶିକ୍ଷଣ ଭାରତ ପକ୍ଷରୁ ପ୍ରଦାନ କରାଯାଇଥିଲା । ସେହିସବୁ ଦେଶ ହେଲେ ବଙ୍ଗଳାଦେଶ, ଭୁଟାନ, ମାଳଦ୍ୱୀପ, ମଙ୍ଗୋଲିଆ, ମ୍ୟାନମାର, ନେପାଳ, ବାହାରିନ୍, ବ୍ରାଜିଲ୍, ମରିସସ୍, ମୋରୋକୋ, ଓମାନ, ସେଚେଲେସ ଓ ଶ୍ରୀଲଙ୍କା । ଏଥିରେ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ, ୟୁନିସେଫ୍, ଜାତୀୟ ଓ ପ୍ରାଦେଶିକ ସରକାରୀ ଅଧିକାରୀମାନେ ଯୋଗଦେଇଥିଲେ ।

ଭାରତର ସହଯୋଗୀ ରାଷ୍ଟ୍ର ମଙ୍ଗୋଲିଆ, ଓମାନ୍, ସାଉଦିଆରବ, ବାହାରିନ୍, ଦକ୍ଷିଣ ଆଫ୍ରିକା, ଡୋମିନିକା ଆଦି ଦେଶଗୁଡିକୁ ଟିକା ଯୋଗାଇ ଦିଆଯିବ ବୋଲି ଜଣାପଡିଛି । କୋରୋନା ଟିକା ପାଇବା ପାଇଁ ପଡୋଶୀ ରାଷ୍ଟ୍ର ବଙ୍ଗଳାଦେଶ ଓ ନେପାଳ ଚୀନ ସହ ପୂର୍ବରୁ ଆଲୋଚନା କରି ସିନୋଭାକ ଟିକାର ପ୍ରୟୋଗ ଓ ପରିଣାମ ସଂକ୍ରାନ୍ତୀୟ ତଥ୍ୟ ପାଇବାକୁ ଋହିଁଥିଲେ । ହେଲେ ଚୀନ କର୍ତ୍ତୃପକ୍ଷ ଟିକା ପ୍ରସ୍ତୁତି ପାଇଁ ଆଗୁଆ ଖର୍ଚ୍ଚ ନେବାକୁ ଋହିଁଥିଲେ । ଚୀନ କର୍ତ୍ତୃପକ୍ଷ କୌଣସି ପ୍ରକାର ତଥ୍ୟ ନଦେବା ଯୋଗୁ ସେମାନେ ଭାରତ ସରକାରଙ୍କ ସହ ଯୋଗାଯୋଗ କରିଥିଲେ । ଭାରତ ସରକାରଙ୍କ ପକ୍ଷରୁ ସମସ୍ତ ତଥ୍ୟ ଲାଭ କରିବା ଲାଗି ଭିନ୍ନ ଭିନ୍ନ ୫୦ ଟି ଦେଶର ରାଷ୍ଟ୍ରଦୂତମାନଙ୍କୁ ସ୍ୱତନ୍ତ୍ର ବିମାନ ଯୋଗେ ଟିକା ପ୍ରସ୍ତୁତ ହେଉଥିବା କାରଖାନା ପରିଦର୍ଶନର ବ୍ୟବସ୍ଥା କରାଯାଇଥିଲା । ରାଷ୍ଟ୍ରଦୂତମାନେ ଦୁଇଟି ଟିକା ମଧ୍ୟରୁ ଯେଉଁ ଟିକାକୁ ବାଛିବେ ସେହି ଅନୁଷ୍ଠାନ ସହ ତଥ୍ୟ ଓ ବ୍ୟବହାରଗତ ମାର୍ଗଦର୍ଶନ ଦେବା ପାଇଁ ସୁବିଧା କରାଯାଇଥିଲା । ଯାହାଫଳରେ ପାଖାପାଖି ୯୨ଟି ଦେଶ ଭାରତର ଟିକା ନେବା ପାଇଁ ଇତି ମଧ୍ୟରେ ଆଗ୍ରହ ପ୍ରକାଶ କରିଛନ୍ତି। ଭାରତ ସରକାର ଟିକାର ସୁରକ୍ଷିତ ପରିବହନ, ଶୀତଳୀକରଣ ଭଣ୍ଡାର ବ୍ୟବସ୍ଥା ଏବଂ ଉଚିତ ଉପଯୋଗ ନେଇ ପ୍ରଥମେ ପ୍ରଶିକ୍ଷଣ ଦେବାପରେ ଟିକାର ଯୋଗାଣ ସମ୍ଭବ ବୋଲି କହିଛନ୍ତି । ବିଶ୍ୱ ବଜାରରେ ଭାରତର ଟିକା ତୁଳନାରେ ଅନ୍ୟ ଟିକାଗୁଡିକର ମୂଲ୍ୟ ଋରିରୁ ପାଞ୍ଚ ଗୁଣ ଅଧିକ ରହୁଥିବା ଯୋଗୁ ଭାରତୀୟ ଟିକାର ଋହିଦା ସର୍ବାଧିକ ରହିଛି।


ଟିକାକୁ ବୌଦ୍ଧିକ ସଂପଦ ଆଇନ ପରିସର ବାହାରେ ରଖି ବ୍ୟାପକ ଉତ୍ପାଦନ ଓ ସୁଲଭ ଯୋଗାଣ ଉପରେ ପୂର୍ବରୁ ନରେନ୍ଦ୍ର ମୋଦି ବିଶ୍ୱ ମଞ୍ଚରେ କଥା ଉଠାଇଥିଲେ । ଶ୍ରୀ ମୋଦିଙ୍କୁ ବ୍ରିଟେନ ଓ ଆମେରିକା ବିରୋଧ କରି ଟିକାକୁ ଶସ୍ତା ନକରିବା ନେଇ ଯୁକ୍ତି ବାଢିଥିଲେ । ହେଲେ ଶ୍ରୀ ମୋଦି ଏବେ ନିଜଆଡୁ ଅନେକ ଦେଶକୁ ଲକ୍ଷଲକ୍ଷ ସଂଖ୍ୟାରେ ମାଗଣାଟିକା ଯୋଗାଇ ଦେଇ ବିଶ୍ୱର ନେତୃବୃନ୍ଦଙ୍କୁ ଚକିତ କରିଦେଇଛନ୍ତି । ଶ୍ରୀ ମୋଦିଙ୍କ ଏଭଳି ପଦକ୍ଷେପକୁ ସହଯୋଗୀ ରାଷ୍ଟ୍ର ନେପାଳ, ବଙ୍ଗଳାଦେଶ, ମରିସସ୍ ପକ୍ଷରୁ ଖୁବ୍ ପ୍ରଶଂସା କରାଯାଇଛି । ନେପାଳର ପ୍ରଧାନମନ୍ତ୍ରୀ କେପିଶର୍ମା ଓଲି, ସ୍ୱାସ୍ଥ୍ୟମନ୍ତ୍ରୀ ହୃଦୟେଶ ତ୍ରିପାଠୀ, ବଙ୍ଗଳା ଦେଶ ବିଦେଶମନ୍ତ୍ରୀ ଡକ୍ଟର ଏକେ ଅବଦୁଲ ମୋମେନ ପ୍ରମୁଖ ଏଥିପାଇଁ ଭାରତ ସରକାରଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି । ମୋମେନ କହିଛନ୍ତି ବଙ୍ଗଳାଦେଶ ମୁକ୍ତିଯୁଦ୍ଧ (୧୯୭୧) ବେଳେ ଭାରତ ବଙ୍ଗଳାଦେଶ ସହ ଛିଡା ହୋଇଥିବା ବେଳେ ଆଜିର ମହାମାରୀ କାଳରେ ମଧ୍ୟ ଉପହାର ସ୍ୱରୂପ ଟିକା ନେଇ ଆସିଛି । ମାଳଦ୍ୱୀପର ବାଚସ୍ପତି ମହମ୍ମଦ ନସିଦ କହିଛନ୍ତି ଯେ ନୂଆଦିଲ୍ଲୀ ସବୁବେଳେ ମାଲେର ପ୍ରଥମ ସାହାଯ୍ୟକାରୀ ଏବଂ ବିଶ୍ୱାସୀ ବନ୍ଧୁ ହୋଇ ରହିଆସିଛି । ବ୍ରାଜିଲର ରାଷ୍ଟ୍ରପତି ବୋଲସେନାରୋ ଚମତ୍କାର ମନ୍ତବ୍ୟ ଦେଇଛନ୍ତି । ବ୍ରାଜିଲରେ ଟିକା ପହଞ୍ଚିବା ପରେ ହନୁମାନ ଭାରତରୁ ଟିକାନେଇ ଆକାଶ ପଥରେ ବ୍ରାଜିଲକୁ ଆସିଥିବାର ଏକ ଛବି ସେ ତାଙ୍କ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି । ବ୍ରାଜିଲବାସୀଙ୍କ ପାଇଁ ଅଧିକ ପରିମାଣରେ ଏହି ଟିକା କିଣିବା ଯୋଜନା ରହିଥିବା ସଂପର୍କରେ ଉଲ୍ଲେଖ କରି ସେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଉଚ୍ଚ ପ୍ରଶଂସା କରିଛନ୍ତି ।

ବଙ୍ଗଳାଦେଶ କର୍ତ୍ତୃପକ୍ଷ ଚୀନର ସିନୋଭାକ ବାଇଓଟେକ୍‌ଠାରୁ ୧,୧୦୦୦୦ଟିକା ମାଗଣାରେ ପାଇଥାନ୍ତେ । କିନ୍ତୁ ଟିକା ପ୍ରସ୍ତୁତିର ଖର୍ଚ୍ଚ ସଂପୃକ୍ତ କମ୍ପାନୀ ବଙ୍ଗଳାଦେଶ କର୍ତ୍ତୃପକ୍ଷଙ୍କୁ ମାଗିବାପରେ ଅସୁବିଧା ସୃଷ୍ଟି ହୋଇଥିଲା । ତେଣୁ ବଙ୍ଗଳାଦେଶ ଭାରତ ସରକାରଙ୍କ ସହ ଯୋଗାଯୋଗ କରିବା ପରେ ଶସ୍ତା ଓ ସୁବିଧାରେ ଟିକା ପାଇବାର ପ୍ରତିଶ୍ରୁତି ପାଇଲେ । ଆଗାମୀ ଦିନରେ ବଙ୍ଗଳାଦେଶ ଅଧିକ ତିନିକୋଟି ଟିକା ମାସିକ ୫୦ଲକ୍ଷ ହିସାବରେ ଭାରତରୁ କିଣିବାକୁ ପ୍ରସ୍ତାବ ଦେଇଛି । ଭାରତର ଏହି କୂଟନୀତିକୁ ଆନ୍ତର୍ଜାତିକ ସ୍ତରରେ ଚୀନର ପ୍ରତିଦ୍ୱନ୍ଦ୍ୱୀ ଭାବେ ପ୍ରଦର୍ଶିତ କରାଯାଉଥିଲେ ମଧ୍ୟ ନରେନ୍ଦ୍ର ମୋଦି ପ୍ରଥମଥର ପାଇଁ ସାର୍କ ଦେଶର ରାଷ୍ଟ୍ରମୁଖ୍ୟଙ୍କ ସହ କୋରୋନା ନିୟନ୍ତ୍ରଣ ପାଇଁ ୱେବିନାର ବୈଠକରେ ସମସ୍ତ ପ୍ରକାର ସହଯୋଗ କରିବାକୁ ପୂର୍ବରୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ବେଶ ଉଲ୍ଲେଖନୀୟ । ସେତେବେଳେ ସେ ପଡୋଶୀ ରାଷ୍ଟ୍ରଗୁଡିକୁ ସମସ୍ତ ପ୍ରକାର ସାହାଯ୍ୟ କରିବେ ବୋଲି ମଧ୍ୟ କହିଥିଲେ । ଏବେ ସେହି ପ୍ରତିଶ୍ରୁତିକୁ ସେ ରକ୍ଷା କରିଛନ୍ତି । ସହଯୋଗୀ ରାଷ୍ଟ୍ରଗୁଡିକ ମଧ୍ୟରେ ବନ୍ଧୁତା ସ୍ଥାପନ ଲାଗି ଯଦି ଟିକା ମାଧ୍ୟମ ହୁଏ ସେଥିରେ କ୍ଷତି ବା କଣ ଅଛି ।

ଟିକାର ବ୍ୟାପକ ଉତ୍ପାଦନ ଓ ଯୋଗାଣ ପାଇଁ ଶୀତଳୀକରଣ ବ୍ୟବସ୍ଥା ଭାରତରେ ନଥିବା ହେତୁ ଏବେ ଲକ୍ସେମ୍ବର୍ଗର ଏକ କମ୍ପାନୀ ସହ ଏଥିପାଇଁ ବୁଝାମଣା ହୋଇଛି । ଉକ୍ତ କମ୍ପାନୀ ଟିକାକୁ ସୁରକ୍ଷିତ ରଖିବାଲାଗି ସ୍ୱତନ୍ତ୍ର ବକ୍ସ ପ୍ରଦାନ କରୁଛି । ଆଗାମୀ ଦିନରେ ଏହାର ଉତ୍ପାଦନ ଗୁଜୁରାଟରେ ହେବ । ଆବଶ୍ୟକତାକୁ ସୁଯୋଗ ମନେକରି ଟାଟା କମ୍ପାନୀ ମଧ୍ୟ ସ୍ୱତନ୍ତ୍ର ଭାବେ ଟିକା ପରିବହନକାରୀ ଫ୍ରିଜର ଟ୍ରକ୍ ବଜାରକୁ ଛାଡିଛି । ଏହାକୁ ରାଜ୍ୟମାନଙ୍କର ସରକାର ଏବଂ କମ୍ପାନୀମାନେ ବ୍ୟବହାର କରିପାରିବେ । ଏକଥା ସତ ଯେ ବିଶ୍ୱରେ କୋରୋନାର ସଫଳ ନିୟନ୍ତ୍ରଣ ଓ ପରିଋଳନା କ୍ଷେତ୍ରରେ ନରେନ୍ଦ୍ର ମୋଦି ବିଶ୍ୱବାସୀଙ୍କ ଦୃଷ୍ଟିରେ ସବୁଠୁ ଆଗରେ ରହିଛନ୍ତି । ଯେଉଁ କାର୍ଯ୍ୟ ଅନ୍ୟ ବଡ ବଡ ରାଷ୍ଟ୍ର କରିପାରିନାହାନ୍ତି ସେଭଳି କାର୍ଯ୍ୟ କରି ଶ୍ରୀ ମୋଦି ତାଙ୍କ ଦକ୍ଷତାର ପରିଚୟ ଦେବା ସହ ଭାରତର ପ୍ରଶଂସନୀୟ ଭୂମିକାକୁ ବିଶ୍ୱ ସମ୍ମୁଖରେ ପ୍ରଦର୍ଶିତ କରିଛନ୍ତି । ଏହି ପଦକ୍ଷେପ ଦ୍ୱିପାକ୍ଷିକ ସଂପର୍କ ବୃଦ୍ଧିରେ ଆଗାମୀ ଦିନରେ ସହାୟକ ହେବ ଏଥିରେ ଦ୍ୱିମତ ହେବାର ନାହିଁ । ଭାରତର ଟିକା ମିତ୍ରତା ବା ଭାକସିନ୍ ମୈତ୍ରୀ କାର୍ଯ୍ୟକ୍ରମକୁ ଦେଖି ଚୀନର ପ୍ରବଳ ଗାତ୍ରଦାହ ବଢିଛି । ଫଳରେ ଚୀନର ସରକାରୀ ମୁଖପତ୍ର ଗ୍ଲୋବାଲ ଟାଇମ୍ସ ସିରମ୍ ଇନ୍‌ଷ୍ଟିଚ୍ୟୁଟରେ ଅଗ୍ନିକାଣ୍ଡ ଏବଂ କେତେକ ସ୍ଥାନରେ ରାଜନୀତି ଯୋଗୁ କୋଭାକ୍ସିନକୁ ବିରୋଧ କରାଯିବାକୁ ନେଇ ପ୍ରଶ୍ନ ଉଠାଇ ଏହା ଭାରତୀୟ ଟିକା ପ୍ରସ୍ତୁତି ଓ ଗୁଣମାନ ଉପରେ ସନ୍ଦେହ ସୃଷ୍ଟି କରିଛି ବୋଲି ଲେଖୁଛି । କୋରୋନା ଭୂତାଣୁର ଉତ୍ପତ୍ତି ଆମେରିକାରୁ ହୋଇଛି ବୋଲି ନିଜର ଲୋକମାନଙ୍କୁ ବୁଝାଉଥିବା ଚୀନର ଏହି ଗଣମାଧ୍ୟମ କେତେ ଆଉ ଲଙ୍ଗଳାହେବ କହିହେଉନାହିଁ । ଲୁଚିଛି ନା ଗୋଡ ଦୁଇଟି ଦିଶୁଛି ନ୍ୟାୟରେ ବିଋରକଲେ ନିଜର ଅପକର୍ମକୁ ଲୁଚେଇବାରେ ଓସ୍ତାଦ ଚୀନା ଗଣମାଧ୍ୟମ ନିଜ ଲୋକଙ୍କୁ ମୂର୍ଖ କରି ଗଢିପାରେ, ସମଗ୍ର ବିଶ୍ୱବାସୀଙ୍କୁ ନୁହେଁ । କିନ୍ତୁ ଏହି କୂଟନୀତି ୬୦ବର୍ଷ ହେବ ବିଶ୍ୱରେ ଋଲିଆସିଛି । ଅତୀତରେ ରୁଷିଆର ଟୀକା ଆମେରିକାର ଲୋକଙ୍କୁ ୧୯୫୫ରେ ଆଶ୍ୱସ୍ତ କରିଥିଲା । ଯେତେବେଳେ ଟୀକା ମାଧ୍ୟମରେ ବହୁରାଷ୍ଟ୍ରୀୟ ସଂପର୍କକୁ ସୁଦୃଢ କରାଯାଏ ତାକୁ ଟୀକା କୂଟନୀତି କୁହାଯାଏ । ଭାରତ ସେହି କାର୍ଯ୍ୟ କରୁଛି, ଯାହା ଅତୀତରେ ମହାଶକ୍ତିମାନେ କରିଆସିଛନ୍ତି ।

ଭାରତୀୟ ସମ୍ବାଦ ସେବା (ଭାସ)
ଭୁବନେଶ୍ୱର-୭୫୧୦୦୩

ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୂରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ 'ଏକମାତ୍ର'ରେ ସ୍ଥାନ ପାଇଛି।



ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର




# ବେଳ ଭଲ ନାହିଁ

ଏ କଥା କହି ଭାଇତ ତା'ର ବାଟ କାଟି ଦେଇଥିଲା, ହେଲେ ସିଏତ ସାହସ କରି ଲଢ଼ିଲା। ଏ ଯେଉଁ ମଦ, ମାଉଁସ, ମାଇକ, ପୋଷ୍ଟର, ଆଉ ଦଳେ ପେଟଖିଆ ବାଗଡ ପିଲାଙ୍କୁ ରାତି ଦିନ ଗାଣ୍ଡିରେ ବାନ୍ଧି ବୁଲୁଥିଲା, ସେଥିରେ ପଇସା ଖର୍ଚ୍ଚ ହେଉଥିଲା ନା ନାହିଁ? ପାଣି ଭଳି ପରା ଟଙ୍କାର ଖର୍ଚ୍ଚ ବୋହିଲା।

କିଏ ମନା କରୁଛି କି ସେ ଖର୍ଚ୍ଚ କରିନଥିଲା ବୋଲି? ପାର୍ଟିଠାରୁ ପଇସା ଆଣିଥିଲା, ଖର୍ଚ୍ଚ କରି ନଥାନ୍ତା କି?

ପାର୍ଟି, ପାର୍ଟି କହୁଛି ଯେ, ପାର୍ଟି ଏମିତି କେତେ ଦେଇଥିବ ଭଲା? ଇଏ ତ ମୋଟେ ନାଆଁ ନ ଥିବା ନୂଆ ପାର୍ଟିର ଟିକେଟ ଆଣି ଠିଆ ହେଲା। ସେ ପାର୍ଟିର ପଇସା ଆସିଲା କେଉଁଠୁ ଯେ ଯାକୁ କୁଢ଼େଇ ପକେଇଥିବ ଇଲେକ୍ସନ ଲଢ଼ିବାକୁ। ତା'ବାପ ସିନା ବଞ୍ଚିବା ବେଳେ ତା' ନାଁ ଶୁରି ବେପାରୀ, ଶିଳ୍ପପତିମାନେ ଲକ୍ଷ ଲକ୍ଷ ଟଙ୍କା ବିଞ୍ଚୁଥିଲେ। ବାପା ବଞ୍ଚିଥିବା ବେଳେ ଏମାନଙ୍କ ନାଆଁ ପର୍ଯ୍ୟନ୍ତ କେହି ଜାଣିନଥିଲେ। ବାପ ମରିଯିବାରୁ ହଁ-ନା, ହଁ-ନା କରି କରି ଛେଳିକୁ ହାଣ ମୁହଁକୁ ନେବା ପରି ତ ଇଏ ରାଜନୀତିକୁ ଆସିଲା। ଇଏ କ'ଣ ରାଜନୀତିର ପେଞ୍ଚପାଞ୍ଚ, ଛନ୍ଦକପଟ ଓ ଦଲାଲି ଧନ୍ଦା ଜାଣିଥିଲା ନା କ'ଣ ଆସୁ ଆସୁ ପାର୍ଟିପାଇଁ ଚାନ୍ଦା ଭେଦା ଯୋଗାଡ କରି ପକାଇ ଥାଆନ୍ତା। ଏଇ ରାଜ୍ୟ ପାଇଁ ବାପର କାର୍ଯ୍ୟକୁ ସମସ୍ତେ ମନେ ପକାଇ ପୁଅକୁ ନିର୍ବାଚନ ବୈତରଣୀ ପାର କରାଇ ଦେଲେ ଜାଣ। ରାଜନୀତିର 'ଶ୍ରୀ' ଅକ୍ଷର ଜାଣିନଥିବା ଭାବୁକ ଲୋକଟାକୁ ଲୋକେ ଜିତାଇ ଦେଲେ ସିନା, ହେଲେ ସେଠି ଯେଉଁ ପୁରୁଣା ମୂଷା ବସିଛନ୍ତି, ସେମାନଙ୍କର ତ ସବୁବେଳେ ଧାନ ଅମାରକୁ ଅନିଷା। ସେଥିପାଇଁ ତ ଜିତିବା ଦିନଠାରୁ ଶନି ଗୋଡାଇଲା ପରି ଲାଗୁଛି। ଦିନ ତ ସେ ପାର୍ଟିରେ ଡମଣା ପଶିବା ପରି ଲାଗୁଛି। ପାର୍ଟି ତିଷ୍ଠିବ ବୋଲି ସିନା ନିଷ୍ଠିତ ହେଲେ କିଏ ଚାନ୍ଦା ଭେଦା ଦେବ। ସେଇ ପାର୍ଟିରୁ ଟିକେଟ୍ ଆଣି ଅଟଳ ଅବା କେତେ ଟଙ୍କା ପାଇଥିବ?

ଦଶରଥ ଯାହା କହୁଛି ସବୁ ସତ କହୁଛି ବିଚ। ଅଟଳ ବିଚରା ଗୋଡ ବଢ଼େଇଥିଲା ବୋଲି ଏପଟ ସେପଟ କରି ଗୁଡାଏ ଧାର ଉଧାର କରି ଲଢ଼ିଲା। ଭାଗ୍ୟ ଭଲ ଜିତିଲା ବି। ଜିତିଲା ପରେ ଆଣିଥିବା ଉଧାରୀ ଟଙ୍କା ତ ପୁଣି ଶୁଝିବ। ସରପଞ୍ଚ ହେଲେ କ'ଣ ଦରମା ଅଛି ନା ଫରମା। ଯାହାତ ସେହି ପଞ୍ଚାୟତ କାମକୁ ଭରସା। କାମ ତ ଢ଼େର, ହେଲେ ପଇସା ଆସିଲେ ତ କାମ ହେବ। ଯେତିକି ପଇସା ଆସୁଥିଲା ଓ ଆସୁଛି ତାହା ତ ସମୁଦ୍ରକୁ ଶଙ୍ଖେ ପରି। ଏଇତ ଆଗରୁ ଭୋଟ ଲୋଭରେ ସଭିଙ୍କ କାମ କରିବ ବୋଲି ହଁ ହଁ ମାରିଥିଲା ଜିତିବା ପରେ ଯାହା କାମ ନ କରି ଥାଆନ୍ତା ତା' ମୁହଁ ପେରା ହୋଇଥାଆନ୍ତା। ତେଣୁ ସେ କେଉଁଠି କିଛି କାମ ନ କରି ଯାହା ଅଳପ ବହୁତ ପଇସା ତାକୁ ଚଳୁ କରି ତା' ଉଧାରୀ ଶୁଝିଲା।

ହଁ-ତମେ ତା' ସପକ୍ଷ ନେବ ବୋଲି ମୁଁ ଜଣେ ଗୋଲେଖ ଭାଇ। କିଏ ଆଗରୁ ସରପଞ୍ଚ ହୋଇ କ'ର କରି ପକାଇଥିଲା ସେ ଅଟଳ କିଛି କଲାନି ବୋଲି ମୁଁ କହିବି। ହେଲେ ଭୋଟ ପାଇବାକୁ ଇଏ ଯାହା କଲା ତାହା କ'ଣ ଠିକ୍ କଲା?

କଉ କଥାକୁ ଇଙ୍ଗିତ କରୁଛୁ କିରେ ବିଚ?

ତମେ କ'ଣ ଜାଣିନ ଯେ ମୋ ଇଙ୍ଗିତ କୁଆଡକୁ, ନା ମୋ ମୁହଁରୁ ଶୁଣିବାକୁ ଚାହୁଁଛ?

ଓଃ, ତୁ ସେହି ଜେନା ସାହିବାଲାଙ୍କ ମୁହଁ ବଢ଼ାଇବା କଥାକୁ କହୁଛୁ ତ। ହଁ ମୁଁ ତ ଏବେ ବି ମଧ କହୁଛି ସେକଥା ଠିକ୍ ହେଲାନି। ସେକଥା ମୁଁ ଯେତେବେଳେ ଭାବୁଛି ମୋ ଦେହରେ ଛୁରୀ ଚାଲିଗଲା ପରି ଲାଗୁଛି।

ବୁଝିଲ ଗୋଲେଖ ଭାଇ, ତମ ଉଭୟଙ୍କ ମର୍ମ ପୀଡ଼ା ମୁଁ ବୁଝୁଛି। ଯୁଗ ବଦଳି ଗଲାଣି। ବଦଳି ଯାଇଥିବା ଯୁଗଧର୍ମ ସହ ପାଦ ପକାଇ ଚାଲିଲା ଅଟଳ। ସେ ଯଦି ଉଡିଯାଇଥିବା କର୍ପୂର ପରି ସାମନ୍ତବାଦୀ ମନୋଭାବକୁ ଧରି ଚାଲିଥାଆନ୍ତା, ସେ କ'ଣ ଜିତି ପାରିଥାଆନ୍ତା?

ଯୁଗଧର୍ମ ନାଆଁରେ ତୁ ମୋତେ ଗୁରୁଜ୍ଞାନ ଶିଖାନାରେ ଦଶରଥ। ସାମନ୍ତବାଦ ଏକ ପରମ୍ପରା- ଏକ ସଂସ୍କୃତି। ଆମ ପୂର୍ବ ପୁରୁଷମାନେ ସମସ୍ତେ କ'ଣ ଓଲୁଥିଲେ ଯେ ଏ ପରମ୍ପରାକୁ ପ୍ରଚଳନ କରିଥିଲେ? ମନୁ ତ ଗଞ୍ଜେଇ ଖାଇ ଜାତି ଓ କର୍ମର ବିଭାଜନ କରି ନଥିଲେ।

(କ୍ରମଶଃ)

ବିଶେଷ କବିତା

# ପାଉଁଶ

ଯଶୋବନ୍ତ ସେଠୀ



ମୁଁ ... ତମ ପାଇଁ ମୃତ।
ଅନ୍ୟପାଇଁ ସ୍ମୃତି,
ପଟ୍ଟା, ପାଉତି, କବଲାରେ ଜୀବିତ।
ମୁଁ ନିଖୋଜ ନାହିଁ ବୋଲି
ଜଣେଇବାକୁ
ତମକୁ ଅନେକ ଖୋଜିଛି,
ଈଶ୍ୱରଙ୍କୁ ତମେ ବହୁତ
ଭଲପାଅ ବୋଲି
ମନ୍ଦିର ସାମ୍ନାରେ ଭିକାରୀଙ୍କ ଗହଣରେ
ପଂକ୍ତିରେ ବସିଛି,
ଗଳ୍ପ-ଉପନ୍ୟାସ ତମର ପ୍ରିୟ ବୋଲି
କଲେଜ ଲାଇବ୍ରେରୀ ଥାକରେ
ବହି ସାଜି ତମ ଆସିବା ପଥକୁ
ଚାହିଁ ରହିଛି।
କିନ୍ତୁ ସବୁଥର ତମେ ପହଞ୍ଚିବା ପୂର୍ବରୁ
ମୁଁ ସେ ଜାଗାରୁ ଉଭାନ ହୋଇଛି।
ଏହା କିନ୍ତୁ ସତ୍ୟ
ମୋର ବର୍ତ୍ତମାନ ମତେ ବି ଅଜଣା,
ଅତୀତ-ସମ୍ପୂର୍ଣ୍ଣ ଲୋଚାକୋଚା କାନଭାସ୍
ବର୍ତ୍ତମାନ, ଅତୀତକୁ ଦେଖୁଦେଖୁ
ଭବିଷ୍ୟତ ସମ୍ପୂର୍ଣ୍ଣ ବାଟକଣା।
ବେଳେବେଳେ ମନେ ହୁଏ
ଦିନତମାମ ତମକୁ
ଖୋଜିଖୋଜି ଥକି ଯାଏ ବୋଲି
ମୋ'ରି ପାଇଁ କେବଳ
ରଜନୀର ସୃଷ୍ଟି,
ଶୋଇ ଶୋଇ ତମ କଥା
ଭୁଲିନଯିବାକୁ
ସେଇ ରାତି ପୁଣି ଆଖିରେ
ମୋ' ସ୍ୱପ୍ନ ଆଣେ
ଯୋଛନାରେ ଭିଜି ଭିଜି
ନିଦର ଟୋକେଇରେ
ତାରାସବୁ ସାଉଁଟି ସାଉଁଟି।



ତମେହିଁ ଶିଖାଇଥିଲ ଦିନେ ମତେ
ମୃତ୍ୟୁ-ପ୍ରେମିକାର ଶୀତଳ କରସ୍ପର୍ଶଟି,
ଜୀବନ-ଉତ୍ତପ୍ତ ମରୁବାଲିରେ
ସଂଘର୍ଷରେ ଲହୁଲୁହାଣ
ପରିତ୍ୟକ୍ତ ପଦଚିହ୍ନଟିଏ।
କେତେବେଳେ ମୃତ୍ୟୁ ପୁଣି
ଗଛତଳେ ବାଟୋଇର
ଛାଇନିଦଟିଏ
ଜୀବନ ଅଭୁକ୍ତ ପ୍ରଜାପତିର
ଦୀର୍ଘଶ୍ୱାସଟିଏ।
ହେଇ ଦେଖ--
ଏବେ ମୋ' ହାତ ପାଆନ୍ତାରେ
--ଧୂସର ବାଲିଝଡ,
ସମ୍ମୁଖରେ--ପାଖକୁ ଗଲେ
ଉଭେଇ ଯାଉଥିବା
ଜଳଭ୍ରମୀ ଅସ୍ପଷ୍ଟ ମରୀଚିକା,
ଶିଥିଳ ପାଦଦ୍ୱୟରେ
କାକଟସର ରକ୍ତାକ୍ତ ଦଂଶନ,
ଉପରେ ନିଃସହାୟ ଆକାଶ,
ରାସ୍ତା ଦୁଇପାର୍ଶ୍ୱରେ ନିରାଶର ବାଲିସ୍ତୂପ
ପାଦତଳେ ଉତ୍ତପ୍ତ ମରୁବାଲି,
ଚତୁଃପାର୍ଶ୍ୱରେ ପୁଣି ଅତୃପ୍ତ
ଆତ୍ମାଙ୍କର ତତଲା ନିଃଶ୍ୱାସ।
ଏସବୁକୁ ଆଡକରି ପହଞ୍ଚିଥିଲି ମୁଁ
ଇପ୍ସିତ ମରୁଦ୍ୟାନରେ,
ପଡିରହିଥିଲା ଯେଉଁଠି କେବଳ
ମୋର ଅସରନ୍ତି ସ୍ୱପ୍ନଙ୍କର
ମୁଠାଏ ତତଲା ପାଉଁଶ।

*କ୍ୱାର୍ଟର ନଂ. ୩ଆର/୨*
*ମ୍ୟୁଜିୟମ ଏରିଆ,*
*ବିଜେବି ନଗର, ଭୁବନେଶ୍ୱର*

*(ପୂର୍ବପ୍ରକାଶ ଉତ୍ତାରୁ)*

କିନ୍ତୁ ମିଳି ବି ମୁହଁ ଖୋଲି କହିପାରି ନଥିଲା ତା' ମନର କଥା। ରାହୁଲ ବୁଝି ସାରିଥିଲା -ମିଳି ତା' ଜୀବନ ପରିଧିକୁ ଆସି, ତୋଳି ସାରିଥିଲା ବେସୁରା ଜୀବନରେ ସୂରର ମଧୁର ଝଙ୍କାର। ଏହି ଦେଖା ସାକ୍ଷାତ, କ୍ଲାସକୁ ଯିବା ଆସିବା ଭିତରେ ଦୁହେଁ ଦୁହିଁଙ୍କ ଅକୁହା ମନର ଭାଷାକୁ ପଢ଼ି ସାରିଥିଲେ। ରାହୁଲ ଅନେକ ଆଶା ଏବଂ ଅନେକ କଳ୍ପନା କରି ତା' ମନରୂପୀ ବେଳାଭୂମିରେ ଗଢ଼ି ଚାଲିଥିଲା କଳ୍ପନାର କୋଣାର୍କ, ସ୍ୱପ୍ନର ନୀଡ଼ ଏବଂ ପ୍ରେମର ସ୍ମୃତି ସ୍ୱରୂପ ତାଜମହଲ। ଦୁହେଁ ଦୁହିଁଙ୍କୁ ପାଇ, ଭୁଲି ଯାଇଥିଲେ ଜୀବନର ସମସ୍ତ ଦୁଃଖକୁ। ସେତେବେଳେ ନା' ଥିଲା ଅତୀତ ଆଉ ଭବିଷ୍ୟତ ଚିନ୍ତା, ଥିଲା କେବଳ ବର୍ତ୍ତମାନର। ବର୍ତ୍ତମାନକୁ ନେଇ ହଜି ଯାଇଥିଲେ ରାହୁଲ ଓ ମିଳି।

ଇତି ମଧ୍ୟରେ ଦୁହିଁଙ୍କ ପାଠପଢ଼ା ସରିଯାଇଛି। ମିଳି ଘରକୁ ଯିବାକୁ ବାହାରିଛି। ଯିବା ପୂର୍ବରୁ ଯେତେବେଳେ ମିଳି; ରାହୁଲକୁ ଦେଖା କରିବାକୁ ଯାଇଛି, ସେତେବେଳେ କେହି କିଛି କହିପାରି ନାହାନ୍ତି। କିଛି ସମୟର ନୀରବତା ପରେ ଦୁହେଁ ଅନେକ ଯନ୍ତ୍ରଣା ନେଇ ନିଜ ନିଜ ଘରକୁ ଫେରିଛନ୍ତି। ସେଦିନ ରାହୁଲ ବୁଝିପାରିଥିଲା- ପ୍ରକାଶ ହେବାକୁ ଚାହୁଁଥିବା ଆବେଗର ତଣ୍ଟି ଚିପି ଧରିଲେ, ନିଜ ତଣ୍ଟି ଚିପି ହୋଇଗଲା ପରି କଷ୍ଟ ହୁଏ। ଘରକୁ ଫେରିଲା ପରଠୁ ରାହୁଲକୁ କିଛି ଭଲ ଲାଗୁ ନଥାଏ ମିଳି ବିନା। ମିଳିର ବି ସେହି ଅବସ୍ଥା। ରାହୁଲକୁ ତା'ମନ କଥା ନ କହି ପାରିବାର ଯନ୍ତ୍ରଣା। କିନ୍ତୁ ଏ କ'ଣ ? ଏହି ବିଚ୍ଛେଦ ହିଁ ଦୁହେଁ,ଦୁହିଁଙ୍କୁ ପାଇବାର ବ୍ୟାକୁଳତାକୁ ବଢ଼ାଇ ଦେଇଛି।

ରାହୁଲ ମନରେ ବିରାଟ ଶୂନ୍ୟତା। ଶୂନ୍ୟତା କଥା ଭାବିଲା ବେଳକୁ ରାହୁଲ ଚମକି ଉଠିଛି। ଘଣ୍ଟା ଦେଖିଲା ବେଳକୁ ରାତି ଗୋଟାଏ। କିନ୍ତୁ ଆଖିରେ ନିଦ ନାହିଁ। ପୁଣି ଥରେ ରାହୁଲ ଭାବି ବସିଛି। ସେହି ଅତୀତର ସ୍ମୃତି।

ଏ କ'ଣ ? ଅତୀତକୁ କେହି କେବେ କ'ଣ ଖୋଜେ ? ଅତୀତ କ'ଣ କେବେ ଫେରେ ? କିନ୍ତୁ ଅତୀତର ସେହି ପାହାଡ଼ ଉପରେ ଠିଆ ହୋଇ ରାହୁଲ ଭୋଗିଛି ଅବ୍ୟକ୍ତ ଯନ୍ତ୍ରଣା। ପୁଣି ଥରେ ରାହୁଲ ଅତୀତର ପୃଷ୍ଠାକୁ ଲେଉଟାଇ ଚାଲିଲା। ସେ ଭାବି ବସିଛି କିଭଳି ମିଳି ଗଲାପରଠୁ ତା' ମନରୂପି ଆକାଶରେ ଆଉ ପୂର୍ଣ୍ଣମୀର ଚାନ୍ଦ ନାହିଁ, ସାରା ମନ ଆକାଶ ଆଜି ଅନ୍ଧକାରମୟ। ତା'ର ମନ ବନରେ ଆଉ କୋକିଳର କୁହୁକୁହୁ ଶୁଣାଯାଉନି। ରାହୁଲର ମନେ ପଡ଼ିଯାଉଛି, ମିଳିର ଉଜ୍ଜ୍ୱଳ ମୁଖମଣ୍ଡଳ, ଚଳଚଞ୍ଚଳ ନୟନ, ଯାହାକୁ ରାହୁଲ ଅନେକ ଦିନ ହେଲା ନୀରବରେ ଭଲ ପାଇ ଆସୁଥିଲା। ସେହି ମିଳି ଗଲାଦିନଠୁ ରାହୁଲ ମନରେ ସୃଷ୍ଟି ହୋଇଛି ବେଦନା ରୂପକ ଝଡ଼। ଦେହ ଖରାପକୁ ସିନା ଔଷଧ ଅଛି କିନ୍ତୁ ମନ ଦରଦକୁ ମଲମ ନଥିଲା ଭଳି। ରାହୁଲ ସାଥୀହରା ହୋଇ ମିଳିକୁ ଖୋଜିଛି।

କିନ୍ତୁ ଏ କ'ଣ ? ଦିନେ ସାର୍ଟିଫିକେଟ୍ ଉଠାଇବା ବାହାନାରେ ମିଳି ଆସି ପହଞ୍ଚିଛି ବିଶ୍ୱବିଦ୍ୟାଳୟରେ। ରାହୁଲର ମିଳି ସହ ସାକ୍ଷାତ ପରେ, ମନେ ହୋଇଛି ସତେ ଯେପରି ରାହୁଲର ମନ, ଉଛୁଳା ନଈର ରୂପ ନେଇଛି। କୌଣସି ବାଧ ମାନିବାକୁ ସେ ନାରାଜ। କେବଳ ଉଚ୍ଛ୍ୱସିତ ବେଦନାରୁ କିଛିଟା ଉଛୁଳିଗଲେ ମନ ତା'ର ଶାନ୍ତ ପାଇବ। କାରଣ ସେ ଶୁଣିଥିଲା, ଦୁଃଖ ଅନ୍ୟ ଆଗରେ ପ୍ରକାଶ କଲେ କିଛିଟା ଉପଶମ ହୁଏ। ତାହା ଆଜି ଅନୁଭବ କରିପାରିଛି ରାହୁଲ। ଅନେକ ସମୟ ଗପିବା ଭିତରେ ବି ରାହୁଲ ତା' ମନ କଥା ମିଳିକୁ କହିପାରି ନାହିଁ। ମିଳି ବି ଯାହା କହିବାକୁ ଚାହୁଁଥିଲା ତାହା ତା' ଓଠରୁ ଫେରି ଯାଉଥିଲା। କିନ୍ତୁ ଆଖି ତା'ର ଅନେକ କଥା କହି ସାରିଥିଲା। ଭିନ୍ନ ଏଭ ଭାଷାର କଥା। ଯାହା ରାହୁଲ ପାଇଁ ଅବୁଝା ନଥିଲା। ତା'ପରେ ମିଳି ନିଜ ଗାଁକୁ ଫେରି ଯାଇଛି।

ଅତୀତର ଏକଥା ଭାବିଲା ବେଳକୁ ରାହୁଲର ଆଖି ଜକେଇ ଆସୁଥାଏ। ରାତି ପାହିବାକୁ ଅନେକ ସମୟ ବାଛି ଅଛି। ତଥାପି ରାହୁଲ ଆଖିରେ ନିଦ ନାହିଁ। ସେ ପୁଣି ଥରେ ଭାବି ବସିଛି ଅତୀତର ସେହି ଅଭୁଲା ସ୍ମୃତିକୁ।

ରାହୁଲ ମନରେ ଅନେକ ପ୍ରଶ୍ନବାଚୀ- ସେ ଯାହା କରୁଛି, କ'ଣ ଠିକ୍ କରୁଛି। କାରଣ ରାହୁଲ ଓ ମିଳି ଉଭୟଙ୍କ ଦେହ ଓ ମନ ଖୁବ୍ କଞ୍ଚା। ବେଳେବେଳେ ଟାଣ ପବନର ଛାପ ବି ଦେହ ଓ ମନରେ କିଛିଟା ପାଦଚିହ୍ନ ଛାଡ଼ି ଯାଉଥିଲା। ଦୁହେଁ କଞ୍ଚା ମନ ଦୁଇଟିକୁ ନେଇ ପରସ୍ପରର ଖୁବ୍ ନିକଟସ୍ଥ ହୋଇଛନ୍ତି କିନ୍ତୁ ମନ ଦୁଇଟି ଟଳମଳ ହୋଇଛି। ପଡ଼ିଯିବା ଆଗରୁ ଗୋଟିଏ ମନ, ଅନ୍ୟଟି ଉପରେ ଆଉଜି ପଡ଼ିଛି। ଏ ଟଳମଳ ଭରା ପାଦ ଓ ମନରେ, ରାହୁଲ ଯେତେବେଳେ ବାପା, ମାଆ ଓ ଘର କଥା ଭାବି ବସେ, ସେ ଭାବନାର ଅତଳ ଗଣ୍ଡକୁ ଚାଲିଯାଏ। ସେ ଦେଖେ - ବାପା, ମାଆଙ୍କ ଅପମାନ ବୋଧଭରା ଚାହାଣି, ଏବଂ ନିଜ ବେରୋଜଗାର ପଣିଆ। କ'ଣ କରିବ, ନ କରିବ ଏ ଭାବନାରେ ଅନେକ ଦିନ ବିତିଗଲା।


ରାହୁଲ କେବଳ ଅନିଶ୍ଚିତ ବର୍ତ୍ତମାନ ଓ ଅନ୍ଧାରି ଭବିଷ୍ୟତକୁ ନେଇ ବାଟ ଚାଲିଛି। ଏ ଭିତରେ ମିଳି ଘରକୁ ଅନେକ ବିବାହ ପ୍ରସ୍ତାବ ନେଇ ଆସିଛନ୍ତି। କିନ୍ତୁ ସବୁ ପ୍ରସ୍ତାବକୁ ମିଳି ଏଡ଼ାଇ ଚାଲିଛି। ରାହୁଲର ବି ସମଦଶା, କିନ୍ତୁ କେତେ ଦିନ ? କେଉଁ ଆଶା ବା ସମ୍ଭାବନା ନେଇ ଦୁହେଁ ଏଡ଼ାଇ ଚାଲିଥିବେ ଦୁହିଁଙ୍କ ବାହାଘର କଥା। କିନ୍ତୁ କରିବେ ବା କ'ଣ ? ଦୁହେଁ ଦୁହିଁଙ୍କୁ ଜୀବନ ଭାବେ ଧରି ନେଇଛନ୍ତି। ଏ ଭିତରେ ପାଞ୍ଚ ବର୍ଷ ବିତିଗଲାଣି। ରାହୁଣ ସୀମାହୀନ ଭାବନା ଭିତରେ ଏମିତି ଅନେକ ଅବାନ୍ତର ପ୍ରଶ୍ନ ମୁଣ୍ଡ ଟେକିଛି। ଏସବୁ ଭାବି ଭାବି ରାହୁଲ ଆଖିରେ ଲୁହ ଜକେଇ ଆସିଛି। ପୁଣି ସେ ରହି ରହି ଭାବି ବସିଲା ବେଳକୁ ଆକାଶ

ଫର୍ଚ୍ଚା ହୋଇ ଆସୁଥାଏ। ପୁଣି ଥରେ ରାହୁଲ ଭାବି ବସିଛି- ସତରେ କ'ଣ ପ୍ରେମ କରିବାଟା ଏକ ବିରାଟ ଭୁଲ ? ମନକୁ ଖଡ଼ି ଧରି ବୁଝାଇଛି। ସଫଳତା ଲାଭ କରିବାକୁ ହେଲେ, ବିଫଳତାର ତୀବ୍ର ଯନ୍ତ୍ରଣା ଭିତରେ କ୍ଷତାକ୍ତ ହେବାକୁ ପଡ଼ିଥାଏ। ରାହୁଲ ତା'ର ହଜିଲା ଦିନର ଅଭୁଲା ଅତୀତକୁ ସାଇତିବା ନିମନ୍ତେ ପ୍ରୟାସ ଜାରି ରଖିବା ସହ ମିଳିକୁ ନେଇ ସଂସାର କରିବାର ସ୍ୱପ୍ନକୁ ସତ କରିବାକୁ ମନସ୍ଥ କଲାବେଳକୁ ତା' ଭାବନାରେ ହଠାତ୍ ବାଧା ଦେଇଥିଲା ବୋଉଙ୍କ ଆଠଟା ବାଜିଲାଣି ଡାକ। ସେ ଚମକି ଚାହିଁଲା ବେଳକୁ ସାମ୍ନାରେ ବୋଉର କ୍ରୋଧଭରା ଚାହାଣି। ପ୍ରେମ ଶକ୍ତିର ବିଜୟ ପରେ ହିଁ କ୍ରୋଧଶକ୍ତିର ଅବକ୍ଷୟ- ଏକଥା ଭାବି ରାହୁଲ ବିଛଣା ଛାଡ଼ିଛି।

# ଅବ୍ୟକ୍ତ ମୂର୍ଚ୍ଛନା

ଡକ୍ଟର ମନୋରଞ୍ଜନ ବିଷୋୟୀ





*ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର, ବ୍ରହ୍ମପୁର*

# ମାତୃଭୂମି ଭାରତ

କବୀନ୍ଦ୍ର ଦାଶ



ଆମେ ସବୁ ଭାରତୀୟ
ଗୋଟିଏ ଫୁଲର ପେନ୍ଥା
ଗୋଟିଏ ସୂତାରେ ଗୁନ୍ଥା
ଶୃଙ୍ଖଳା ରଜ୍ଜୁରେ ଛନ୍ଦା
ନିୟମ ମନ୍ତ୍ରରେ ବନ୍ଧା
ନିର୍ବିକାରେ ଆମେ ନିର୍ଭୟ ପୁଙ୍ଗବ
ଜାତି ଧର୍ମ ବର୍ଣ୍ଣେ ଭିନ୍ନତା ସଙ୍ଗମ
ଭାଇଚାରା ଭାବ ଆମର ଭୂଷଣ
ଛାଡିପାରିବୁନି ପଡୁ ଯେ କଷଣ
ତ୍ରିରଙ୍ଗା ଆମର ଜାତୀୟ ପତାକା
ଫର ଫର ଉଡେ ନେଇ ଏକ ବାର୍ତ୍ତା
ଶାନ୍ତି ମୈତ୍ରୀ ଅଟେ ଆମ ସ୍ୱତନ୍ତ୍ରତା
ସବୁଠୁ ସୁନ୍ଦର ସବୁଜିମା ପୂର୍ଣ୍ଣ
ଆମ ଏ ଭାରତ ମାତା
କେତେ ହ୍ରଦ ନଦୀ ପାହାଡ ପର୍ବତ
ବନ ଉପବନ କୋଳରେ ଧରିଣ
ମାତୃଭୂମି ଆମ ହୋଇଛି ଠିଆ
ସ୍ଥାବର ଜଙ୍ଗମ ଆଚମ୍ଭିତ ହୁଏ
ଦେଖି ତାର ଏହି ବିଶାଳ କାୟା



କାଶ୍ମୀର ଯାର ଶିର ମଣ୍ଡନ କରେ
ସାଗର ଧୁଏ ପାଦ କୁମାରୀକାରେ
ହିମାଳୟ ଯାହାର ଦେହଃବିଶେଷ
ଶତ୍ରୁଆଗେ ଉଭା ପ୍ରାଚୀର ସଦୃଶ
ଗଙ୍ଗା ଗୋଦାବରୀ ଯମୁନା କାବେରୀ
ଯା ଶରୀରେ ପ୍ରବାହିତ
ସେ ପରା ସ୍ନେହମୟୀ ସ୍ଥିତ
ପ୍ରଜ୍ଞା ଯୋଗିନୀ ଆମ ମାତୃଭୂମି ଭାରତ
ପ୍ରାଣରୁ ପ୍ରାଣ ଛୁଇଁ ଛୁଇଁ ଯାଏ
ଏକତାର ଗୀତ ଗାଇ
ଗାଇ ମଳୟ ସମିରଣ
ନିର୍ଭୟ ହୁଅ ଜାଗ୍ରତ ହୁଅ
ମାତୃଭୂମି ଟେକ ରଖିବା ପାଇଁ
ଉନ୍ମାଦନା ଉତ୍ସାହ ଭରିଦିଏ ପ୍ରାଣେ
ଶିରା ପ୍ରଶୀରାରେ ଖେଳାଏ ଶିହରଣ
ନୁହେଁ ହିନ୍ଦୁ, ନୁହେଁ ଶିଖ, ନୁହେଁ ଖ୍ରୀଷ୍ଟିଆନ
ଜୋରାଷ୍ଟର ଅବା ମୁସଲମାନ
ସଭିଙ୍କ ମିଳନେ ସଭିଙ୍କ
ସଙ୍ଗତେ ଯିଏ ଅଜେୟ ଅମ୍ଳାନ
ସେହିପରା ଆମଦେଶ
ମାତୃଭୂମି ଭାରତ
ସାରା ବିଶ୍ୱରେ ଅଟେ ମହାନ।


*ଉପାଧ୍ୟକ୍ଷ, ଶ୍ରୀ କ୍ରୀଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲ*

# କବିତାର କଥା

(ଭାଗ-୪)



ଉମାକାନ୍ତ ରାଉତ



## କବି ଦେହରେ ସବାର ହୁଏ ଫାନୁସ୍ ପୁଞ୍ଜି

ଚାରିପାଖ ଭାଙ୍ଗି ଭାଙ୍ଗି ଯାଉଥିବାବେଳେ, କଳାହାଣ୍ଡିର ଫାନୁସ୍ ପୁଞ୍ଜି, ପିପିଲିର ଅସହାୟା ଧର୍ଷିତା, କଳିଙ୍ଗନଗରର କଟାହାତ, ଦାନମାଝି, ନଗଡାର ଶିଶୁ ପୁଷ୍ଟିହୀନତା ଭୋଗୁଥିବା ଶିଶୁ, ନୟାଗଡର ଭ୍ରୁଣହତ୍ୟା ଅବା ପରୀ ଘଟଣା କାହା ପାଇଁ କଷଣର ଚମତ୍କାର ଚିତ୍ରକଳ୍ପଟିଏ ହୋଇଥାଇପାରେ। ହେଲେ ପ୍ରକୃତ କବିପ୍ରାଣ ତାକୁନେଇ କେବଳ କବିତାର କଳ୍ପଲତା ରଚେନାହିଁ କି ଫାନୁସ୍ ପୁଞ୍ଜି ଅବା ନୃଶଂସ ଭାବେ ହତ୍ୟା କରି ଦିଆଯାଇଥିବା ପରୀ ଅବା କନ୍ୟାଭ୍ରୁଣକୁ କେବେଳ କବିତାର ଚିତ୍ରକଳ୍ପ କରି କରତାଳି, ବାହାବା, ପୁରସ୍କାର ପାଇବାର ଆୟୋଜନରେ ବ୍ୟଗ୍ର ହୁଏନାହିଁ, ବରଂ ସେ ନିଜେ ସାଜିଯାଏ ଏକ ଫାନୁସ୍ ପୁଞ୍ଜି ଅବା ନିଜକୁ ବିଦୀର୍ଣ୍ଣ ମନେକରେ ମୃତାହତ ପରୀ ଓ କନ୍ୟାଭ୍ରୁଣର ଅନୁଭବରେ...।

ସେହି ଶକ୍ତିଶାଳୀ ଅନୁଭବରୁ ବର୍ତ୍ତିବା ପାଇଁ କବି ପାଖରେ କବିତାର ସୃଜନ ବ୍ୟତିରେକ ଅନ୍ୟକିଛି ବାଟ, ବିକଳ୍ପ କି ଉପାୟ ନଥାଏ। ସେହି ସ୍ୱତଃ ଅନୁଭବରୁ ଅନନ୍ୟୋପାୟ ଭାବେ ଉକୁଟି ଉଠେ ଉଚ୍ଛ୍ୱାସ... ମୁଠାଏ ଦୀର୍ଘଶ୍ୱାସ। ସୁତରାଂ ସେଥିପାଇଁ ଓ ସେତିକିବେଳେ ତା'ର ସ୍ୱତଃ ସର୍ଜନାରେ ଉନ୍ମାଦନା ଓ ଉତ୍ତେଜନା ଅପେକ୍ଷା ପ୍ରତିକ୍ରିୟା ଓ ଉଦ୍‌ବୋଧନର ସ୍ୱର ଅଧିକ ଶାଣିତ ହୋଇଉଠେ। ଏହା ହେବାକୁ ବାଧ୍ୟ।

ହେଲେ ପଦ୍ମଭୁକ କବି (!) ଏସବୁରେ ଧାର ଧୁରେନା। କୂପମଣ୍ଡୁକ ଭଳି ନିଜର ସଂକୁଚିତ ଓ ଅପେକ୍ଷାକୃତ କ୍ଷୁଦ୍ର ପୃଥିବୀରେ ମଦମତ୍ତଭାବେ ମଦିରା ପାନ କରୁକରୁ ମୁଦିତ ପଦ୍ମକୋରକ ମଧ୍ୟରେ ଛାଟିପିଟିହୋଇ ମରିବାର ଅବଧାରିତ ଦୁର୍ଭାଗ୍ୟ ବ୍ୟତିରକେ ତା'ର ଅନ୍ୟ ଗତି କିଛି ନଥାଏ।

ଏହାକୁ ସେ ଆପଣାର ଚିତାଗ୍ନି ଦେଖିବାର ଚଉଡା କପାଳର ସୌଭାଗ୍ୟ ବୋଲି ଆତ୍ମଶ୍ଳାଘା କରି ବିଷାଦ ବିଳାସର ସୁଖ ଅନୁଭବ କରେ ସତ; ହେଲେ ସେଥିରେ ଅଖିଳର ବ୍ୟଥା ଅବା ନିଖିଳର ବେଦନା ପ୍ରକଟିତ ହେବାର ସମ୍ଭାବନା ନଥାଏ କହିଲେ ଚଳେ ଅବା ଦୈବାତ୍ ଯଦି ଥାଏ, ତାହା ଅତି କ୍ଷୀଣ। ହେଲେ କେବଳ ମାନବସମାଜ ନୁହେଁ, ସ୍ଥାବର ଜଙ୍ଗମ ଫୁଲ ଫଳ ଫସଲଠୁ ଆରମ୍ଭ କରି ଜଳ ଜମି ଜଙ୍ଗଲ ତଥା ସାରା ବିଶ୍ୱବ୍ରହ୍ମାଣ୍ଡକୁ ଭଲପାଉଥିବା ବିଶ୍ୱପ୍ରେମୀଟିଏ ଏଭଳି କ୍ଷୀଣ ଓ ସଂକୁଚିତ ଦୃଷ୍ଟିଭଙ୍ଗୀରେ ଆକ୍ରାନ୍ତ ହୁଏନାହିଁ। ସେଥିପାଇଁ ତା'ର ତୂଳୀ ବଜ୍ର ନିର୍ଘୋଷ କରେ...

"କବି ମୁଁ ସତ୍ୟର ଟଙ୍କାର ତୋଳେ ଆଜି ବି ସତ୍ୟର ଦ୍ୱାହି ଦେଇ

ଘୃଣା ହିଂସା ହାରେ ରାଗ ଦ୍ୱେଷ ହାରେ ବିଶ୍ୱପ୍ରେମୀ କେବେ ହାରେନାହିଁ

ଭୀରୁଟିଏ ହାରେ କାପୁରୁଷ ହାରେ ଗୁରୁଟିଏ କେବେ ହାରେ ନାହିଁ

ସରିବ ଆଗରୁ ମରିଯାଏ ପଛେ କବିତା ଲେଖିବା ସରେନାହିଁ

ହାରିନାହିଁ କେବେ ହାରିବାର ନାହିଁ କବିଟିଏ କେବେ ହାରେ ନାହିଁ

କବିଟିଏ କେବେ ହାରେ ନାହିଁ
କବିଟିଏ କେବେ ମରେ ନାହିଁ
କବିତାର ଲେଖା ସରେନାହିଁ।"

ଏ ଲେଖକ ଏକ ଅବାସ୍ତବ, ସ୍ୱପ୍ନିଳ ଓ ନିଃଷ୍ଫଳ ଆତ୍ମଶୃଙ୍ଗାରରେ ମସଗୁଲ ହେବା ଅପେକ୍ଷା ସାମାଜିକ ବାସ୍ତବତାରେ କଳାତ୍ମକ ପୁଟ ଦେଇ ସର୍ଜନାର ସବୁଜ ଫସଲ ଉତ୍ପାଦନରେ ଅଧିକ ଆସ୍ଥା ପୋଷଣ କରେ... ହର୍ଷର ସପ୍ତପର୍ଣ୍ଣୀ ଫସଲ ଉତ୍ପାଦନରେ ଖୁବ୍ ଆତୁର ହେବାକୁ ଚାହେଁ।

ଏଥିପାଇଁ ଆବଶ୍ୟକ ହେଲେ ସକଳ ଘନଘଟାକୁ ସମାନ କରି ବିବସ୍ତା ନଦୀଟିଏ ଭଳି ସବୁ ପରିଧି ଲଙ୍ଘିଯିବାରେ ବିଶ୍ୱାସ କରେ।

ଦିନ ଥିଲା, ସାମନ୍ତବାଦୀ ଆଟୋପ, ସମ୍ରାଟ, ସାମ୍ରାଜ୍ଞୀ, ନଅର, ଉଆସ, ଅମଲାତାନ୍ତ୍ରିକ ଚାଟୁକାରିତା ଭିତରେ ସାଧାରଣ ଜନତା (କମନ୍ ମେନ୍), ମୂଲିଆର ଆଖି, ବିସ୍ଥାପିତର କଷଣ, ଦାଦନର ବେଦନାଟି ଚାପିହୋଇ ନିଶ୍ଚିହ୍ନ ହୋଇଯାଉଥିଲା। ଆଜି ସେଭଳି ସଂକୀର୍ଣ୍ଣତାର ଘଣାରେ ପେଶିହୋଇ କବିତାର ଚେହେରା ପାଂଶୁଳ ହେବାର ଆଶଙ୍କା ନଗଣ୍ୟ କହିଲେ ଭୁଲ୍ ହେବନାହିଁ।

ସେଥିପାଇଁ ଆଜିକାଲି ଅନେକ କବିଙ୍କ ଆଖିରେ ସେସବୁ ଦିନର ଜଟିଳ ଗାଣିତିକ ଜିଜ୍ଞାସା, ଛନ୍ଦ, ଯତିପାତ, ଅନୁପ୍ରାସ ଯମକାଦି ଆଳଂକାରିକ ପୁନପୌନିକତା ନାହିଁ।

ଆଶା ଓ ଆଶ୍ୱାସନାର କଥା ଯେ କବିତା ଛିନ୍ନ ମୂଳ ନହୋଇ କ୍ରମଶଃ ଆପଣାର ମାଟିକୁ ଫେରୁଛି। ନିଜର ଅମିତ ପରାକ୍ରମ ଯୋଗୁ ଯେଉଁମାନେ ଏହି ପରିବର୍ତ୍ତନ କାବ୍ୟଧାରାକୁ ସଜାଡି ନିଜର ସ୍ୱାତନ୍ତ୍ର୍ୟ ଜାହିର କରିପାରିଛନ୍ତି, ସେମାନଙ୍କ ମଧ୍ୟରେ ଝଡର ଇଗଲ୍ ଓ ମାଟିମଶାଣିର କବି ସଚ୍ଚି ରାଉତରା, କବି ଦୁର୍ଗାଚରଣ ପରିଡା ଆଦିଙ୍କ ନାମ ଅଗ୍ରଗଣ୍ୟ। ସେଥିପାଇଁ ତାଙ୍କ କଲମ ମୂନରୁ ଝରିପଡିଛି...

"ନୁହେଁ ବନ୍ଧୁ ନୁହେଁ ଏହା ଚିତା
ଏ ଦେଶ ତିମିର ତଳେ
ଏ ଅଲିଭା ମୁକତି ସଳିତା
...............................
ଏ ଶିଖା ଦେଇଛି ଆଜି
ଇତିହାସେ ହାତଟେକି ଦାନ
ଶତାବ୍ଦୀର ଶ୍ରେଷ୍ଠ ଫୁଲ
ମୁକୁଳିତ ମୃତ୍ୟୁହୀନ ପ୍ରାଣ।"

(କ୍ରମଶ)

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସରକାରୀ କର୍ମଚାରୀଙ୍କ ଧାରଣା ରଣକ୍ଷେତ୍ର ପାଲଟିଯିବ




**ଜଗତସିଂହପୁର :** କୋଭିଡ କଟକଣାକୁ ନେଇ ସରକାରୀ କର୍ମଚାରୀ ବାବୁ ମାନେ ଘରେ ବସି ବୋର ହୋଇଯାଇଥିବା ବେଳେ ଏବେ ସେମାନଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା କଥାକୁ ନେଇ ମୃଦୁ ଭୂମିକମ୍ପ ସୃଷ୍ଟି ହେଲାଣି। ଯଦି ସେମାନଙ୍କର ଦାବି ମୁତାବକ ମୁଖ୍ୟ ଆସାମୀଙ୍କୁ ଗିରଫ କରାନଯାଏ ତେବେ ଏହି ଧାରଣା ସ୍ଥଳଟି ରଣକ୍ଷେତ୍ର ଭଳି ପାଲଟିଯିବାର ଆଶଙ୍କା ସୃଷ୍ଟି ହେଲାଣି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ବାଲିକୁଦା ତହସିଲର ଭାରାପ୍ରାପ୍ତ ରାଜସ୍ୱ ନିରିକ୍ଷକଙ୍କୁ ମାଡ ମାରିବା ଘଟଣାକୁ ନେଇ ଜିଲ୍ଲା କର୍ମଚାରୀ ସଂଘ ପକ୍ଷରୁ କଲମଛାଡ ଆନ୍ଦୋଳନ କରାଯାଇଛି। ସେଥିପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ ଓ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟର ସମସ୍ତ ସରକାରୀ କର୍ମଚାରୀ ମାନଙ୍କ ଆନ୍ଦୋଳନ ଯୋଗୁ ସାଧାରଣ ଲୋକ ମାନଙ୍କ ବିଭିନ୍ନ କାର୍ଯ୍ୟସବୁ ଏକ ପ୍ରକାର ଠପ୍ ହୋଇଯାଇଛି। ଭାରାପ୍ରାପ୍ତ ରାଜସ୍ୱ ନିରିକ୍ଷକ ବାଲିକୁଦା ଥାନାରେ ଏତଲା ଦେବାର ଏଥି ମଧ୍ୟରେ ସପ୍ତାହେ ବିତି ଯାଇଥିଲେବି ଆସାମୀଙ୍କୁ ଧରା ଯାଇପାରିଲା ନାହିଁ ବରଂ ସଂପୃକ୍ତ ଆସାମୀଙ୍କ ସ୍ତ୍ରୀ ଏତଲାକାରୀଙ୍କ ନାମରେ ଆଉ ଏକ ମିଥ୍ୟା ମାମଲା ରୁଜୁ କରିଥିବାକୁ ନେଇ କର୍ମଚାରୀ ମାନେ ଆନ୍ଦୋଳନ ପ୍ରଥାକୁ ଆଗେଇ ନେଇଚାଲିଛନ୍ତି। କର୍ମଚାରୀ ସଂଘ ପକ୍ଷରୁ କିଛି ବ୍ୟକ୍ତି ନିଜ ନାମ ଗୋପନ ରଖି କହିଥିଲେ ଯେ ଆମର ଜଣେ କର୍ମଚାରୀଙ୍କୁ ମାଡ ମରାଗଲା, ଏତଲା ରୁଜୁ ହେଲା ହେଲେ ଆସାମୀ ଖୁଲମ ଖୁଲା ବୁଲୁଛି ତାକୁ ଗିରଫ କରା ନଯାଇ ଓଲଟା ଆମ କର୍ମଚାରୀମାନଙ୍କ ନାମରେ ଏତଲା ରୁଜୁ ହେଲାଣି। ଏ ସମସ୍ତ ଘଟଣା ଜାଣି ସୁଦ୍ଧା ଜିଲ୍ଲାପାଳ ତାଙ୍କ କର୍ମଚାରୀଙ୍କ କଥା ନବୁଝି ଏଥିରେ ହସ୍ତକ୍ଷପ ମଧ କରୁନାହାନ୍ତି କି ଆସାମୀଙ୍କୁ ଧରାଯାଉ ନାହିଁ। ସେଥିପାଇଁ ଏ ସମସ୍ତ ଘଟଣା ମୂଳରେ ଜିଲ୍ଲାପାଳଙ୍କ ଭୂମିକା ଏକପ୍ରକାର ସନ୍ଦେହଘେରରେ ରହୁଛି। ଧାରଣା ସ୍ଥଳରେ କର୍ମଚାରୀମାନେ ଏତେଦିନ ଧରି ବସିଥିଲେବି କାର୍ଯ୍ୟାଳୟକୁ ଫେରିଯିବାକୁ ଏପର୍ଯ୍ୟନ୍ତ ଜିଲ୍ଲାପାଳ କହୁଥିବାର ଦେଖାଯାଉ ନାହିଁ। ବର୍ତ୍ତମାନର ଜିଲ୍ଲାପାଳ ସ୍ଥାନୀୟ ବାସିନ୍ଦା ହୋଇଥିବା ବେଳେ ଏଠାରେ କିଛି ବର୍ଷ ଜିଲ୍ଲାପାଳ ଦାୟୀତ୍ୱରେ ରହି ତିର୍ତ୍ତୋଲ ଉପ ନିର୍ବାଚନ ସମୟରେ ତାଙ୍କୁ ଏଠାରୁ ବଦଳି କରାଯାଇଥିଲେ ବି ନିର୍ବାଚନ ସରିବା ପରେ ପୁନଃ ଏଠାକୁ ଫେରିବା ଘଟଣା କୁ ନେଇ ସରକାରୀ କର୍ମଚାରୀଙ୍କ ମହଲରେ ଘୋର ଅସନ୍ତୋଷ ବୃଦ୍ଧି ପାଇଲାଣି। କର୍ମଚାରୀମାନଙ୍କ ଅସନ୍ତୋଷ କୁ ଦେଖି ଜିଲ୍ଲାପାଳ ଏଥିରେ ହସ୍ତକ୍ଷେପ କରୁନାହାନ୍ତି ବୋଲି ଚା ପାନ ଦୋକାନ ମାନକରେ ଚର୍ଚ୍ଚା ହେଉଛି। କିନ୍ତୁ ବାହାର ଏକ ସୂତ୍ରରୁ ଖବର ମିଳୁଛିଯେ ଜିଲ୍ଲାପାଳଙ୍କୁ ଏଠାରୁ ବଦଳି ନ ହେବେ ପର୍ଯ୍ୟନ୍ତ ଧାରଣା ପ୍ରତ୍ୟାହାର କରାଯିବ ନାହିଁ। ଏଠାରୁ ଜିଲ୍ଲାପାଳଙ୍କୁ ତୁରନ୍ତ ବଦଳିକରି ସରକାରୀ କର୍ମଚାରୀମାନଙ୍କ ଦାବି ଶୁଣିବାପାଇଁ ବୁଦ୍ଧିଜୀବି ମହଲରେ ଆଲୋଚନା ହେଉଛି।

# ୧୮୭ମହିଳା ଗୋଷ୍ଠୀଙ୍କୁ ୬ କୋଟି ୮୦ ଲକ୍ଷ ସହାୟତା



**ନରସିଂହପୁର :** ନରସିଂହପୁର ବ୍ଲକ ଅନ୍ତର୍ଗତ ଅଞ୍ଚଳରେ ରହିଥିବା ମହିଳା ଗୋଷ୍ଠି ଗୁଡିକୁ ଅଧିକ ରୋଜଗାର କ୍ଷମ ପାଇଁ ନୂତନ ସୁଯୋଗ ପ୍ରପ୍ତି ଉଦ୍ଦେଶ୍ୟରେ ଜୀବିକା ନିର୍ବାହ ମିଶନ ଆନୁକୂଲ୍ୟରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ବଡମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗ ଦେଇ ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବାରେ ନବୀନ ସରକାର ମିଶନ ଶକ୍ତି କାର୍ଯ୍ୟକ୍ରମ ସଫଳତା ଏବଂ ମହିଳା ମାନଙ୍କ ସକ୍ରିୟତା ସହିତ ରୋଜଗାରର ଅଭିବୃଦ୍ଧି ପାଇଁ ନୂତନ ସୁଯୋଗ ସୃଷ୍ଟି କରିଛି ବୋଲି ମତବ୍ୟକ୍ତ କରିଥିଲେ। ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ମିଶ୍ର ଅଧକ୍ଷତା କରିଥିଲେ। ସମ୍ମାନୀତ ଅତିଥି ଭାବେ ବିଡିଓ ପ୍ରଦୀପ କୁମାର ସାହୁ, ଜିଲ୍ଲା ପରଷଦ ସଭ୍ୟ ନିର୍ମଳ ଜେନା, ମହିଳା ଫେଡ୍ରେସନର ସଂଯୋଜକ ମହେନ୍ଦ୍ର କୁଣ୍ଡୁ, ବ୍ୟାଙ୍କ ଶାଖା ପରିଚାଳକ ଯୋଗ ଦେଇଥିଲେ। ଆୟୋଜିତ ସମନ୍ୱୟ ମେଳାରେ ଉପସ୍ଥିତ ଗୋଷ୍ଠି ଗୁଡିକୁ ୬କୋଟି ୮୦ଲକ୍ଷ ଟଙ୍କାର ଚେକ୍, ଓଡିଶା ଗ୍ରାମ୍ୟବ୍ୟାଙ୍କ ଓ ଉଲ୍ଲେଖ୍ୟନୀୟ କାର୍ଯ୍ୟକରୁଥିବା ଅନ୍ୟ ୪ଟି ବ୍ୟାଙ୍କ କୁ ପ୍ରଶଂସା ପତ୍ର,୮ଟି କ୍ଲଷ୍ଟରକୁ କୁକୁଡା ପାଳନ, ୧୦କ୍ଲଷ୍ଟରକୁ ଛେଳି ପାଳନ ନିମନ୍ତେ ଅର୍ଥ ସହାୟତା ମୁଖ୍ୟ ଅତିଥି ବିଧାୟକ ଶ୍ରୀ ମିଶ୍ର ଙ୍କ ଦ୍ୱାରା ପ୍ରଦାନ କରିଯାଇଥିଲା। ଶେଷରେ ବିଡିଓ ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କେଉଁ ପାଣି ...

ଆଗକୁ ପିପିଲି ଉପନିର୍ବାଚନ। ଏନେଇ ଦଳ କିଭଳି ପିପିଲିରେ ନିଜର ପୂର୍ବ ସ୍ଥିତି ବଜାୟ ରଖିବ ସେ ନେଇ ନୀଳନକ୍ସା ପ୍ରସ୍ତୁତ କରୁଥିଲା ବେଳେ ଦଳୀୟ କନ୍ଦଳ ଏନେଇ କଣ୍ଟା ସଦୃଶ ହୋଇଛି। ପିପିଲିରେ ଦୀର୍ଘବର୍ଷ ଧରି ଦିବଂଗତ ନେତା ପ୍ରଦୀପ ମହାରଥୀ ନିଜର ଦବଦବା ବଜାୟ ରଖିଥିଲା ବେଳେ ବର୍ତ୍ତମାନ ବିଜେପି ଏହି ଆସନଟିକୁ ହାସଲ କରିବା ପାଇଁ ସବୁ ପ୍ରକାର କୌଶଳ ପ୍ରୟୋଗ କରିବା ଆରମ୍ଭ କରିଦେଲାଣି। ଏଭଳି ସ୍ଥିତିରେ ଭବିଷ୍ୟତ ମନ୍ତ୍ରିମଣ୍ଡଳର ରୂପରେଖ କିଭଳି ହେବ ଏବଂ ଏଥିରେ କେଉଁ କେଉଁ ନେତା ନିଜ ସ୍ୱଚ୍ଛ ଭାବମୂର୍ତ୍ତି ଆଧାରରେ ସ୍ଥାନ ପାଇବେ ତାକୁ ନେଇ ଦଳ ଭିତରେ ଓ ଦଳ ବାହାରେ ଆଲୋଚନା ଚାଲିଛି। ମନ୍ତ୍ରି ପଦ ଆଶାୟୀ ଅନେକ ନେତା ଏନେଇ ଭିତରେ ଭିତରେ ଯୋଜନା ପ୍ରସ୍ତୁତ କରୁଥିଲା ବେଳେ ଜଗତ୍‌ସିଂହପୁର, କେନ୍ଦ୍ରାପଡା ଓ ଯାଜପୁର ଜିଲ୍ଲାରେ ଚର୍ଚ୍ଚା ଅଧିକ ରହିଛି। ଜଗତ୍‌ସିଂହପୁର ଜିଲ୍ଲାର ବିଜେପିରୁ ଆସି ବିଧାୟକ ହୋଇ ମନ୍ତ୍ରୀପଦ ପାଇଥିବା ନେତାଜଣଙ୍କ ବିରୁଦ୍ଧରେ ତୃତୀୟଥରକ ପାଇଁ ବିଧାୟକ ହୋଇଥିବା ନେତା ଏକପ୍ରକାର କସରତ ଆରମ୍ଭ କରିଦେଇଛନ୍ତି। ସେହିପରି କେନ୍ଦ୍ରାପଡାର ଜିଲ୍ଲାର ୩ଜଣ ହେବିଓ୍ୱେଟ ନେତା ଆଗରୁ ମନ୍ତ୍ରୀପଦ ପାଇ ନିଜର କାର୍ଯ୍ୟକୁ ସୂଚରୁରୂପେ ତୁଲାଇଥିଲେ ବି ପଞ୍ଚମଥର ମୁଖ୍ୟମନ୍ତ୍ରୀଙ୍କ ମନ୍ତ୍ରିମଣ୍ଡଳରେ ତାଙ୍କୁ ସ୍ଥାନ ମିଳିନଥିଲା। ତେଣୁ ଏମାନଙ୍କ ଭିତିରେ ଥିବା ପୁରୁଣା ଅସନ୍ତୋଷ ଏବେ ଦଳ ସୁପ୍ରିମୋଙ୍କ କାନରେ ପଡିଗଲାଣି । ଏକଥା ସବୁକୁ ନେଇ ଯାଜପୁର ଜିଲ୍ଲାର ଗତିବିଧି ଉପରେ ତୀକ୍ଷଣ୍ ନଜର ରଖାଯାଇଛି। ଏପରିକି ଗୁଇନ୍ଦା ବିଭାଗ ପକ୍ଷରୁ ସାପ୍ତାହିକ ସମୀକ୍ଷା କରାଯାଇ ଦଳ ସୁପ୍ରିମୋଙ୍କୁ ଜଣାଇଦିଆଯାଉଛି। କିଛି ବିଧାୟକଙ୍କୁ ବିଧାନସଭା ଚଳାଇବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ଦିଆଯାଇଥିଲେ ବି ଭିତରେ ଭିତରେ ଅସନ୍ତୋଷ ବଢ଼ିଚାଲିଛି। ସାମ୍ପ୍ରତିକ ସ୍ଥିତକୁ ଦେଖି ଓ ରାଜନୈତିକ ଆବଶ୍ୟକତା ପାଇଁ ମନ୍ତ୍ରିମଣ୍ଡଳରେ ଅଦଳବଦଳ ଥୟ ବୋଲି ବାତାବରଣ ସୃଷ୍ଟି ହେଲାଣି। କେଉଁ ଜିଲ୍ଲାରୁ କିଏ ମନ୍ତ୍ରୀ ହେବେ ବା ମନ୍ତ୍ରୀ ପଦରୁ କିଏ ତଡା ଖାଇବେ ତାହାର ଅଙ୍କ କଷା ତୃତୀୟ ମହଲାରେ ଆଲୋଚନା ଚାଲିଥିବା ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ମିଳିଛି। ଦେଖାଯାଉ କେଉଁ ପାଣି କୁଆଡେ ଯାଉଛି। ପରିସ୍ଥିତିକୁ ଦେଖି ବିଜେଡି ସୁପ୍ରିମୋ ଠିକ୍ ନିଷ୍ପତ୍ତି ନେବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

### ସରକାର ଦେଇଥିବା ...

ବୋଲି କୁହାଯାଉଥିଲା। ହେଲେ ଆଜି ସର୍ବଦଳୀୟ ବୈଠକରେ ମୋଦି ସରକାର ଦେଇଥିବା ପ୍ରସ୍ତାବ ଏବେ ବି ଚାଷଙ୍କ କୋଟରେ ରହିଛି ବୋଲି କହିଛନ୍ତି। ସେ କହିଛନ୍ତି, ଭାରତ ସରକାର ସମ୍ପୂର୍ଣ୍ଣ ଖୋଲା ମସ୍ତିଷ୍କରେ ଚାଷୀଙ୍କ ପ୍ରସଙ୍ଗରେ ଆଲୋଚନା କରୁଛନ୍ତି। ଜୁନ୍ ୨୨ରେ ସରକାର ଯେଉଁ ପ୍ରସ୍ତାବ ଦେଇଥିଲେ, ଏବେ ବି ସେଥିରେ କାଏମ ରହିଛନ୍ତି। ଦୟାକରି ଆପଣଙ୍କ ସମର୍ଥକମାନଙ୍କୁ ଏହା କହି ଦିଅନ୍ତୁ। ସମାଧାନ କେବଳ କଥାବାର୍ତ୍ତା ଦ୍ୱାରା ସମ୍ଭବ। ଆମେ ସମସ୍ତେ ଦେଶ ବିଷୟରେ ଚିନ୍ତା କରିବା ଉଚିତ। କୃଷିମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାର ଚାଷୀମାନଙ୍କୁ ଯେଉଁ କଥା କହିଥିଲେ ମୁଁ ମଧ ସମାନ କଥା କହୁଛି। ସେ ମୋତେ କହିଛନ୍ତି ଯେ, ଆମେ ମାନେ କୌଣସି ନିଷ୍କର୍ସରେ ପହଞ୍ଚି ନାହୁଁ। କିନ୍ତୁ ଚାଷୀମାନଙ୍କୁ ସମାଧାନ ପାଇଁ ପ୍ରସ୍ତାବ ଦେଉ। ସେ ମାତ୍ର ଗୋଟିଏ ଫୋନ୍ କଲ ଠାରୁ ଦୂରରେ ରହିଛନ୍ତି ବୋଲି ମୋତେ କହିଛନ୍ତି। ଆମେ ଆଲୋଚନା ଦ୍ୱାରା ଚାଷୀଙ୍କ ସବୁ ସମସ୍ୟାର ସମାଧାନ କରିବାକୁ ଚାହୁଁଛୁ ବୋଲି ମୋଦି ସର୍ବଦଳୀୟ ବୈଠକରେ ଦୋହରାଇଛନ୍ତି। ସର୍ବଦଳୀୟ ବୈଠକରେ କଂଗ୍ରେସ ନେତା ଗୁଲାମ ନବୀ ଆଜାଦ, ଟିଏମ୍‌ସିର ସୁଦୀପ ବନ୍ଦୋପାଧ୍ୟାୟ, ଶିବସେନାର ବିନାୟକ ରାଉତ ଓ ଅକାଳୀ ଦଳର ବଲୱିନ୍ଦର ସିଂହ ଭୁନ୍ଦେର ବିସ୍ତୃତ ଭାବେ ଚାଷୀଙ୍କ ଆନ୍ଦୋଳନ ସମ୍ପର୍କରେ ଆଲୋଚନା କରିଥିଲେ। ସର୍ବଦଳୀୟ ବୈଠକ ସମ୍ପର୍କରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କହିଛନ୍ତି "କୃଷକଙ୍କ ସମସ୍ୟାକୁ ସରକାର ଖୋଲା ମନରେ ବିଚାର କରୁଛନ୍ତି। ଜାନୁଆରୀ ୨୨ ତାରିଖରେ ଯେଉଁ ପ୍ରସ୍ତାବ ଦିଆଯାଇଥିଲା ସରକାର ଏବେ ବି ସେହି ପ୍ରସ୍ତାବ ଉପରେ କାଏମ ଅଛନ୍ତି।" କୃଷିମନ୍ତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ପ୍ରସ୍ତାବ ଏବେ ବି ରହିଛି। ଏସମ୍ପର୍କରେ ଆଲୋଚନା ପାଇଁ ମାତ୍ର ଗୋଟିଏ ଫୋନ୍‌କଲ୍‌କୁ ଅପେକ୍ଷା ରହିଛି ବୋଲି ମୋଦୀ ସର୍ବଦଳୀୟ ବୈଠକରେ କହିଥିବା ଯୋଶୀ ସୂଚନା ଦେଇଛନ୍ତି। ଗତକାଲି ବଜେଟ୍ ଅଧିବେଶନ ଆରମ୍ଭ ପୂର୍ବରୁ ଗୃହକୁ ସମ୍ବୋଧନ କରି ପ୍ରାରମ୍ଭିକ ଭାଷଣ ରଖିଥିଲେ ରାଷ୍ଟ୍ରପତି ରାମନାଥ କୋବିନ୍ଦ। ଜାନୁଆରୀ ୨୬ ତାରିଖରେ ତ୍ରିରଙ୍ଗାକୁ ହୋଇଥିବା ଅପମାନକୁ ନିନ୍ଦା କରିବା ସହିତ କୃଷି ଆଇନ୍‌କୁ ସମର୍ଥନ କରିଥିଲେ। ଯାହାକୁ ବିରୋଧ କରି କକ୍ଷ ତ୍ୟାଗ କରିଥିଲେ ବିରୋଧୀଦଳ। ଏଥିସହିତ ବିରୋଧୀମାନେ ହୋଇଥିବା ହିଂସାକୁ ନିନ୍ଦା କରିବା ସହିତ ଏହାର ତଦନ୍ତ ମଧ ଦାବି କରିଥିଲେ। ଏହାପରେ ସର୍ବଦଳୀୟ ବୈଠକ ଡକାଇଥିଲେ ପ୍ରଧାନମନ୍ତ୍ରୀ।

### ଓଡ଼ିଶାର ପ୍ରଚୀନ ...

ଦୁଇଟି ଢ଼ାଂଚା ଆବିଷ୍କାର କରିଛି, ଯାହା ଶାରୀ ମନ୍ଦିରର ଭଗ୍ନାବଶେଷ ବୋଲି ଜଣାପଡୁଛି। ଏସଏସଆଇର ବିଶେଷଜ୍ଞମାନେ ମିଳିଥିବା ତଥ୍ୟାନୁସାରେ ମତ ଦେଇଛନ୍ତି ଯେ, ଶାରି ମନ୍ଦିର ପଂଚାୟତନ ଢାଂଚାରେ ନିର୍ମାଣ ହୋଇଛି। ଯାହା ଚାରୋଟି ଛୋଟ ଛୋଟ ମନ୍ଦିର ପରିସରଭୂକ୍ତ ରହିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ମନେହେଉଛି ଯେ ଏକାମ୍ର କ୍ଷେତ୍ରରେ ଭୂମି ତଳେ ଅନେକ ଗୁଡ଼ିଏ ଐତିହାସିକ ଢାଂଚାର ଆଶଙ୍କା କରାଯାଉଛି। ଭୁବନେଶ୍ୱର ସ୍ଥିତ ଶୁକସାରୀ ମନ୍ଦିର ଏବଂ ପ୍ରଭୁ ଲିଙ୍ଗରାଜ ମନ୍ଦିର ପୂରାତନ କୀର୍ତିରାଜି ଏବଂ ପ୍ରତ୍ନତତ୍ୱ ବିଭାଗ ଓ ଭଗ୍ନାବଶେଷ ଆଇନ (ଏମଏଏସଆର) ଅଧୀନରେ ଏଏସଆଇ ଦ୍ୱାରା ସୁରକ୍ଷିତ ରଖାଯାଇଛି। ତେଣୁ ଅମୂଲ୍ୟ ପୂରାତନ ଓଡ଼ିଶାର ପ୍ରଚୀନ କୀର୍ତିରାଜିକୁ ସୁରକ୍ଷିତ ରଖିବା ପାଇଁ ତୁରନ୍ତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଓଡ଼ିଶାର ପ୍ରାଚୀନ ମନ୍ଦିରର ସ୍ଥାପତ୍ୟ, କାରୁକାର୍ଯ୍ୟସମ୍ପନ୍ନ, ସାମାଜିକ ସଂସ୍କୃତି ଓ ଧାର୍ମିକ ମହତ୍ୱକୁ ଧ୍ୟାନରେ ରଖି ଭୁବନେଶ୍ୱର ଏକାମ୍ର କ୍ଷେତ୍ର ବିଶେଷ ଭାବରେ ପ୍ରଭୁ ଲିଙ୍ଗରାଜ ଓ ଶୁକଶାରୀ ମନ୍ଦିର ନିକଟକୁ ଏକ ଏଏସଆଇର ବିଶେଷଜ୍ଞ ଦଳକୁ ପଠାଇବାକୁ ନିର୍ଦ୍ଦେଶ ଦେବା ପାଇଁ ଶ୍ରୀ ପ୍ରଧାନ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ରାଷ୍ଟ୍ରମନ୍ତ୍ରୀ ପ୍ରହ୍ଲାଦ ସିଂହ ପଟେଲଙ୍କୁ ଅନୁରୋଧ କରିଛନ୍ତି । ଏହା ଦ୍ୱାରା ଏଠାରେ ଭୂମି ତଳେ ଥିବା ଐତିହାସିକ ଢ଼ାଂଚାର ପୁନଃଉଦ୍ଧାର ନିର୍ଦ୍ଧାରିତ ସମୟ ମଧ୍ୟରେ ହୋଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି।

### ଜୁନ୍ ସୁଦ୍ଧା ...

ବାର୍ଷିକ ୨୦୦ କୋଟି ଡୋଜ୍ ଉତ୍ପାଦନ କରାଯିବ ବୋଲି ଆଶା କରାଯାଉଛି। ଉଲ୍ଲେଖଯୋଗ୍ୟ କୋଭାଭାକ୍ସ ପୂର୍ବରୁ ଦେଶରେ ୨ଟି କୋଭିଡ୍ ଟିକା କୋଭିସିଲ୍ଡ ଓ କୋଭାକ୍ସିନ ପ୍ରସ୍ତୁତ ହେବା ପରେ ଏହାର ଟିକାକରଣ ଜାରିରହିଛି। ଗତ ଜାନୁଆରୀ ୧୬ରୁ ଦେଶରେ ଟିକାକରଣ ଆରମ୍ଭ ହୋଇଛି ଏବଂ ପ୍ରଥମ ପର୍ଯ୍ୟାୟରେ ୩ କୋଟି ସ୍ୱାସ୍ଥ୍ୟକର୍ମୀ ଓ ଆଗୁଆ ଯୋଦ୍ଧାଙ୍କୁ ଟିକା ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି। ଉଲ୍ଲେଖଯୋଗ୍ୟ ଯେ ଏହି ମହାମାରୀ ଆରମ୍ଭ ସମୟରୁ ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଟିକା ଉତ୍ପାଦନ କରି ୪୦ ନିୟୁତ ଡୋଜ୍ କୋଭିସିଲ୍ଡ ମହଜୁଦ୍ ରଖିଛି।

### 'ମୋ ସ୍କୁଲ କାର୍ଯ୍ୟକ୍ରମ' ...

'ମୋ ସ୍କୁଲ କାର୍ଯ୍ୟକ୍ରମ' ଆପଣଙ୍କର ପ୍ରିୟ ବିଦ୍ୟାଳୟ ପାଇଁ କିଛି କରିବା ପାଇଁ ସୁଯୋଗ ସୃଷ୍ଟିକରିଛି। ଉଦାର ହୃଦୟରେ ଆପଣ ଆପଣଙ୍କ ପ୍ରିୟ ବିଦ୍ୟାଳୟର ରୂପାନ୍ତର ପାଇଁ ସୁଯୋଗ ସୃଷ୍ଟି କରିପାରିବେ। ସେଥିପାଇଁ ପୁରାତନ ଛାତ୍ରଛାତ୍ରୀମାନେ ନିଜେ ପଢୁଥିବା ବିଦ୍ୟାଳୟକୁ 'ପୋଷ୍ୟ ସ୍କୁଲ' ଭାବେ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଜଣେ ଚାହିଁଲେ ସର୍ବାଧିକ ୩ ସ୍କୁଲକୁ 'ପୋଷ୍ୟ ସ୍କୁଲ' ଭାବେ ଗ୍ରହଣ କରିପାରିବେ ବୋଲି ଚଳିତ ମାସ ୨୫ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକାଶ କରିଥିଲେ। ଏହି ମର୍ମରେ ଶ୍ରୀ ପଟ୍ଟନାୟକ ରାଜ୍ୟର ଦୁଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡ଼ଙ୍ଗୀଙ୍କ ସମେତ ହାଇକୋର୍ଟର ବିଚାରପତି, ସମସ୍ତ ମନ୍ତ୍ରୀ, ସମସ୍ତ ସାଂସଦ ଓ ବିଧାୟକଙ୍କୁ ସେମାନେ ପଢିଥିବା ବିଦ୍ୟାଳୟ ବା ପସନ୍ଦର ବିଦ୍ୟାଳୟକୁ ପୋଷ୍ୟ ଭାବରେ ଗ୍ରହଣ କରିବା ପାଇଁ ଚିଠିଲେଖି ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ସ୍କୁଲରେ ହିଁ ଆମ ବ୍ୟକ୍ତିତ୍ୱର ମୂଳଦୁଆ ପଡିଥାଏ। ଶିଶୁକୁ ସ୍କୁଲ ହିଁ ସମାଜ ସହ ଯୋଡ଼ିଥାଏ। ଆମ ସାମାଜିକ ଜୀବନର ଅୟମାରମ୍ଭ ହୋଇଥାଏ ବିଦ୍ୟାଳୟରୁ। ଶିକ୍ଷା ହିଁ ସଭ୍ୟତା ଓ ସଂସ୍କାରକୁ ଆଗକୁ ନେଇଥାଏ ଏବଂ ରୂପାନ୍ତରର ଭିତ୍ତି ପକାଇଥାଏ। ଘର ପରେ ବିଦ୍ୟାଳୟ ସହିତ ଆମ ସମସ୍ତଙ୍କର ଭାବଗତ ବନ୍ଧନ ସବୁଠାରୁ ଅଧିକ। ତେଣୁ ଆମ ଶିକ୍ଷା ଭିତ୍ତିଭୂମିରେ ଉନ୍ନତି ଆଣି ସରକାରୀ ବିଦ୍ୟାଳୟଗୁଡିକରେ ଏକ ଆଦର୍ଶ ଶୈକ୍ଷିକ ପରିବେଶ ସୃଷ୍ଟିକରିବା ପାଇଁ 'ମୋ ସ୍କୁଲ କାର୍ଯ୍ୟକ୍ରମ' ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟକ୍ରମରେ ଦେଶ ବିଦେଶର ବହୁ ଓଡ଼ିଆ ସାମିଲ ହୋଇ ସେମାନେ ପଢ଼ିଥିବା ବିଦ୍ୟାଳୟର କାୟାକଳ୍ପରେ ସାମିଲ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ।

### ତେଲ ଦର ନକମିଲେ ...

ପ୍ରକଳ୍ପ ଗୁଡିକୁ କ'ଣ କରିଛନ୍ତି ବୋଲି ଚେଲ୍ଲା କୁମାର ପ୍ରଶ୍ନ କରିଛନ୍ତି। ସେହିଭଳି ଗଞ୍ଜାମ ଜିଲ୍ଲାରେ କଂଗ୍ରେସ ସମୟରେ ଏମ୍‌କେସିଜି ମେଡିକାଲ କଲେଜ ହେଲା। ଗୋପାଳପୁରରେ ଟାଟା କମ୍ପାନୀର ଇସ୍ପାତ କାରଖାନା ଯୋଜନା ଥିଲା। କିନ୍ତୁ ତାହାକୁ କରାଇ ଦେଲାନି ବିଜେଡି ସରକାର। ତତ୍କାଳୀନ ପ୍ରଧାନମନ୍ତ୍ରୀ ପି.ଭି.ନରସିଂହ ରାଓ, ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ସମୟରେ ଏହାର ଶିଳାନ୍ୟାସ ହୋଇଥିଲା। ବିଜେଡି ସରକାରର ଅପାରଗତା ଯୋଗୁଁ ଷ୍ଟିଲ ପ୍ଲାଣ୍ଟ ଅନ୍ୟ ଅଞ୍ଚଳକୁ ଚାଲିଗଲା ବୋଲି ସେ ଅଭିଯୋଗ କରିଥିଲେ। ଜିଲ୍ଲାରେ ଶିଳ୍ପନାହିଁ, ଲକ୍ଷାଧିକ ବ୍ୟକ୍ତି ଦାଦନ ଯାଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରତ୍ୟେକ ବର୍ଷ ୨କୋଟି ନିଯୁକ୍ତି ସୃଷ୍ଟିକରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପାଳନ କଲେ ନାହିଁ। କୋଡ଼ିଏ ବର୍ଷ ଶାସନ ପରେ ଏବେ ମୋ ସରକାର, ୫-ଟି ଆଦି ଯୋଜନା କାର୍ଯ୍ୟକାରୀ କରୁଛନ୍ତି ନବୀନ ବାବୁ ଏତେ ସମୟ ପର୍ଯ୍ୟନ୍ତ କାହା ଶାସନ ଚାଲିଥିଲା, ପୂର୍ବରୁ ଶାସନରେ ସ୍ୱଚ୍ଛତା ନଥିଲା କି ବୋଲି ପ୍ରଶ୍ନ କରିଛନ୍ତି ଚେଲ୍ଲା କୁମାର। ମୋଦୀ ଆଣିଥିବା ୩ କୃଷି ଆଇନକୁ ସମସ୍ତେ ବିରୋଧ କରିବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା କଂଗ୍ରେସ ଦାୟିତ୍ୱରେ ଥିବା ନେତା ରମେଶ ଜେନାଙ୍କ ନେତୃତ୍ୱକୁ ଚେଲ୍ଲା ପ୍ରଶଂସା କରିଥିଲେ। ଆସନ୍ତା ୨୦୨୪ରେ କଂଗ୍ରେସ ପୁଣି ଥରେ ଶାସନକୁ ଫେରିବ ବୋଲି କହିଥିଲେ। ସମାବେଶରେ ଜିଲ୍ଲା କଂଗ୍ରେସ ସଭାପତି ରମେଶ ଜେନା ସଭାପତିତ୍ୱ କରିଥିଲେ। ସଭା ପରିଚାଳନା କରିଥିଲେ ବାଙ୍କୀର ପୂର୍ବତନ ବିଧାୟକ ଦେବାଶୀଷ ପଟ୍ଟନାୟକ। ସମାବେଶରେକଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ନିଜ ଭାଷଣରେ ରମେଶ ଜେନାଙ୍କୁ ଗଞ୍ଜାମର ଟାଇଗର ବୋଲି ଅଭିହିତ କରିବା ସହ ତାଙ୍କ ନେତୃତ୍ୱରେ ଜିଲ୍ଲାରେ କଂଗ୍ରେସ ସୁଦୃଢ଼ ହେବ ବୋଲି କହିଥିଲେ। ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳନ ଅବସରରେ ଗାନ୍ଧୀଜୀଙ୍କ ନୀତିକୁ ଗୁରୁତ୍ୱ ଦେବାକୁ କହିଥିଲେ। ସଭା ସମାବେଶ କରିବା ପାଇଁ ଦେଶର ସମ୍ବିଧାନ ଆମକୁ ଅଧିକାର ଦେଇଛି। କିନ୍ତୁ ପ୍ରଶାସନ ଆମକୁ ରୋକିଲା। ଜିଲ୍ଲାପାଳଙ୍କୁ କଥା ହେବା ପରେ ଅନୁମତି ମିଳିଲା। କିନ୍ତୁ ରାସ୍ତାରେ ପୁଣି ରୋକାଗଲା। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ମିଶ୍ର କହିଛନ୍ତି। ରାଜ୍ୟ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ ଯେ ମହାତ୍ମା ଗାନ୍ଧୀ ୧୯୨୧ ମସିହାରେ ପ୍ରଥମେ ବ୍ରହ୍ମପୁରକୁ ଆସିଥିଲେ। ତେଣୁ ଆଜି ଏହି ଦିବସ ପାଳନ କରାଯାଉଛି। ସ୍ୱାଧୀନତାର ସାତ ଦଶନ୍ଧି ପରେ ବି ରାଜ୍ୟରେ ସୁଶାସନ ନାହିଁ, ଗାନ୍ଧୀଜୀଙ୍କ ସ୍ୱପ୍ନ ସାକାର ହୋଇନି। ରାଜ୍ୟରେ ମହିଳା,ଶିଶୁ ଅସୁରକ୍ଷିତ। ପ୍ରଗତିର ନାଁଗନ୍ଧ ନାହିଁ। ରାଜନୀତିର ବ୍ୟବସାୟୀକରଣ ହୋଇଛି। କରୋନା ସମୟରେ କୋଟି କୋଟି ଟଙ୍କାର ଦୁର୍ନୀତି ହେଲା। ମଦର ପ୍ରସାର, ପ୍ରଚାର ହେଉଛି। ଏହି ସରକାର କେବଳ ପ୍ରତିଶ୍ରୁତି ଦେବା ପରେ ପ୍ରତାରଣା କରିବା ଜାଣେ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଜୟପୁର ବିଧାୟକ ତଥା କଂଗ୍ରେସ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି, ଜଟଣୀ ବିଧାୟକ ସୁର ରାଉତରାୟ, ପୂର୍ବତନ କଂଗ୍ରେସ ସଭାପତି ୟାସିର ନୱାଜ, ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ, ଜୟଦେବ ଜେନା, ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ମୋହନା ବିଧାୟକ ଦାଶରଥି ଗମାଙ୍ଗୋ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

### ବିବାହ, ସଭାରେ ...

ସ୍ପଷ୍ଟ କରାଯାଇଛି। ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା କରି ଓ ଏସ୍‌ଓପି ଜାରି କରି ସ୍କୁଲ ଖୋଲାଯାଇପାରିବ। ସେହିପରି କଲେଜ ଓ ଉଚ୍ଚଶିକ୍ଷା ଅନୁଷ୍ଠାନ ଖୋଲିବା ନିଷ୍ପତ୍ତି ନେବେ ଉଚ୍ଚଶିକ୍ଷା ବିଭାଗ। କଲେଜ ଗୁଡିକ ଜାନୁଆରୀ ୩୧ ପର୍ଯ୍ୟନ୍ତ ବନ୍ଦ ରହିଥିବା ବେଳେ ଏହାର ଅବଧିକୁ ଆହୁରି ବଢ଼ାଯିବ କି ନାହିଁ, ସେ ନେଇ ବିଭାଗ ନିଷ୍ପତ୍ତି ନେବେ। ବିଭାଗ ଅଧିନରେ ପରିଚାଳିତ କଲେଜ ଓ ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡିକ ଏଥିସହ ଜଡିତ ବିଭିନ୍ନ ପକ୍ଷ ସହିତ ଆଲୋଚନା ମାଧ୍ୟମରେ ଖୋଲାଯାଇପାରିବ। ତେବେ ଏଥିଲାଗି ଗୃହ ବିଭାଗ ଏସ୍‌ଓପି, ୟୁଜିସି ଓ ଏଆଇସିଟିଇ ଗାଇଡଲାଇନ୍ ଅନୁସରଣ କରିବା ବାଧ୍ୟତାମୂଳକ ହେବ। ପୂର୍ବରୁ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଏସ୍‌ଓପି ଅନୁଯାୟୀ ସିନେମା ହଲ ଓ ଥିଏଟର ଚାଲୁ ରହିବ। କୋଭିଡ୍ କଟକଣାକୁ କଡାକଡି ଭାବେ ଲାଗୁ କରି ମୁକ୍ତାକାଶ ଥିଏଟର ଗୁଡିକୁ ଖୋଲିବା ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷ (ଜିଲ୍ଲା ମାଜିଷ୍ଟ୍ରେଟ୍ / ମ୍ୟୁନିସିପାଲିଟି କମିଶନର କିମ୍ବା ସେମାନଙ୍କ ଦ୍ୱାରା ଅନୁମୋଦିତ ଅଧିକାରୀ) ଅନୁମତି ଦେଇପାରିବେ। ସୁଇମିଂ ପୁଲ ଖୋଲିବା ଏବଂ ଏହାର ବ୍ୟବହାର ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ଏସ୍‌ଓପି ଅନୁଯାୟୀ ହେବ। ଅନ୍ତଃରାଜ୍ୟ ଏବଂ ଆନ୍ତରାଜ୍ୟ ଯାତାୟତ ଉପରୁ କଟକଣା ହଟାଯାଇଛି। ୬୫ ବର୍ଷରୁ ଅଧିକ, ଗର୍ଭବତୀ, ଅନ୍ୟ ଗମ୍ଭୀର ଶାରୀରିକ ସମସ୍ୟାରେ ପୀଡିତ ଥିବା ବ୍ୟକ୍ତି ଓ ୧୦ ବର୍ଷରୁ କମ୍ ଶିଶୁଙ୍କୁ ସୁରକ୍ଷିତ ରହିବାକୁ ପରାମର୍ଶ ଦିଆଯାଇଛି। ଫେବୃଆରୀ ମାସର କଟକଣା ପରେ ଆସନ୍ତା ୧ ତାରିଖ ଠାରୁ ରାଜ୍ୟର ଥିବା ସମସ୍ତ ଅଙ୍ଗନୱାଡି କେନ୍ଦ୍ର ଗୁଡିକ ଖୋଲିବ। ଏନେଇ ରାଜ୍ୟ ସରକାର ବିଜ୍ଞପ୍ତି ଜାରି କରିଛନ୍ତି। କିନ୍ତୁ କେବଳ କଣ୍ଟେନମେଣ୍ଟ ଜୋନ୍ ବାହାରେ ଥିବା ଅଙ୍ଗନୱାଡି କେନ୍ଦ୍ର ଗୁଡିକ ଖୋଲିବ।

# ରକ୍ତଦାନ ଶିବିର



**ଭବାନୀପାଟଣା :** ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ଗଣତନ୍ତ୍ର ଦିବସ ଉପଲକ୍ଷେ ଅଭିମନ୍ୟୁ ମହାନନ୍ଦ, ସମ୍ପାଦକ, ଜିଲ୍ଲା ଅଣଗେଜେଟଡ୍ କର୍ମଚାରୀ ସମନ୍ୱୟ ସମିତି, କଳାହାଣ୍ଡି ଶାଖା ଓ ଭାଗଗ୍ରାହୀ ନାୟକ, ଉପସଭାପତିଙ୍କ ଆହ୍ୱାନକ୍ରମେ ଏକ ମେଘା ରକ୍ତଦାନ ଶିବିର ସ୍ଥାନୀୟ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭବନଠାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରକୁ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଖାଦ୍ୟ ଓ ଖାଉଟି ସୁରକ୍ଷା ଏବଂ ସମବାୟ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବରେ କଳାହାଣ୍ଡି ଜିଲ୍ଲାର ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଯୋଗ ଦେଇଥିଲେ ଓ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ଶିବିରରେ ବିଚାର ବିଭାଗୀୟ କର୍ମଚାରୀ ସଂଘ, କଳାହାଣ୍ଡି, ଅମଲା ସଂଘ, କଳାହାଣ୍ଡି, ଚତୁର୍ଥଶ୍ରେଣୀ କର୍ମଚାରୀ ସଂଘ, ସିନ୍ଧି ପଞ୍ଚାୟତ, ଭବାନୀପାଟଣା, ଅବକାରୀ ବିଭାଗ, କର୍ମଚାରୀ ଓ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର କର୍ମଚାରୀ ବୃନ୍ଦ ଏବଂ ବିଭିନ୍ନ ସଂସ୍ଥା ମାନଙ୍କରୁ ଆସିଥିବା କର୍ମକର୍ତ୍ତାମାନେ ସ୍ୱଇଚ୍ଛାରେ ରକ୍ତଦାନ କରିଥିଲେ। ଉକ୍ତ ଶିବିରରେ ସମୁଦାୟ ୯୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଉକ୍ତ ଶିବିରକୁ ଜିଲ୍ଲା ଅଣଗେଜେଟଡ୍, କର୍ମଚାରୀ ସମନ୍ୱୟ ସମିତିର ସମସ୍ତ ସଭ୍ୟ ଯଥା ରୂପକେଶରୀ ଦଳେଇ, ସଭାପତି, ସୁକାନ୍ତ ମହାପାତ୍ର, ଅମଲାସଂଘ ସଭାପତି, ଉପଦେଷ୍ଟା କେଦାରନାଥ ସେଠୀ, ଅଶୋକ କୁମାର ନାଏକ, କଳାହାଣ୍ଡି ଜିଲ୍ଲା ବିଚାର ବିଭାଗୀୟ କର୍ମଚାରୀ ସଂଘର ପ୍ରସନ୍ନ କୁମାର ପଟ୍ଟନାୟକ ଓ କଳାହାଣ୍ଡି ଜିଲ୍ଲା ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ସୁକଦେବ ମାଝୀ, ବିଶ୍ୱନାଥ ମୁଣ୍ଡ, ବିଶ୍ୱନାଥ ବାଗ, ଉମ୍ବରୁଧର ବାଗ ଏବଂ ଅନ୍ୟାନ୍ୟ ସଭ୍ୟବୃନ୍ଦ ବହୁମାତ୍ରାରେ ସହଯୋଗ କରିଥିଲେ। ଉକ୍ତ ଶିବିରଟିକୁ ରକ୍ତ ସଂଗ୍ରହ କରିବା ପାଇଁ ରକ୍ତ ଭଣ୍ଡାରର କର୍ମଚାରୀବୃନ୍ଦ ଯଥା ଡଃ ଜୟନ୍ତୀବାଳା ନାଏକ, ସୁବାଷ ଚନ୍ଦ୍ର ଦାସ (ଏଲ୍.ଟି), ସରୋଜ କୁମାର ମହାନ୍ତ (ଏଲ୍.ଟି), ଉମ୍ବରୁଧର ସାହୁ (ଏଲ୍.ଟି), ସଂଘମିତ୍ରା ସୁନା (ଏଲ୍.ଟି), ଚତୁର୍ଭୁଜ ଦୁବେ (ଓ.ଏ), ଗିରିଶ ନାଗ ଏବଂ ସୁନିଲ କୁମାର ଶତପଥୀ (ଚିଫ୍ ମୋଟିଭେଟର) ମହୋଦୟ ବିଶେଷ ଭାବରେ ସହଯୋଗ କରିଥିଲେ ଓ ରକ୍ତଦାନ ଶିବିରଟିକୁ ଫଳପ୍ରଦ କରିଥିଲେ।




ରେଢ଼ାଖୋଲରେ ସାମ୍ବାଦିକ ସଂଘର ଆଲୋଚନାଚକ୍ର।

# ଆବେଓ୍ୱେଷ୍ଟ ପକ୍ଷରୁ ଓଟିଡିଏସ ପ୍ରୟାସ କୌଶଳବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ



**ବାରିପଦା :** ଓଡିଶା ଆଦିବାସୀ ଉନ୍ନୟନ ସଂସ୍ଥାର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୁହା ପୁନମ ତାପସ କୁମାର ଓ ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ କରକୋମଳରେ ବାରିପଦା ଭଞ୍ଜପୁର ଠାରେ ଆବେଓ୍ୱେଷ୍ଟ ପକ୍ଷରୁ ଓଟିଡିସି ପ୍ରୟାସ କୌଶଳବିକାଶ କାର୍ଯ୍ୟକ୍ରମ ଉଦଘାଟିତ ହୋଇ ଯାଇଛି। କରୋନା ମହାମାରୀ ସମୟରେ ସମସ୍ତ ତାଲିମ ଶିବିର ବନ୍ଦ ରହିଥିବା ବେଳେ ଦୀର୍ଘ ମାସ ପରେ ଓଡିଶା ଆଦିବାସୀ ଉନ୍ନୟନ ସଂସ୍ଥାର ସହାୟତାରେ 'ଆବେ ଓ୍ୱେଷ୍ଟ୍ ସର୍ଭିସେସ୍ ପ୍ରାଇଭେଟ ଲିମିଟେଡ୍' ତାଲିମ ଅନୁଷ୍ଠାନରେ ହାଉସ କିପିଙ୍ଗ ଆଟାଣ୍ଡନ୍ସ ଓ ଡୋମେଷ୍ଟିକ ଇଲେକ୍ଟ୍ରିକ ସୋଲୁସନ ଭଳି ଦୁଇଟି ବିଷୟରେ ଯୁବକ ଯୁବତୀଙ୍କ ପାଇଁ ତାଲିମ ଆରମ୍ଭ ହୋଇଯାଇଛି। ତେବେ ମୟୂରଭଞ୍ଜ ଜିଲ୍ଲାରେ ଥିବା ଅଣକୁଶଳି ବେକାର ଯୁବକ ଯୁବତୀ ମାନେ ଏହି ତାଲିମ କେନ୍ଦ୍ରରେ ତାଲିମ ନେଇ ରାଜ୍ୟ ଓ ରାଜ୍ୟ ବାହାରରେ ଚାକିରୀ କରିବାର ସୁବିଧା ସୁଯୋଗ ପାଇପାରିବେ ବୋଲି ଜଣାଯାଇଛି। ଏହି ଉଦଘାଟନ କାର୍ଯ୍ୟକ୍ରମରେ ଜିଲ୍ଲା ମଙ୍ଗଳ ଅଧିକାରୀ ଚିତ୍ତରଞ୍ଜନ ମହାପାତ୍ର, ବାରିପଦା ପିଏ ଆଇଟିଡିଏ ବସନ୍ତ କୁମାର ସେଠୀ, ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ପ୍ରଫେସର ପୃଥିରାଜ୍ ଦାସ, କେନ୍ଦ୍ର ପରିଚାଳକ ପ୍ରୀତବାସ ଗିରି, ପ୍ରମୁଖ ଉପସ୍ଥିତ ରହି ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଛନ୍ତି। ଏହି ଅବସର ରେ ଅତିଥି ମାନେ ପିଲା ମାନଙ୍କୁ ଡ୍ରେସ ଓ ପାଠ୍ୟସାମଗ୍ରୀ ପ୍ରଦାନ କରିଥିଲେ। ଶୁଭଲକ୍ଷ୍ମୀ ଭଞ୍ଜଦେଓ, ମାନସ ରଞ୍ଜନ ଚୌଧୂରୀ, ରାକେଶ ମହାନ୍ତି, ବିଶ୍ୱଜିତ ବେହେରା, ଦେବିକା ରାଣୀ ଦାସ, ଆଶିଷ କୁମାର ଦାସ, ତପସ୍ୱିନୀ ନାଏକ, ରାଣି ମୁର୍ମୁ, ଶକିଲା ମାରାଣ୍ଡି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ହୀରାଖଣ୍ଡର ହୀରା ବୀରସୁରେନ୍ଦ୍ର ସାଏ



ଅକ୍ଷୟ କୁମାର ରାଉତ



ଇତିହାସ ପୃଷ୍ଠାରେ ଆମ ଦେଶ ଜାତି ପାଇଁ ସଂଗ୍ରାମ କରିଥିବା ବହୁ ବୀର ପୁରୁଷଙ୍କ ବୀରତ୍ୱର ଗାରିମା ଦେଖିବାକୁ ପାଉ। ଭାରତମାତାର ବୀର ସଂଗ୍ରାମୀମାନଙ୍କ ଦେଶପ୍ରେମ, ବୀରତ୍ୱଯୋଗୁଁ ଗର୍ବିତ ଓ ଗୌରବାନ୍ୱିତ। ପୃଥ୍ୱୀରାଜ,ମିବାରର ରାଣା ପ୍ରତାପ, ମରହଟ୍ଟା ବୀର ଛତ୍ରପତି ଶିବାଜୀ,ବକ୍ସି ଜଗବନ୍ଧୁଙ୍କ ସଂଗ୍ରାମର ଯେଉଁ ଦେଶପ୍ରେମ ଧାରାରେ ପ୍ଲାବିତ, ବୀରତ୍ୱ ଯେଉଁ ଜାତିର ସ୍ୱାଭିମାନର ପ୍ରତୀକ। ସେହି ଜାତିର ପ୍ରଥମ ଜନଜାଗରଣ ସିପାହୀ ବିଦ୍ରୋହର ନାୟକ ମଙ୍ଗଳ ପାଣ୍ଡେ, ଝାନ୍ସୀରାଣୀ ଲକ୍ଷ୍ମୀବାଈ,ନାନା ସାହେବ, ତାନ୍ତିଆଟୋପେ, ଅଯୋଧ୍ୟାର ବେଗମ୍, ପୁରୀର ଚନ୍ଦନ ହଜୁରୀ ଓ ହୀରାଖଣ୍ଡ ସାମ୍ରାଜ୍ୟ (ସମ୍ବଲପୁର ରାଜ୍ୟ)ର ହୀରୋ ମହାନ୍ ସଂଗ୍ରାମୀ, ବୀର, ବିପ୍ଳବୀ, ଦେଶପ୍ରେମୀ, ଚୌହାଣ ପରମ୍ପରାର ପ୍ରତୀକ ସମଲେଶ୍ୱରୀ ଧର୍ମସିଂହଙ୍କ ପୁତ୍ର ସୁରେନ୍ଦ୍ର ସାଏଙ୍କ ସଂଗ୍ରାମ ଏହି ଜନ୍ମମାଟିକୁ ବିଦେଶୀ କବଳରୁ ମୁକ୍ତ କରିବାର ସଂକଳ୍ପକୁ ଋଦ୍ଧିମନ୍ତ କରିଛି।

ସମ୍ବଲପୁର ରାଜ୍ୟ ତଥା ଐତିହ୍ୟପୂର୍ଣ୍ଣ ଚୌହାନ୍‌ରାଜତ୍ୱ ଖ୍ରୀ:୧୫୫୨ରେ ନରସିଂହ ଦେବଙ୍କ ସାନଭାଇ ରାଜା ବଳରାମ ଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ବଳରାମ ଦେବଙ୍କ ପରେ ହ୍ରିଦେ ନାରାୟଣ ଦେବ, ବଳଭଦ୍ର ଦେବ, ମଧୁକର ସାଏ, ବଳୀୟାର ସିଂହ ଓ ଚୌହାଣ ବଂଶର ଶେଷରାଜା ମହାରାଜ ଛତ୍ର ସାଏ। ଚୌହାଣ ରାଜାମାନେ ୨୭୫ ବର୍ଷ ସମ୍ବଲପୁର ରାଜ୍ୟ ଶାସନ କରିଥିଲେ। ମଧୁକର ସାଏଙ୍କ ଛଅରାଣୀ ଏବଂ ପାଂଚ ପୁତ୍ର ଥିଲେ। ପ୍ରଥମ ପୁତ୍ର ବଳୀୟାର ସିଂହ ଅନ୍ୟମାନେ ହେଲେ ଅନିରୁଦ୍ଧ ସାଏ, ମଦନ ଗୋପାଳ, ବଂଶୀ ଗୋପାଳ ଓ ଅନନ୍ତ ସାଏ (କୃଷ୍ଣସିଂହ)। ମଧୁକର ସାଏ ବାନପ୍ରସ୍ଥ ଯିବାରୁ ଜ୍ୟେଷ୍ଠପୁତ୍ର ବଳୀୟାର ସିଂହ ସିଂହାସନ ଆରୋହଣ କଲେ। ରାଜା ବଳୀୟାର ସିଂହ ଅଠରଗଡ କରାୟତ କରି ହୀରାଖଣ୍ଡର ଛତ୍ରପତି ଉପାଧିରେ ଭୂଷିତ ହେଲେ।

ଅନିରୁଦ୍ଧ ସାଏ ସମ୍ବଲପୁର ରାଜା ମଧୁକର ସାଏଙ୍କ ଠାରୁ ଖିଣ୍ଡା ଓ ରାଜପୁର ଅଂଚଳ ପାଇଥିଲେ ମଧ ସମ୍ବଲପୁରରେ ରହୁଥିଲେ। ଅନିରୁଦ୍ଧ ସାଏଙ୍କ ପାଂଚ ପୁତ୍ର ଥିଲେ। ସେମୋନେ ହେଲେ ରାମସିଂ, ଜଗନ୍ନାଥ ସିଂହ, ମଧୁସିଂହ, ଯଦୁସିଂହ ଓ ଅରୂପ ସିଂହ। ଅନିରୁଦ୍ଧ ସାଏଙ୍କ ତୃତୀୟ ପୁତ୍ର ମଧୁ(ମାଧବ) ସିଂହ ଖିଣ୍ଡା ଓ ରାଜପୁର ପ୍ରଗଣା ଦାୟିତ୍ୱ ବୁଝାସୁଝା କରୁଥିଲେ ମଧ ଅନିରୁଦ୍ଧଙ୍କ ବଂଶଧରମାନେ ସମ୍ବଲପୁର ପ୍ରାସାଦରେ ବସବାସ କରୁଥିଲେ। ମଧୁସିଂହଙ୍କର ତିନିପୁଅ, ସେମାନେ ହେଲେ ବାଲା ସିଂହ, ନରହରି ସିଂହ ଓ ଦିବ୍ୟସିଂହ। ଦିବ୍ୟସିଂହ (ଦ୍ରିପ୍ ସିଂହ)ଙ୍କର ତିନୋଟି ପୁତ୍ର ଥିଲେ। ସେମାନେ ହେଲେ ତେଜସିଂହ, କଲ୍ୟାଣ ସିଂହ ଓ ଗୁମାନ ସିଂହ, ତେଜସିଂହଙ୍କ ସମୟରେ ତାଙ୍କ ପରିବାର ଖିଣ୍ଡାକୁ ସ୍ଥାନାନ୍ତରିତ ହୋଇଥିଲେ। ତେଜସିଂହଙ୍କ ପାଂଚ ପୁଅଥିଲେ, ସେମାନେ ହେଲେ ଜରାବର, ମନୋହର, ବଳରାମ, ଅମରସିଂହ ଓ ଧର୍ମସିଂହ। ମନୋହର ସିଂହ ପ୍ରେମଜନିତ ଘଟଣାରୁ ନିହତ ହେଲେ। ଜରାବର, ବଳରାମ ଓ ଅମରସିଂହଙ୍କର ସନ୍ତାନସନ୍ତତି ନଥିବାରୁ ଧର୍ମସିଂହଙ୍କ ପ୍ରତି ଖିଣ୍ଡା ପରିବାରର ସ୍ନେହ ଓ ସଦିଚ୍ଛା ରହିଥିଲେ। ଅନିରୁଦ୍ଧ ସାଏଙ୍କ ଦ୍ୱିତୀୟ ପୁତ୍ର ଜଗନ୍ନାଥ ସିଂହଙ୍କ ଦୁଇପୁଅ ହେଲେ କୀର୍ତି ଓ ପୃଥ୍ୱୀ। ପୃଥ୍ୱୀଙ୍କ ତିନୋଟି ପୁଅଥିଲେ। ସେମାନେ ହେଲେ ରାଜ ସିଂହ, ସୁବଳ ସିଂହ ଓ ଅଜିତ ସିଂହ। ଅଜିତ୍ ସିଂହଙ୍କ ରାଜତ୍ୱ ସମୟରେ ଖିଣ୍ଡା ବଂଶୀୟମାନେ ଥିଲେ ବିଶେଷ ପ୍ରଭାବଶାଳୀ।

ଧର୍ମସିଂହ ୧୮୦୦ ଖ୍ରୀ:ରେ ଦରଗାଁ ଜମିଦାରଙ୍କ କନ୍ୟା ରେବତୀ ଦେବୀଙ୍କୁ ବିବାହ କରିଥିଲେ। ଧର୍ମସିଂହଙ୍କ ଔରସରୁ ଓ ରେବତୀ ଦେବୀଙ୍କ ଗର୍ଭରୁ ୧୮୦୯ ଖ୍ରୀଷ୍ଟାବ୍ଦ ଜାନୁଆରି ୨୩ ତାରିଖ ଦିନ ବୀର ସୁରେନ୍ଦ୍ର ସାଏ ଜନ୍ମଗ୍ରହଣ କରିଥିଲେ। ସୁରେନ୍ଦ୍ର ସାଏଙ୍କ ଛଅଗୋଟି ଭାଇ ଓ ଗୋଟିଏ ଭଉଣୀ ଥିଲେ। ସେମାନେହେଲେ ଉଦନ୍ତ ସାଏ, ଧ୍ରୁବସାଏ, ଉଜ୍ଜ୍ୱଳ ସାଏ, ଛବିଳ ସାଏ, ଜାଜ୍ୱଳ ସାଏ, ମେଦିନୀ ସାଏ,ଭଉଣୀ ଅଞ୍ଜନା।

ଅଜିତ୍ ସିଂହଙ୍କ ରାଜତ୍ୱ ସମୟରେ ପ୍ରଭାବଶାଳୀ ଦେୱାନ୍ ଆକବର ରାୟ ରାଜସୂପକାରଙ୍କୁ ହାତକରି ଖାଦ୍ୟରେ ବିଷ ଦେଇ ରାଜା ଅଜିତ୍ ସିଂହ ଓ ରାଜପୁତ୍ର ପ୍ରଦ୍ୟୁମ୍ନ ସିଂହଙ୍କୁ ହତ୍ୟା କରିଥିଲେ। ଅଜିତସିଂହଙ୍କ ରାଣୀ 'ରାମ ଖୁଆସିନା'ଙ୍କୁ ହତ୍ୟା କରାଗଲା। ଖିଣ୍ଡା ବଂଶୀୟମାନେ ଆକବର ରାୟଙ୍କ ବିପକ୍ଷରେ ଅସ୍ୱଧାରଣ କରି ଥିଲେ। ସମ୍ବଲପୁର ରାଜଦରବାରର ଶେଷ ଚୌହାଣ ରାଜା ସାଏଙ୍କ ୧୮୨୭ ସ୍ୱର୍ଗାରୋହଣ ପରେ ରାଣୀ ମୋହନ କୁମାରୀ ଗାଦୀସୀନ ହେଲେ। ଖିଣ୍ଡା ପରିବାରର ପ୍ରଭାବଶାଳୀ, ସ୍ୱାଧୀନଚେତା ଓ ବିଚକ୍ଷଣ ବ୍ୟକ୍ତିତ୍ୱ ବଳରାମ ସାଏ ଦେବାନ ପଦରେ ନିଯୁକ୍ତ ହେଲେ। ଇଂରେଜମାନେ କୌଶଳକ୍ରମେ ବଳରାମ ସାଏଙ୍କୁ ଦେବାନ ପଦବୀରୁ ହଟାଇ ରାଜ୍ୟ ଶାସନ କଲେ। ୧୯୨୭ ରୁ ୧୮୩୩ ପର୍ଯ୍ୟନ୍ତ ରାଣୀମୋହନ କୁମାରୀଙ୍କ ନାମରେ ଶାସନ କାର୍ଯ୍ୟ ପରିଚାଳନା କଲେ। ଏହି ସମୟରେ ପିତୃବ୍ୟ ବଳରାମ ସାଏ ନିଜ ପୁତୁରା ସୁରେନ୍ଦ୍ର ସାଏଙ୍କ ପାଇଁ ଏକ ଭିତିଭୂମି ପ୍ରତିଷ୍ଠା କଲେ। ଇଂରେଜମାନଙ୍କ ବିରୁଦ୍ଧରେ ପ୍ରଥମେ ଲଖନପୁରର ଜମିଦାର ବଳଭଦ୍ର ସିଂହଦାଓ ଆନ୍ଦୋଳନ ଆରମ୍ଭ କରିଦେଲେ ଓ ଏହାର ନେତୃତ୍ୱ ନେବାପାଇଁ ସୁରେନ୍ଦ୍ରସାଏଙ୍କୁ ପ୍ରବର୍ତାଇଥିଲେ।

ସୁରେନ୍ଦ୍ରସାଏ ତତ୍କାଳୀନ ଛୋଟାନାଗପୁର ଅଧୀନରେ ଥିବା ହାତୀବାରି ଜମିଦାରଙ୍କ କନ୍ୟା ସୁବର୍ଣ୍ଣ କୁମାରୀଙ୍କୁ ବିବାହ କରିଥିଲେ। ୧୮୩୯ ଖ୍ରୀ:ରେ ସୁରେନ୍ଦ୍ର ସାଏଙ୍କର ଏକ ପୁତ୍ର ଜନ୍ମ ହୋଇଥିଲା ତାର ନାମ ମିତ୍ରଭାନୁ ସାଏ, ପରେ ଏକ କନ୍ୟା ଜନ୍ମହୋଇଥିଲା ଏବଂ ତାଙ୍କ ଭଉଣୀଙ୍କ ପରି ଅବିବାହିତ ଥିଲା। ସୁରେନ୍ଦ୍ରସାଏଙ୍କ ସହଧର୍ମିଣୀ ସୁବର୍ଣ୍ଣ କୁମାରୀ ଜଣେ ଧର୍ମ ପରାୟଣ, ଆଦର୍ଶ, ଦୟାଳୁ ଓ ସ୍ନେହମୟୀ କ୍ଷତ୍ରିୟ ଗୃହିଣୀ ଥିଲେ। ସେ ସୁରେନ୍ଦ୍ରଙ୍କୁ ସାହାସୀ, ଧର୍ଯ୍ୟବାନ, ନିର୍ଭୀକ, ସଂଗ୍ରାମୀ ଓ ସ୍ୱାଧିନଚେତା ହେବା ପାଇଁ ପ୍ରେରଣା ଦେଉଥିଲେ।

ଇଂରେଜମାନେ ରାଣୀ ମୋହନ କୁମାରୀକୁ ପେନ୍‌ସନ୍ ଦେଇ ପ୍ରଥମେ କଟକ ଓ ପରେ ଖୋର୍ଦ୍ଧାକୁ ପଠାଇଥିଲେ। ଏହାପରେ ନାରାୟଣ ସିଂହ ନାମକ ଜଣେ ବିବାଦୀୟ ବ୍ୟକ୍ତିଙ୍କୁ ସମ୍ବଲପୁର ରାଜଗାଦିରେ ବସାଇ ଶାସନ କାର୍ଯ୍ୟ ଚଳାଇଲେ, ଫଳରେ ବିପ୍ଳବର ବହ୍ନି ତେଜିଉଠିଲା। ଖିଣ୍ଡାବଂଶୀୟ ବଳରାମ ସାଏଙ୍କ ପରାମର୍ଶରେ ଓ ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ରାଜ୍ୟରେ ଆନ୍ଦୋଳନ ଆରମ୍ଭ ହେଲା। । ବାରପାହାଡର ଡେବୀରଗଡ ଦୁର୍ଗ, ବାରବଖରା, ମଉଲା-ଭଣଞ୍ଜା, ଝରଘାଟୀ, ମୁଣ୍ଡେଇଘାଟୀ, ପପଙ୍ଗା ପାହାଡ, ସିଂଘୋଡା ଘାଟି ଇତ୍ୟାଦି ବିଭିନ୍ନ ସ୍ଥାନର ଜମିଦାର, ଗୌନ୍ତିଆମାନେ ଓ ବିଦ୍ରୋହୀ ନେତାମାନଙ୍କ ନେତୃତ୍ୱରେ ଆଦିବାସୀ ସୈନ୍ୟମାନେ ପାରମ୍ପରିକ ଆସ୍ତ୍ରଶସ୍ତ୍ର ଧରି ସୁରେନ୍ଦ୍ରଙ୍କ ସପକ୍ଷରେ ରହିଲେ। ୧୮୩୭ରେ ବାରପାହାଡ ଗିରିଗୁମ୍ଫାରେ ବିଶ୍ରାମରତ ଥିବାବେଳେ, ଇଂରେଜସୈନ୍ୟ, ନାରାୟଣ ସିଂହଙ୍କ ସୈନ୍ୟ ଓ ରାମପୁର ଜମିଦାର ସୁରେନ୍ଦ୍ରଙ୍କ ଉପରେ ଆକ୍ରମଣ କଲେ। ଏହି ଯୁଦ୍ଧ ପାଇଁ ସୁରେନ୍ଦ୍ର ପ୍ରସ୍ତୁତ ନଥିଲେ। ବଳଭଦ୍ର ସିଂହଦାଓ ନିହତହେଲେ ଓ ସୁରେନ୍ଦ୍ର ଆହତ ଅବସ୍ଥାରେ ପଳାୟନ କଲେ। ବୀର ସୁରେନ୍ଦ୍ରସାଏ ୧୮୪୦ରେ ରାମପୁର ରାଜବାଟୀ ଆକ୍ରମଣ କରି ଜମିଦାର ଓ ତାଙ୍କ ପୁତ୍ରଙ୍କୁ ହତ୍ୟା କରି ରାଜବାଟି ସମ୍ପୂର୍ଣ୍ଣ ଧ୍ୱଂସ କରିଥିଲେ। ଏହାପରେ ସୁରେନ୍ଦ୍ରଙ୍କର ସାହସ ଓ ଶକ୍ତି ବୃଦ୍ଧି ପାଇଥିଲା। ରାମପୁରଗଡ଼ ବିଜୟକରି ସୁରେନ୍ଦ୍ରସାଏ ବିପ୍ଳବୀ ସୈନ୍ୟ, ବଳରାମସାଏ ଓ ଭାଇ ଉଦନ୍ତ ସାଏଙ୍କୁ ଧରି ସମ୍ବଲପୁର ସହର ନିକଟ ଦେଇ ଯିବାସମୟରେ ମେଜର ଓସ୍‌ଲେ ସୁଦକ୍ଷ ଇଂରେଜ ସୈନ୍ୟବାହିନୀ ସହିତ ଦେହେରୀ ପାଲି ନିକଟସ୍ଥ ବୁଢ଼ାରଜା ପାହାଡ ନିକଟରେ ସୁରେନ୍ଦ୍ରଙ୍କୁ ଆକ୍ରମଣକଲେ। ଏହି ଯୁଦ୍ଧରେ ମେଜର ଓସ୍‌ଲେ ସୁରେନ୍ଦ୍ର ସାଏ, ପିତୃବ୍ୟ ବଳରାମ ସାଏ ଓ ଭାଇ ଉଦନ୍ତ ସାଏଙ୍କୁ ବନ୍ଦୀକଲେ। ଦଣ୍ଡ ସ୍ୱରୂପ ଆଜୀବନ ବନ୍ଦୀ ଭାବରେ ହଜାରିବାଗ ଜେଲରେ ରହିଲେ।

୧୯୪୯ ଖ୍ରୀଷ୍ଟାବ୍ଦ ସେପ୍ଟେମ୍ବର ୧୦ ତାରିଖରେ ରାଜା ନାରଣସିଂହଙ୍କ ମୃତ୍ୟୁହେଲା। ରାଣୀ 'ମୁଖ୍ୟପାନଦେବୀ' ଖୁବ୍ ଅଳ୍ପ ସମୟ ଶାସନକରିଥିଲେ। ରାଜ୍ୟସ୍ୱତ୍ୱ ଲୋପନୀତି ଅନୁସାରେ ସମ୍ବଲପୁର ରାଜ୍ୟ ଶାସନ ଇଂରେଜମାନଙ୍କ ହାତକୁ ଚାଲିଯାଇଥିଲା। ରାଜକନ୍ୟା ଆଶାକୁମାରୀଙ୍କୁ କଳାହାଣ୍ଡି ରାଜପୁତ୍ର ସହ ବିବାହ ଇଂରେଜ କର୍ତୃପକ୍ଷ କରାଇଥିଲେ। ୧୮୫୭ ମସିହାରେ ସିପାହୀ ବିଦ୍ରୋହର ବହ୍ନି ପ୍ରଜ୍ୱଳିତ ହେଲା। ୧୮୫୭ ଜୁଲାଇ ୩୦ ଦିନ ବିଦ୍ରୋହୀ ମାନେ ହଜାରିବାଗ ଜେଲଭାଙ୍ଗି ଦେଲେ। ୧୮୫୭ ମସିହା ଜୁଲାଇ ୩୧ ତାରିଖରେ ସୁରେନ୍ଦ୍ରସାଏ ଓ ତାର ଭାଇ ଉଦନ୍ତ ସାଏ ଜେଲ୍‌ରୁ ମୁକ୍ତ ହେଲେ, କିନ୍ତୁ ପିତୃବ୍ୟଙ୍କର ମୃତ୍ୟୁ ହୋଇସାରିଥିଲା।


ସୁରେନ୍ଦ୍ର ସାଏ ନିଜ ଜନ୍ମଭୂମିରେ ପହଂଚିବାପରେ ସେମାନଙ୍କୁ ହଜାର ହଜାର ଲୋକ ସମର୍ଥନ ଜଣାଇଥିଲେ। ସୁରେନ୍ଦ୍ର ଇଂରେଜମାନଙ୍କୁ ମୁକାବିଲା କରିବା ପାଇଁ ଗରିଲା ରଣନୀତି ଆପଣାଇଥିଲେ। ଘଂଚବନାନୀ, ଗିରିଶୃଙ୍ଗକୁ ବିପ୍ଳବିମାନେ ଆଶ୍ରୟସ୍ଥଳୀ ଭାବେ ବାଛି ନେଇଥିଲେ। ସୁରେନ୍ଦ୍ର ସାଏଙ୍କୁ ଶତଚେଷ୍ଟା ସତ୍ୱେ ଇଂରେଜମାନେ ଧରିପାରିନଥିଲେ। ସୁରେନ୍ଦ୍ର ସାଏ, ଗୋବିନ୍ଦ ସିଂହ ଓ କୁଞ୍ଜଳ ସିଂହଙ୍କୁ ଧରାଇଦେଲେ ଯଥାକ୍ରମେ ଏକ ହଜାର ଟଙ୍କା, ୫ଶହ ଟଙ୍କା ଓ ୨୫୦ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ମାତ୍ର କିଛି ଫଳ ହେଲାନାହିଁ। ଚକ୍ରାନ୍ତକାରୀଙ୍କ ଚକ୍ରାନ୍ତ, ଛଳନା ଓ ଚରମ ବିଶ୍ୱାସଘାତକତାର ଶିକାରହେଲେ ବୀରସୁରେନ୍ଦ୍ର ସାଏ। ଇଂରେଜ ଶାସକ ଇମ୍ପେଙ୍କ ଉଦାରନୀତି ଯୋଗୁଁ ବିଦ୍ରୋହୀମାନଙ୍କୁ ଆତ୍ମ ସମର୍ପଣ କରିବାର ସୁଯୋଗ ମିଳିଥିଲା। ୧୮୬୨ ମସିହା ମଇ ୧୬ ତାରିଖରେ ସୁରେନ୍ଦ୍ରସାଏ ତାଙ୍କର ଘନିଷ୍ଠ ସହକର୍ମୀ ଗଜରାଜ ସିଂ ଓ ଖଗେଶ୍ୱର ସିଂହଦାଓଙ୍କ ସହିତ ମେଜର ଇମ୍ପେଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ। ଇଂଲଣ୍ଡ ରାଣୀଙ୍କ ପକ୍ଷରୁ ଲଣ୍ଡନର ଇଣ୍ଡିଆ ଅଫିସ୍‌ରୁ ତା୧୭.୦୨.୧୮୬୩ ପତ୍ରାଙ୍କ ୧୧ ଅନୁସାରେ ସୁରେନ୍ଦ୍ର ସାଏଙ୍କୁ କ୍ଷମାପ୍ରଦାନ କରି ବଡଲାଟ ମଞ୍ଜୁର କରିଥିବା ବୃତିକୁ ଶେଷ ମଞ୍ଜୁରୀ ଦେଇଥିଲେ। ୧୮୬୪ରେ ଜେ.ଏସ୍ କେମ୍ପବେଲ୍ ସୁରେନ୍ଦ୍ର ଓ ସାଥୀମାନଙ୍କୁ ସମ୍ପୂର୍ଣ୍ଣ ମୁକ୍ତକରିବାକୁ ରାୟପ୍ରକାଶ କରିଥିଲେ।

୧୮୧୮ ଆଇନର ଅଧିନନିୟମ ୩ ଅନ୍ତର୍ଗତ 'ଭାରତ ରକ୍ଷା ଆଇନ' ବଳରେ ମଧ୍ୟପ୍ରଦେଶ ଚିଫ୍ କମିଶନର ସାର୍ ରିଚାର୍ଡ ଟେମ୍ପଲ୍ ସୁରେନ୍ଦ ସାଏ ଓ ଅନ୍ୟ ୬ ଜଣ ବିଦ୍ରୋହୀଙ୍କୁ ଅଟକ ରଖିବାକୁ ନିର୍ଦ୍ଦେଶ ଦେଲେ। ନିର୍ଦ୍ଦୋଷମାନଙ୍କୁ ଦଣ୍ଡଦେଇ ଇଂରେଜ କର୍ତୁପକ୍ଷ ଦୟାନିଧି ମେହେର ଓ ମୋହନ ସିଂହଙ୍କୁ ସୁରେନ୍ଦ୍ର ସାଏଙ୍କ ବିରୋଧରେ ଭଲ କାର୍ଯ୍ୟ କରିଥିବାରୁ ପୁରସ୍କୃତ କରିଥିଲେ। ୧୮୬୫ରେ ସୁରେନ୍ଦ୍ର ସାଏଙ୍କୁ ଅସୁରଗଡ ଗିରିଦୁର୍ଗରେ ବନ୍ଦୀ କରାଯାଇଥିଲା । ୧୮୮୪ ଫେବୃଆରି ୨୪ ତାରିଖରେ ଅସୁରଗଡ଼ ଦୁର୍ଗରେ ହିଁ ଏହି ମହାନ ବୀରଙ୍କ ଜୀବନ ଦୀପ ଲିଭିଯାଇଥିଲା । ଏହି ମହାନ୍ ବୀର ପୁରୁଷ ଓ ତାଙ୍କର ସହଯୋଗୀମାନେ ସମ୍ବଲପୁର ସମେତ ସାରା ଦେଶରେ ଯୁଗ ଯୁଗ ଧରି ଅମର ରହିବେ।



*ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର*
*ମୋ : ୯୯୩୭୬୯୧୪୭୫*

# ଅବହେଳିତ ଭିନ୍ନ ଏକ ସଂପ୍ରଦାୟ 'ଯୋଗୀ'



**ଭଦ୍ରକ,(ବିକାଶ କୁମାର ଧଳ):** ଯୁଗର ସୃଷ୍ଟିରୁ ସଂପ୍ରଦାୟ ର ସୃଷ୍ଟି । ସଂପ୍ରଦାୟର ସୃଷ୍ଟି ରୁ ବୃତ୍ତିର ସୃଷ୍ଟି । ସେହି ବୃତ୍ତି କୁ ପାଥେୟ କରି ମନୁଷ୍ୟ ତାର ଜୀବନର ଚଲାପଥରେ ଅଗ୍ରସର ହୋଇଥାଏ କିନ୍ତୁ ଆଧୁନିକ ଯୁଗରେ ଆଧୁନିକ ପରମ୍ପରା କୁ ଆପଣେଇବା ଇଛାରେ ଓ ନିଜର ଜୀବନ ଶୈଳୀର ପରିବର୍ତ୍ତନ ମଧ୍ୟରେ ମନୁଷ୍ୟ କ୍ରମଶଃ ଭୁଲିବାକୁ ବାଧ ହେଉଛି ନିଜର କୌଳିକ ବୃତ୍ତିକୁ କାରଣ ପରିବର୍ତ୍ତନ ଶୀଳ ଦୁନିଆରେ ସେବି ଚାହେଁ ତାର ବଞ୍ଚିବା ଶୈଳୀର ପରିବର୍ତ୍ତନ । ଏହି ପରିବର୍ତ୍ତନର ଆଶାରେ ହଜିବାକୁ ବସିଲାଣି ଭିନ୍ନ ଏକ ପରମ୍ପରା ଯୋଗୀ । ଆଉ ଶୁଭୁନି ଗାଁ ଦାଣ୍ଡରେ ଟୀକା ଗୋବିନ୍ଦ ଚନ୍ଦ୍ରର ଗୀତ "ଭଜୁ କୀନା ରାମ ନାମରେ କୁମର,ଭଜୁ କୀନା ରାମ...ଭଜି ନ ପାରିଲେ କୂଳ ଚନ୍ଦ୍ରମାରେ ବାନ୍ଧି ନେବ କାଳ ଯମରେ କୁମର, ବାନ୍ଧି ନେବ କାଳ ଯମ" ଏକତାରା ଓ କେନ୍ଦେରା ଦ୍ୱାରା ଯୋଗୀ ମାଧମରେ!। ନାଥ ସଂପ୍ରଦାୟର କୌଳିକ ବୃତ୍ତି ଯୋଗୀ ବୃତ୍ତି । ଏହି ବୃତ୍ତି କୁ ପାଥେୟ କରି ସେ ତା ଜିବୀକା ନିର୍ବାହ କରୁଥିଲା । ଦିନ ଥିଲା ଟୀକା ଗୋବିନ୍ଦ ଚନ୍ଦ୍ରର "ଭଜୁ କୀନା ରାମ ନାମରେ କୁମର,ଭଜୁ କୀନା ରାମ...ଭଜି ନ ପାରିଲେ କୂଳ ଚନ୍ଦ୍ରମାରେ ବାନ୍ଧି ନେବ କାଳ ଯମରେ କୁମର, ବାନ୍ଧି ନେବ କାଳ ଯମ" ଗୀତ କୁ ଗାଇ ଗାଇ ଗାଁ ଦାଣ୍ଡରେ ଚାଲି ଯାଉଥିବା ଯୋଗୀ ର କରୁଣ ସଂଗୀତ ର ଡ଼ାକକୁ ଶୁଣି ସବୁ କାମ ଛାଡ଼ି ଥାଳରେ ଭିକ୍ଷା ଧରି ବଢାଇ ଦିଅନ୍ତି ଯୋଗୀର ତୁମ୍ବି ରେ ଦାନ ତ ଆଉ କେହି କେହି ଦିଅନ୍ତି ପଇସା । କିନ୍ତୁ ସମୟ ଚକ୍ରରେ ଯୋଗୀ ଆଉ ପସନ୍ଦ କରୁ ନାହାଁନ୍ତି ଭିକ୍ଷା ବୃତ୍ତି କୁ ତତ୍ ସହିତ ଏକତାରା ଓ କେନ୍ଦେରା ନିର୍ମାଣ ମଧ୍ୟ ହେଉନାହିଁ । ଅନ୍ୟ ରାଜ୍ୟ ପରି ଏହି ଦୁଇ ବାଦ୍ୟ ଜନ୍ତ୍ରର ମହତ୍ୱ କୁ ଆମ ରାଜ୍ୟର ସରକାର ବା ବେସରକାରୀ ସଂସ୍ଥା କୌଣସି ମୂଲ୍ୟ ନ ଦେବା ହେତୁ ଏହା କ୍ରମଶଃ ବିଲୁପ୍ତ ହେବାକୁ ବସିଲାଣି ଓ ଏହା ମଧ୍ୟରେ ଭିନ୍ନ ଏକ ସଂପ୍ରଦାୟ ଯୋଗୀ ମଧ୍ୟ ଭୁଲିବାକୁ ବସିଲାଣି ନିଜ କୌଳିକ ବୃତ୍ତିକୁ । ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଥାନା ଅନ୍ତର୍ଗତ ବଡ଼ମହିଷଗୋଠ ପଞ୍ଚାୟତର କିଛି ନାଥ ସଂପ୍ରଦାୟର ପରିବାରକୁ ଯୋଗାଯୋଗ କରିବାରୁ ଜଣାଯାଏ ଯେ :ଏହି ପଞ୍ଚାୟତରେ ପାଖାପାଖି ୬୦ ପରିବାର ଏହି ସଂପ୍ରଦାୟର ତନ୍ମମଧ୍ୟରୁ ୪୦ ପରିବାର ଆଜିବି ନିଜ କୌଳିକ ବୃତ୍ତିକୁ ପାଥେୟ କରି ଜିବୀକା ନିର୍ବାହ କରୁଛନ୍ତି । ଗୟାଧର ନାଥ (୬୭)ଙ୍କ କହିବା ଅନୁଯାୟୀ ତାଙ୍କ ପରିବାରର ଅନ୍ୟ ସଦସ୍ୟ ମାନେ ନିଜ କୌଳିକ ବୃତ୍ତିରୁ ନିବୃତ୍ତ ରହି ଅନ୍ୟପନ୍ଥା ଅବଲମ୍ବନ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ଗୟାଧର କିନ୍ତୁ ଆଜିବି ସେହି ବୃତ୍ତି ମାଧ୍ୟମରେ ନିଜ ଚାହିଦା ପରିପୁରଣ କରୁଛନ୍ତି । ସେହିପରି ନାରାୟଣ ନାଥ (୬୫)ଙ୍କ କହିବା ଅନୁଯାଇ ସେ ୯ବର୍ଷ ଠାରୁ ଆଜି ପର୍ୟ୍ୟନ୍ତ ବର୍ଷକ ବାର ମାସ ଭିକ୍ଷା ବୃତ୍ତି କରି ନିଜ ପରିବାର ପ୍ରତିପୋଷଣ କରି ଆସୁଛନ୍ତି ଏଥି ପାଇଁ ସେ ନିଜ ଗ୍ରାମଛାଡ଼ି ବହୁ ସମୟରେ ସୁଦୁର ସୁକିନ୍ଦା, ଅନୁଗୁଳ, ତାଳଚେର, ଜଟଣୀ,ଖୋର୍ଦ୍ଧା,ନୟାଗଡ଼ ଓ ଢ଼େଙ୍କାନାଳ ଆଦି ସହର ର ବିଭିନ୍ନ ଗ୍ରାମକୁ ଯାଇ ଭିକ୍ଷା ବୃତ୍ତି କରି ସେଥିରୁ ଯାହା ରୋଜଗାର କରନ୍ତି ସେଥି ରେ ତାଙ୍କ ସ୍ତ୍ରୀ,ଦୁଇ ପୁଅ ଓ ଏକମାତ୍ର ଝିଅ କୁ ନେଇ ପରିବାର ପ୍ରତିପୋଷଣ କରିଥାନ୍ତି । ଏହି ବୃତ୍ତିରୁ କରୁଥିବା ଆୟ ମାଧ୍ୟମରେ ଆଧୁନିକ ସମାଜରେ ପରିବାର ପ୍ରତି ପୋଷଣ କରିବାରେ ବହୁ କଷ୍ଟ ଅନୁଭବ କରୁଥିବାର ସେ କହନ୍ତି । ଟୀକା ଗୋବିନ୍ଦଚନ୍ଦ୍ର ଠାରୁ ଆରମ୍ଭ କରି ରାମଲିଳା,କୌଶଲ୍ୟା ଶୋକ,ମଥୁରା ଗମନ ଏବଂ କୃଷ୍ଣ ଜନ୍ମ ଆଦି ଗୀତ ତାଙ୍କର ମୁଖସ୍ତ । ବେଳେ ବେଳେ କାହାଘରେ ଯୋଗୀ ଯାଞ୍ଚଣା ଥିଲେ ପିଲାଙ୍କୁ ଯୋଗୀ ବେଶ କରାଇ ବେସ୍ କିଛି ଅଧିକ ରୋଜଗାର କରିଥାନ୍ତି ସେ । ତାଙ୍କ ସ୍ୱପ୍ନ ତାଙ୍କ ପିଲା ମାନେ ଅଧୁନିକ ସଭ୍ୟତାରେ ପ୍ରତିଷ୍ଠିତ ହେବା । ସେଥିପାଇଁ ସେ ସରକାରୀ ପ୍ରୋତ୍ସାହନ କୁ ଅନେଇ ବସିଥିଲେ ମଧ୍ୟ ଅଦ୍ୟାବଧି ତାଙ୍କୁ କୌଣସି ସୁଫଳ ମିଳିପାରି ନାହିଁ । ସେହିପରି ଲକ୍ଷ୍ମୀଧର ନାଥ(୫୫),ଜଗବଂଧୁ ନାଥ(୪୫) ଓ ମଧୁସୁଦନ ନାଥଙ୍କ କହିବା ଅନୁଯାୟୀ ଏହି ବୃତ୍ତିରୁ କରୁଥିବା ଆୟ ମାଧ୍ୟମରେ ଆଧୁନିକ ସମାଜରେ ପରିବାର ପ୍ରତି ପୋଷଣ କରିବାରେ ସେମାନେ ବହୁ କଷ୍ଟ ଅନୁଭବ କରୁଛନ୍ତି । କାଳିଆ ନାଥଙ୍କ କହିବା ଅନୁଯାୟୀ ସେ ନିଜ କୌଳିକ ବୃତ୍ତିରୁ ନିଜକୁ ନିବୃତ୍ତ ରଖି ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ବ୍ୟବସାୟ କରି ନିଜ ପରିବାର ପ୍ରତିପୋଷଣ କରୁଥିଲେ ମଧ୍ୟ ସେଥିରୁ କରୁଥିବା ରୋଜଗାରରେ ଆଧୁନିକ ସମାଜରେ ନିଜକୁ ପ୍ରତିଷ୍ଠିତ କରିବାରେ ବହୁକଷ୍ଟ ଅନୁଭବ କରୁଛନ୍ତି । ସେହି ପରି ଏହି ସଂପ୍ରଦାୟର ଆଉକିଛି ପରିବାରକୁ ଯୋଗାଯୋଗ କଲେ ସେମାନେ କହନ୍ତି ଯେ ନୁଆପିଢିରେ ଆଉ ଯୋଗୀ ବୃତ୍ତି କୁ ଆପଣେଇବାକୁ କେହି ରାଜି ନୁହନ୍ତି । ସେମାନେ ଉଚ୍ଚ ଶିକ୍ଷିତ ହେବା ସହ ନିଜର ଶିକ୍ଷାଗତ ଯୋଗ୍ୟତା ଅନୁସାରେ ନିଜକୁ ନିୟୋଜିତ କରିବାରେ ଲାଗିଛନ୍ତି । କିଏ ଚାକିରି କରୁଛିତ କିଏ ବ୍ୟବସାୟ କରୁଛି ଓ ଆଉ କେହି ଚାଷ ବାଷ ରେ ମନ ନିବେଶ କରୁଛି । ତେଣୁ ସେମାନେ ଭାବପ୍ରବଣତାର ସହ ପ୍ରକାଶ କରନ୍ତି ଯେ ଆଗାମୀ କିଛି ବର୍ଷରେ ଗାଁରେ କେହି ବି ଯୋଗୀ ହେବାକୁ ବାହାରିବେ ନାହିଁ । ତେଣୁ ଏପରି ଏକ ନିଆରା ସଂପ୍ରଦାୟକୁ ବିଲୁପ୍ତ ହେବାରୁ ବଞ୍ଚାଇ ରଖିବା ପାଇଁ ସରକାରୀ ବା ବେସରକାରୀ ସ୍ତରରେ ଚେଷ୍ଟିତ ହେବା ନିତ୍ୟାନ୍ତ ଆବଶ୍ୟକ । ଅନ୍ୟ ରାଜ୍ୟ ପରି ଯେପରିକି ପଶ୍ଚିମବଙ୍ଗ, ସେଠାରେ ଯୋଗୀର ସମାନ୍ତରାଳ ପରମ୍ପରା ବାଉଲ୍ ସଂଗୀତ କୁ ସରକାରୀ ସିକୃତି ମିଳିବା ସହ ତାହା ଜନମାନସରେ ମଧ୍ୟ ଆଦୃତ ହୋଇସାରିଛି । ଯାହା ଫଳରେ ବାଉଲ୍ ସଂପ୍ରଦାୟ ଭିକ୍ଷାବୃତ୍ତିରୁ ନିବୃତ୍ତ ରହି ଏବେ ନିଜକୁ ସଂଗୀତର ତାଳେ ତାଳେ ନିୟୋଜିତ କରି ପ୍ରତିଷ୍ଠିତ ହୋଇ ପାରିଲେଣି । ସଂଗୀତ ମାଧ୍ୟମରେ ନିଜର ପରିଚୟ ସୃଷ୍ଟି କରିବା ପାଇଁ ସରକାରୀ ପ୍ରୋତ୍ସାହନ ପାଇପାରୁ ଥିବାରୁ ଅଧୁନିକ ଯୁଗରେ ନିଜ ଜୀବନ ଶୈଳିରେ ମଧ୍ୟ ପରିବର୍ତ୍ତନ ଆଣିପାରିଛନ୍ତି । ଏଣୁ ଯଦି ଆମ ରାଜ୍ୟରେ ଯୋଗୀ ସଂପ୍ରଦାୟକୁ ସମାନ ପ୍ରୋତ୍ସାହନ ମିଳିପାରନ୍ତା ତେବେ ବୁଡ଼ିଯାଉଥିବା କୌଳିକ ବୃତ୍ତିକୁ ସେମାନେ ଉଜ୍ଜିବିତ ରଖିବା ସହ ନିଜକୁ ପ୍ରତିଷ୍ଠିତ କରି ଏକତାରା ଓ କେନ୍ଦେରା ପରି ଦୁଇ ବାଦ୍ୟ ଯନ୍ତ୍ର କୁ ନବ ଜନ୍ମ ଦେଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରିପାରନ୍ତେ ବୋଲି ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି ।




ଆକ୍ସନ୍ ମୁଡ୍‌ରେ ଭିଜିଲାନ୍ସ

# ଧରାପଡିଲେ ଯନ୍ତ୍ରୀ, ଆରଆଇ

## ବିଲ୍ ପାସ ପାଇଁ ନେଉଥିଲେ ମୋଟା ଅଙ୍କର ଅର୍ଥ

**ଭୁବନେଶ୍ୱର :** ଭୁବନେଶ୍ୱର ବ୍ଲକରେ କାମ କରୁଥିବା ଜଣେ କୋଟିପତି କିରାଣୀ ଏବେ ଭିଜିଲାନ୍ସ ଜାଲରେ ପଡିଛନ୍ତି। ସରକାରୀ ବିଲ୍ ପାସ ପାଇଁ ମୋଟା ଅଙ୍କର ଅର୍ଥ ଦାବି କରୁଥିବା ଏହି ବାବୁ ଜଣଙ୍କ ହେଲେ ଶୁଭେନ୍ଦୁ ପ୍ରଧାନ। ନିଜ ପୈତୃକ ଗ୍ରାମ ବ୍ୟତିରେକ ରାଜଧାନୀରେ ବିଳାସମୟ ପ୍ରାସାଦ ନିର୍ମାଣ କରିଥିବା କୋଟିପତି ଯନ୍ତ୍ରୀ ଜଣକ ଲାଞ୍ଚ ଖାଇବାରେ ଏତେ ମାହିର ଯେ ସେ ସରକାରୀ ନୀତିନିୟମକୁ ଖୋଲାଖୋଲି ଉଲ୍ଲଘଂନ କରିପାରନ୍ତି। ସୂଚନା ଅନୁସାରେ ଶୁଭେନ୍ଦୁଙ୍କର ଭୁବନେଶ୍ୱରରେ ୧୨ଲକ୍ଷ ଟଙ୍କାର ଜମି, ଜଟଣୀରେ ୨୦ଲକ୍ଷ ଟଙ୍କାର ଆପାର୍ଟମେଣ୍ଟ, ପଳାଶୁଣିରେ ୨୯ଲକ୍ଷ ଟଙ୍କାର ଫ୍ଲାଟ୍ ଏବଂ ହାଉସିଂ ବୋର୍ଡ କଲୋନିରେ ୧୬ଲକ୍ଷ ଟଙ୍କାର ଘର ଅଛି। ହାଉସିଂ ବୋର୍ଡ କଲୋନୀରେ ରହୁଛନ୍ତି ଏହି କୋଟିପତି ଯନ୍ତ୍ରୀ। ୧୨ଲକ୍ଷ ଟଙ୍କାର ଗାଡି ଚଢୁଛନ୍ତି। ସମ୍ପୃକ୍ତ ଯନ୍ତ୍ରୀଙ୍କର ଏଭଳି କୋଟିଏ ୨୧ଲକ୍ଷ ୨୭ ହଜାର ୪୧୩ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରିଛି ଭିଜିଲାନ୍ସ। ଏହି କୋଟିପତି କନିଷ୍ଠଯନ୍ତ୍ରୀ ହେଉଛନ୍ତି ଭୁବନେଶ୍ୱର ବ୍ଲକର ଶୁଭେନ୍ଦୁ ପ୍ରଧାନ। ତାଙ୍କ ଘର ପୁରୀ ଜିଲ୍ଲା କାକଟପୁର ଶ୍ରୀଚନ୍ଦନପୁର ଗ୍ରାମରେ। ସେ ଭୁବନେଶ୍ୱର ଡୁମୁଡୁମା ହାଉସିଂ ବୋର୍ଡ କଲୋନୀରେ ରହୁଛନ୍ତି। ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ୍‌ର ତିନୋଟି ଟିମ୍ ଏକ ସଙ୍ଗରେ କାକଟପୁର ପୈତୃକ ଘର, ବ୍ଲକ ଅଫିସ ଓ ବରମୁଣ୍ଡା ହାଉସିଂ ବୋର୍ଡ କଲୋନିର ଫେଜ୍ ୨ରେ ଥିବା ଘରେ ଚଢ଼ଉ କରିବା ପରେ ଏହିସବୁ ସମ୍ପତ୍ତି ଠାବ ହୋଇଛି। ଡୁମୁଡୁମାରେ ଏକ ତିନିମହଲା କୋଠା ରହିଛି ଯାହାର ଆନୁମାନିକ ମୂଲ୍ୟ ୧୬ଲକ୍ଷ ୪୪ ହଜାର ୭୨୦ ଟଙ୍କା, ପଳାଶୁଣିରେ ଭଡା ଦିଆଯାଇଥିବା ଫ୍ଲାଟ୍‌ର ମୂଲ୍ୟ ୨୯ଲକ୍ଷ ୨୧ ହଜାର ୮୭୫ ଟଙ୍କା, ଜଟଣୀ କଣ୍ଟିଲୋରେ ଏକ ଆପାର୍ଟମେଣ୍ଟ ରହିଛି ଯାହାର ମୂଲ୍ୟ ୨୦ଲକ୍ଷ ୩୫ ହଜାର ୨୦୦ ଟଙ୍କା ଆକଳନ କରାଯାଇଛି। ନିଜ ଗାଁରେ ଏକ ମହଲା ବିଶିଷ୍ଟ କୋଠାର ମୂଲ୍ୟ ୧୦ଲକ୍ଷ ୭୧ ହଜାର ୫୫୩ ଟଙ୍କା ଆକଳନ କରାଯାଇଛି। ଭୁବନେଶ୍ୱର ଓ କାକଟପୁରରେ ୪ଟି ପ୍ଲଟ ରହିଛି ଯାହାର ଆନୁମାନିକ ମୂଲ୍ୟ ୧୨ ଲକ୍ଷ ୬ ହଜାର ୬୫୦ ଟଙ୍କା ଆକଳନ କରାଯାଇଛି। ସେହିଭଳି ସେ ବ୍ୟବହାର କରୁଥିବା ୪ ଚକିଆ ଯାନର ମୂଲ୍ୟ ୧୨ଲକ୍ଷ ୬୦ ହଜାର, ଦୁଇଟି ଦୁଇଚକିଆ ଯାନର ମୂଲ୍ୟ ୧ଲକ୍ଷ ୭୩ ହଜାର ୫ଶହ, ଜମି କିଣିବା ପାଇଁ ସେ ୨ଲକ୍ଷ ୮୯ ହଜାର ଟଙ୍କା ଅଗ୍ରୀମ ଦେଇଥିବା ଜଣାପଡିଛି। ବିଭିନ୍ନ ବ୍ୟାଙ୍କରେ



୨ଲକ୍ଷ ୧ ହଜାର ଟଙ୍କା ଜମା ରହିଛି, ୭୨ ହଜାର ୨୦୦ ଟଙ୍କା ମୂଲ୍ୟର ସୁନା ଗହଣା, ନଗଦ ୫ ହଜାର ଟଙ୍କା ଓ ଘରେ ଥିବା ସାମଗ୍ରୀର ମୂଲ୍ୟ ୧୨ଲକ୍ଷ ୪୪ ହଜାର ୭୧୫ ଟଙ୍କା ଆକଳନ କରାଯାଇଛି। ଦୀର୍ଘଦିନ ଧରି ଶୁଭେନ୍ଦୁ ଏଠାରେ କନିଷ୍ଠ ଯନ୍ତ୍ରୀ ଭାବରେ କାମ କରୁଥିଲେ। ବିଭିନ୍ନ ପ୍ରକଳ୍ପରେ ବିଲ୍ ପାସ୍ କରିବା ପାଇଁ ମୋଟା ଅଙ୍କର ଅର୍ଥ ଦାବି କରୁଥିଲେ। ଏ ନେଇ ଭିଜିଲାନ୍ସ ପାଖରେ ଅଭିଯୋଗ ରହିଥିଲା। ଏ ନେଇ ଭିଜିଲାନ୍ସ ଏକ ମାମଲା ରୁଜୁ କରିବା ସହ ଯୋଜନାବଦ୍ଧ ଭାବରେ ତିନୋଟି ଜାଗାରେ ଚଢ଼ଉ କରିଥିଲା। ଜବତ ହୋଇଥିବା ସମସ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ରର ଯାଞ୍ଚ କରାଯାଉଛି। ଏ ସବୁର ଆକଳନ କରାଯିବା ପରେ ଚାର୍ଜଫ୍ରେମ୍ ପ୍ରସ୍ତୁତ ହେବ ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ଭିଜିଲାନ୍ସ ବିଭାଗ ରାଜସ୍ୱ ବିଭାଗକୁ ଲିଖିତ ଭାବେ ଅବଗତ କରିବା ପରେ ଏହି ଅଭିଯୁକ୍ତ ଯନ୍ତ୍ରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବ ବୋଲି ଜଣାପଡିଛି।

## ବିପୁଳ ସମ୍ପତ୍ତିର ମାଲିକ

**ପୁରୀ :** ସବୁବେଳେ ଶୁଣାଯାଏ ଯେ, ରାଜସ୍ୱ ବିଭାଗ କର୍ମଚାରୀମାନେ ବେଧଡକ ଲାଞ୍ଚ ଖାଆନ୍ତି। ଯେଉଁଥିପାଇଁ ସେମାନଙ୍କ ସମ୍ପତ୍ତିର ପରିମାଣ ପାଉଥିବା ଦରମାର ବହୁଗୁଣ ଅଧିକ। ତେବେ ବର୍ତ୍ତମାନ ଭିଜିଲାନ୍ସ ହାତରେ ଧରାପଡିଥିବା କର୍ମଚାରୀ ଜଣକ ହେଉଛନ୍ତି ପୁରୀ ବାଲୁଖଣ୍ଡ ଆର୍‌ଆଇ ସର୍କଲର ରାଜସ୍ୱ ନିରୀକ୍ଷକ ବସନ୍ତ କୁମାର ମହାନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବସନ୍ତଙ୍କ ଘର ଉପରେ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। ଶ୍ରୀ ମହାନ୍ତି ଚାକିରିରୁ ଅବସର ନେବା ପରେ ବର୍ତ୍ତମାନ ପୁନଶ୍ଚ ରାଜସ୍ୱ ନିରୀକ୍ଷକ ଇନ୍‌ଚାର୍ଜ ଓ ବାଲୁଖଣ୍ଡ ୧୦୮ ରେଭିନ୍ୟୁ ସର୍କଲ ଦାୟିତ୍ୱରେ ଥିଲେ। ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନର ଅଧିକାରୀମାନେ ସର୍ଚ୍ଚ ୱାରେଣ୍ଟ ବଳରେ ଏକ ସଙ୍ଗେ ୭ଟି ସ୍ଥାନରେ ଚଢ଼ଉ କରାଯାଇଥିଲା। ପୁରୀ ଫ୍ରେଣ୍ଡସ୍ କ୍ଲବ ଗଳିସ୍ଥିତ ତାଙ୍କର ବାସଭବନ, କୁମୁଟି ବଗିଚା ସ୍ଥିତ ୩ ମହଲା କୋଠା, ଚର୍ଚ୍ଚ ଲେନ୍ ସ୍ଥିତ ୨ ମହଲା କୋଠାଘର, କେନ୍ଦ୍ରାପଡ଼ା ଜିଲ୍ଲା କୁରୁଣ୍ଟି ଗ୍ରାମରେ ଥିବା ପୈତୃକ ବାସଭବନ, ଫେଣ୍ଡସ୍ କ୍ଲବ ଗଳିରେ ଥିବା ତାଙ୍କ ସମ୍ପର୍କୀୟଙ୍କ ବାସଭବନ, ଚର୍ଚ୍ଚ ଲେନ୍ ସ୍ଥିତ ତାଙ୍କ ସହଯୋଗୀଙ୍କ ବାସଭବନ,



ବାଲୁଖଣ୍ଡ ଆର୍‌ଆଇ ଅଫିସର ଅଫିସ ପ୍ରକୋଷ୍ଠ ଉପରେ ଏକକାଳୀନ ଚଢ଼ଉ କରାଯାଇଥିଲା। ଭୁବନେଶ୍ୱର ଭିଜିଲାନ୍ସ ବିଭାଗ ସ୍ୱତନ୍ତ୍ର ଜଜଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଚଢ଼ଉ କରାଯାଇଥିଲା। ସର୍ଚ୍ଚ ଓ ଖାନତଲାସ ସମୟରେ ବସନ୍ତ କୁମାର ମହାନ୍ତିଙ୍କଠାରୁ ୧କୋଟି ୫୩ଲକ୍ଷ ୪୯ହଜାର ୬୭ଟଙ୍କାର ବିଭିନ୍ନ ଜିନିଷପତ୍ର ଜବତ କରାଯାଇଛି। ଏହା ମଧ୍ୟରେ ଗୋଟିଏ ୩ମହଲା ବିଶିଷ୍ଟ କୋଠାଘର, ଗୋଟିଏ ୨ମହଲା ବିଶିଷ୍ଟ କୋଠାଘର, ୨ଟି ୧ମହଲା ବିଶିଷ୍ଟ କୋଠାଘର, ଗୋଟିଏ ପଡ଼ିଆ, ୫ଟି ଦୁଇଚକିଆ ଯାନ, ବିଭିନ୍ନ ବ୍ୟାଙ୍କର ଜମା ଖାତା, ସୁନା ଏବଂ ରୂପା ଅଳଙ୍କାର ଆଦି ଅନ୍ତର୍ଭୁକ୍ତ। କୁମୁଟି ବଗିଚାରେ ଥିବା କୋଠାଘରର ମୂଲ୍ୟ ୪୯ଲକ୍ଷ ୭୮ହଜାର ୯୯୩ଟଙ୍କା ଓ ଚର୍ଚ୍ଚ ଲେନ୍‌ରେ ଥିବା କୋଠାଘରର ମୂଲ୍ୟ ୨୬ଲକ୍ଷ ୭ହଜାର ୪୦୦ଟଙ୍କା ହେବ ବୋଲି ଆକଳନ କରାଯାଇଛି।

## ମୁଖ୍ୟମନ୍ତ୍ରୀ କର୍ମନିଯୁକ୍ତି ଯୋଜନାରେ ୧୧.୩୨ ଲକ୍ଷଙ୍କୁ ତାଲିମ

**ଭୁବନେଶ୍ୱର :** ନିଯୁକ୍ତି ଭିତ୍ତିରେ ତାଲିମ କାର୍ଯ୍ୟକ୍ରମରେ ୨୦ ହଜାର ଯୁବକ ଯୁବତୀ ନିଯୁକ୍ତି ପାଇଛନ୍ତି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ତଥ୍ୟରୁ ଏହା ଜଣାପଡ଼ିଛି। ବେକାରୀ ସମସ୍ୟାର ସମାଧାନ କରିବା ପାଇଁ ରାଜ୍ୟ ସରକାର ଅଭିନବ ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ଜରିଆରେ ‘ନିଯୁକ୍ତି ଭିତ୍ତିରେ ତାଲିମ କାର୍ଯ୍ୟକ୍ରମ’ (ପିଏଲଟିପି) କାର୍ଯ୍ୟକାରୀ କରିଛନ୍ତି। ଏଥିରେ ବହୁ ବେସରକାରୀ ସଂସ୍ଥା ବି ସାମିଲ ହୋଇଛନ୍ତି। ଓଡ଼ିଶାରେ ପ୍ରାୟ ଦଶ ଲକ୍ଷରୁ ଅଧିକ ବେକାର ଯୁବକ ଯୁବତୀ ଚାକିରୀ ପାଇଁ ନିଜର ନାମକୁ ପଞ୍ଜିକୃତ କରିଛନ୍ତି। ତେବେ ଲକ୍ଷାଧିକ ଯୁବକ ଯୁବତୀ ନିଜର ବୟସ ଗଡ଼ିଯିବାରୁ ଚାକିରି ମୋହ ଛାଡ଼ି ଅନ୍ୟ କିଛି କର୍ମସଂସ୍ଥାନ କରି ପେଟ ପୋଷୁଛନ୍ତି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ‘ଦକ୍ଷତା ବିକାଶ କାର୍ଯ୍ୟକ୍ରମ’କୁ ତ୍ୱରାନ୍ୱିତ କରାଇ ଅଧିକରୁ ଅଧିକ ଯୁବକ ଯୁବତୀଙ୍କ ପାଇଁ କର୍ମ ନିଯୁକ୍ତି ଓ ଆତ୍ମ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ୨୦୧୪-୧୫ ଆର୍ଥିକ ବର୍ଷରେ ଏକ ନୂତନ କାର୍ଯ୍ୟକ୍ରମ ‘ମୁଖ୍ୟମନ୍ତ୍ରୀ କର୍ମ ନିଯୁକ୍ତି ଯୋଜନା’ ଆରମ୍ଭ କରିଥିଲେ। ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ୧୧.୩୨ ଲକ୍ଷଙ୍କୁ ବେକାର ଯୁବକ ଯୁବତୀଙ୍କୁ ତାଲିମ ଦିଆ ଯାଇଛି। ହେଲେ ଓଡିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ଦ୍ୱାରା ଯୁବକ ଯୁବତୀଙ୍କୁ ଅଧିକ ସଂଖ୍ୟାରେ ନିଯୁକ୍ତି ଦେବା ଉଦ୍ଦେଶ୍ୟରେ ‘ନିଯୁକ୍ତି ଭିତ୍ତିରେ ତାଲିମ କାର୍ଯ୍ୟକ୍ରମ’ ୨୦୧୧-୧୨ରେ ଆରମ୍ଭ ହୋଇଥିଲା।

## ଶ୍ରୀକ୍ରୀଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲରେ ସାଧାରଣତନ୍ତ୍ର ଦିବସ

**ଭୁବନେଶ୍ୱର :** ଭୁବନେଶ୍ୱର ସ୍ଥିତ ମଳିପଡା ସ୍ଥିତ ଶ୍ରୀକ୍ରୀଷ୍ଣା ଇଣ୍ଟର ନ୍ୟାସନାଲ ସ୍କୁଲରେ ସାଧାରଣ ତନ୍ତ୍ର ଦିବସ ଉତ୍ସବ ସରକାରଙ୍କ କୋଭିଡ୍ ନିୟମ ନିର୍ଦ୍ଦେଶାବଳୀକୁ ସମ୍ମାନ ଜଣାଇ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଚେୟାରମ୍ୟାନ୍ ପବିତ୍ର ରାଉତରାୟ ଦଶମ ଓ ଦ୍ୱାଦଶ ଶ୍ରେଣୀର ପିଲାମାନେ, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଧ୍ୟକ୍ଷଙ୍କ ଉପସ୍ଥିତିରେ ପତାକା ଉତ୍ତୋଳନ କରିଥିଲେ। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବିଦ୍ୟାଳୟର ଦଶମ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ବ୍ୟତୀତ ଅନ୍ୟାନ୍ୟ ଶ୍ରେଣୀର ଛାତ୍ରଛାତ୍ରୀମାନେ ନିଜ ନିଜ ଘରେ ଅନଲାଇନ ମାଧ୍ୟମରେ ଉତ୍ସବକୁ ଉପଭୋଗ କରି ଜାତୀୟ ସଙ୍ଗୀତ ଗାନ କରିଥିଲେ। ଏହି ଉତ୍ସବରେ ଅଧ୍ୟକ୍ଷ ଡ. ସ୍ୱରୂପା ନନ୍ଦ ମିଶ୍ର ସଭାପତିତ୍ୱ କରିଥିଲେ ଏବଂ କୋଭିଡ୍ ପରିସ୍ଥିତି ସହିତ ଖାପ ଖୁଆଇ ପିଲାମାନେ କିପରି ନିଜକୁ ସନ୍ତୁଳନ ରଖି ବିଦ୍ୟା ଅଧ୍ୟୟନ କରିପାରିବେ ତାହା ପିଲାମାନଙ୍କୁ ତାଙ୍କ ମର୍ମସ୍ପର୍ଶୀ ଭାଷଣରେ ପ୍ରେରଣା ଯୋଗାଇଥିଲେ। ବିଦ୍ୟାଳୟର ଚେୟାରମ୍ୟାନ୍ ତାଙ୍କର ଉଦ୍‌ବୋଧନରେ ପିଲାମାନଙ୍କୁ ଶୃଙ୍ଖଳିତ ହେବା, ନିଜ ମନକୁ ସଂଯମ ରଖିବା, ଗୁରୁଜନ ମାନଙ୍କ ସେବା କରିବା ଓ ତାଙ୍କୁ ସମ୍ମାନ ଦେବା, ନିଜ ଭବିଷ୍ୟତ ପଥକୁ ନିର୍ଣ୍ଣୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଏହି କୋଭିଡ୍ ପରିସ୍ଥିତିରେ ଆମ୍ଭେମାନେ କିପରି ଜୀବନ ଓ ଜୀବିକାକୁ ଏକ ସମାନ୍ତରାଳ ଭାବରେ ଆଗେଇ ନେଇପାରିବା ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ବିଶିଷ୍ଟ ଶିକ୍ଷାବିତ ଓ ସମାଜ ସେବକ ଅବସର ପ୍ରାପ୍ତ ଶିକ୍ଷକ ଜଲ୍ଲିଲ ଖାଁ ବିଦ୍ୟାଳୟର ପରିବେଶ ଓ ଉନ୍ନତମାନର ପାଠପଢ଼ାକୁ ଭୂରି ପ୍ରଶଂସା କରିଥିଲେ ଏବଂ ବିଦ୍ୟାଳୟର ସମସ୍ତ ଅଭିଭାବକ, ଛାତ୍ରଛାତ୍ରୀ ଓ ସମସ୍ତ କର୍ମଚାରୀଙ୍କୁ ନିଜର କର୍ମକୁ ସୁଚାରୁରୂପେ ତୁଲାଇବା ପାଇଁ ପ୍ରେରଣା ଦେଇଥିଲେ। ଛୋଟଛୋଟ ପିଲାମାନେ ଅନଲାଇନ ଓ ଅଫଲାଇନ୍ ମାଧ୍ୟମରେ ନୃତ୍ୟ ଓ ଗୀତ ପରିବେଷଣ କରିଥିଲେ। ଯାହାକିଛି ସମୟ ପାଇଁ ସମସ୍ତଙ୍କ ମନରେ ଦେଶ ପ୍ରୀତିର ଏକ ସୁନ୍ଦର ପରିବେଶ ସୃଷ୍ଟି କରିପାରିଥିଲେ। ଏହି ପରିପ୍ରେକ୍ଷୀରେ ସମସ୍ତ ଅତିଥିମାନଙ୍କ ଦ୍ୱାରା ଏକ ମାଗାଜିନ୍ ଉନ୍ମୋଚନ କରାଯାଇଥିଲା। ବିଦ୍ୟାଳୟର ଉପାଧ୍ୟକ୍ଷ କବିନ୍ଦ୍ର ଦାଶ ସ୍ୱରଚିତ ଏକ ଦେଶାତ୍ମକ କବିତା ‘ମାତୃଭୂମି ଭାରତ’କୁ ବର୍ଣ୍ଣନା କରି ସଭା ଶେଷ କରିଥିଲେ।




## ଆଜିର ସୃଜନୀ ପକ୍ଷରୁ ରିୟାଜଙ୍କୁ ୫ ହଜାର ଟଙ୍କା ସହାୟତା ରାଶି ପ୍ରଦାନ

**ଭୁବନେଶ୍ୱର :** ମହିଳା ସ୍ୱେଚ୍ଛାସେବୀ ସଂଗଠନ ଆଜିର ସୃଜନୀ ପକ୍ଷରୁ ଦୁର୍ଘଟଣାରେ ଶିକାର ହୋଇଥିବା ବସ୍ତି ଅଞ୍ଚଳର ଜଣେ ସ୍କୁଲ ଛାତ୍ରଙ୍କୁ ୫ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବା ସହ ଅନୁଷ୍ଠାନ ପକ୍ଷରୁ ହୋଇଥିବା ଗୀତ ଓ ଡ୍ରଇଂ ପ୍ରତିଯୋଗିତାରେ ଭାଗ ନେଇ ବିଜେତା ହୋଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ନାରୀ ସଶକ୍ତିକରଣ ଲକ୍ଷ୍ୟରେ ଆଜିର ସୃଜନୀ ବସ୍ତି ଅଞ୍ଚଳର ମହିଳାମାନଙ୍କୁ ବିଭିନ୍ନ ପ୍ରକାର ଧନ୍ଦାମୂଳକ ତାଲିମ ପ୍ରଦାନ କରିବା ସହିତ ବସ୍ତିରେ ରହି ପାଠ ପଢୁଥିବା ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ସମୟରେ ସହାୟତା ଯୋଗାଇ ଦିଆଯାଉଛି। ପୁଷ୍ଟିହୀନତା ଭୋଗ କରୁଥିବା ଶିଶୁମାନଙ୍କୁ ମଧ ଆଜିର ସୃଜନୀ ସହାୟତା ଦେବା ସହିତ ଆଗାମୀ ଦିନରେ ବସ୍ତି ପିଲାଙ୍କ ଭିତରେ ପାଠ ପଢ଼ାଇବାର ଆଗ୍ରହ ସୃଷ୍ଟି କରିବା ଲକ୍ଷ୍ୟରେ କାର୍ଯ୍ୟଧାରା ଜାରି ରଖିଛି। ଏଥିପାଇଁ ଅନୁଷ୍ଠାନ ସମର୍ପିତ ହେବା ସହିତ ମହିଳା ମାନଙ୍କ ସୁସ୍ଥ ଓ ସୁରକ୍ଷିତ ଜୀବନ ପାଇଁ ଚେଷ୍ଟା କରୁଛି। ଆଜିର କାର୍ଯ୍ୟକ୍ରମରେ ରିୟାଜଙ୍କ ମା’ ଏହି ଅନୁଦାନ ରାଶି ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ସୁଜାତା ନନ୍ଦ, ଅଭିଳାଷ ନନ୍ଦ ପ୍ରମୁଖ ଉପସ୍ଥିତ ରହିଥିଲେ।



## ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ

**ନବରଙ୍ଗପୁର :** ସ୍ଥାନୀୟ ଆଖଣ୍ଡଳମଣି ମନ୍ଦିର ପରିସରରେ ବରିଷ୍ଠ ନାଗରିକ ସଂଘର ତୃତୀୟ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ରାଧାନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବେ ଉପ ଜିଲ୍ଲାପାଳ ଭାସ୍କର ରଇତ,ସମ୍ମାନୀତ ଅତିଥି ଭାବେ ତହସିଲଦାର ରବିନ୍ଦ୍ର ରାଉତ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂପାଦକ ବି ରାମମୂର୍ତ୍ତୀ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ସଂଘର ଏକ କାର୍ଯ୍ୟାଳୟ ଓ ସମ୍ମିଳନୀ କକ୍ଷ ନିର୍ମାଣ ପାଇଁ ଏକ ସ୍ଥାନ ପ୍ରଦାନ କରିବାକୁ କୋଷାଧ୍ୟକ୍ଷ ତଥା ବରିଷ୍ଠ ସମାଜସେବୀ ଜଗନ୍ନାଥ ମହାପାତ୍ର ଅତିଥି ମାନଙ୍କୁ ଅନୁରୋଧ କରିଥିଲେ। ଏହା ବ୍ୟତୀତ ବରିଷ୍ଠ ନାଗରିକ ମାନଙ୍କ ନିମନ୍ତେ କରୋନା ଟୀକା ପାଇଁ ସ୍ୱତନ୍ତ୍ର ଭାବେ ଗୋଟିଏ ଦିନ ସ୍ଥିର କରିବାକୁ ଅନୁରୋଧ କରାଯାଇଥିଲା। ଏହି ଦୁଇଟି ପ୍ରସ୍ତାବକୁ ଅତିଶୀଘ୍ର କାର୍ଯ୍ୟକାରୀ କରିବାକୁ ମୂଖ୍ୟ ଅତିଥି ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି ଚନ୍ଦ୍ର କୁମାର ଆଚାର୍ଯ୍ୟ, ସଂପାଦକ ଲକ୍ଷ୍ମୀ ଚନ୍ଦ୍ର ମିଶ୍ରଙ୍କ ସମେତ ନୀରଞ୍ଜନ ମିଶ୍ର,ୱାଇ ଜଗନ୍ନାଥ ପଟ୍ଟନାୟକ,ଜଗଦିଶ ଚନ୍ଦ୍ର ତ୍ରିପାଠୀ,ବିଜୟ କୁମାର ଚୌଧୂରୀ, ନାରାୟଣ ପଣ୍ଡା,ଗଣେଷ ଦାଶ,ଫଣି ବୈଦ,ଗୋପବନ୍ଧୁ ବିଷୋୟୀ ପ୍ରମୁଖ ଉପସ୍ଥିତ ରହିଥିଲେ।





PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286

PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455



30ft Internal Road
Mouza : Pandiapada
Contact Immediately :
8658607286 / 8917571455

PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455



Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** — ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର
Managing Editor : **Laxmipriya Dash** — ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ
Editor : **Tarak Mohanty** — ସମ୍ପାଦକ : ତାରକ ମହାନ୍ତି